


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୬ ନଭେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 06 NOVEMBER 2021
Vol.No. 32 ■ No. 282 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ଏବର୍ଷର ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମୁମ୍ବାଇ କ୍ରୁଜ୍ ଡ୍ରଗ୍ସ ମାମଲାରୁ ହଟିଲେ ସମୀର ୱାଙ୍ଖେଡେ



ମୁମ୍ବାଇ,୦୫/୧୧ (ନି.ପ୍ର): ମେଗା ଷ୍ଟାର ଶାହରୁଖ ଖାନଙ୍କ ପୁଅ ଆର୍ଯ୍ୟନଙ୍କ ଡ୍ରଗ୍ସ ଲିଙ୍କ ମାମଲାର ତଦନ୍ତ କରୁଥିବା ଏନସିବିର ଜୋନାଲ ନିର୍ଦ୍ଦେଶକ ସମୀର ୱାଙ୍ଖେଡେଙ୍କୁ ଜୋରଦାର ଝଟକା ଲାଗିଛି । ତାଙ୍କୁ ଏହି ମାମଲାର ତଦନ୍ତ ଦାୟିତ୍ୱରୁ ଏନସିବି ମୁଖ୍ୟାଳୟ ବିଦା କରିଛି । ମୁମ୍ବାଇ କ୍ରୁଜ୍ ଡ୍ରଗ୍ସ ପାର୍ଟି ମାମଲାରେ ସମୀର ୱାଙ୍ଖେଡେ ହିଁ ଆର୍ଯ୍ୟନଙ୍କୁ ଗିରଫ କରିଥିଲେ । ତେବେ ତାଙ୍କ ନାଁରେ ୮ କୋଟି ଟଙ୍କାର ଲାଞ୍ଚ କାରବାରର ଅଭିଯୋଗ ଆସିବା ପରେ ହଇଚଇ ସୃଷ୍ଟି ହୋଇଥିଲା । ଏବେ ତାଙ୍କୁ ଆର୍ଯ୍ୟନଙ୍କ ମାମଲାର ତଦନ୍ତ ଦାୟିତ୍ୱରୁ ବିଦା କରାଯାଇଛି । ସେ ମୁମ୍ବାଇ କ୍ରୁଜ ଡ୍ରଗ୍ସ ପାର୍ଟି ଘଟଣାର ତଦନ୍ତ ଆଉ କୌଣସି ପ୍ରକାରରେ କରିପାରିବେ ନାହିଁ । ସେହିପରି ତାଙ୍କୁ ମୁମ୍ବାଇର ଜୋନାଲ ଅଫିସରୁ ଦିଲ୍ଲୀ ସ୍ଥିତି ଏନସିବି ମୁଖ୍ୟାଳୟକୁ ବଦଳି କରାଯାଇଛି । ଏବେ ଆର୍ଯ୍ୟନଙ୍କ ମାମଲାର ତଦନ୍ତ ଏସ୍ଆଇଟି କରିବ । ବରିଷ୍ଠ ପୁଲିସ ଅଧିକାରୀ ସଞ୍ଜୟ ସିଂହ ଏହାର ମୁଖ୍ୟ ରହିଛନ୍ତି । କେବଳ ଆର୍ଯ୍ୟନଙ୍କ ମାମଲା ନୁହେଁ ସମୀର ୱାଙ୍ଖେଡେ ତଦନ୍ତ କରୁଥିବା ଆଉ ୪ଟି କେସ୍‌ର ଦାୟିତ୍ୱ ମଧ ସଞ୍ଜୟ ସିଂହଙ୍କ ଟିମକୁ ମିଳିଛି । ଏହା ମଧରେ ମହାରାଷ୍ଟ୍ର ମନ୍ତ୍ରୀ ନବାବ ମଲିକଙ୍କ ଜ୍ୱାଇ ସମୀର ଖାନଙ୍କ ଡ୍ରଗ୍ସ ଲିଙ୍କ ମାମଲା ରହିଛି । ସମୀର ଖାନଙ୍କୁ ସୀମର ୱାଙ୍ଖେଡେ ହିଁ ଡ୍ରଗ୍ସ ଲିଙ୍କ ଅଭିଯୋଗରେ ଗିରଫ କରିଥିଲେ । ତେବେ ସେ ବର୍ତ୍ତମାନ ଜାମିନରେ ଅଛନ୍ତି । ଆର୍ଯ୍ୟନଙ୍କୁ ଛାଡ଼ିବା ପାଇଁ ହୋଇଥିବା ୨୫ କୋଟିର ଡିଲ୍‌ରୁ ସମୀର ୱାଙ୍ଖେଡେ ୮ଟି କୋଟି ନେଇଥାଆନ୍ତେ ବୋଲି ମୁମ୍ବାଇ କ୍ରୁଜ ଡ୍ରଗ୍ସ ପାର୍ଟିର ସାକ୍ଷୀ ପ୍ରଭାକର ସୈଲ ଅଭିଯୋଗ କରିଥିଲେ । ଏନସିବିର ଭିଜିଲାନ୍ସ ଟିମ୍ ବର୍ତ୍ତମାନ ଏହାର ତଦନ୍ତ କରୁଛି । ଏହାବାଦ୍ ସମୀର ୱାଙ୍ଖେଡେ ଜାଲ ଜାତିଗତ ପ୍ରମାଣପତ୍ର ଦେଖାଇ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷଣ ଥିବା ଆଇଆରିସି ଚାକିରି ପାଇଥିବା ମଧ ଅଭିଯୋଗ ହୋଇଥିଲା । ପୂର୍ବରୁ ଏକଥା ମହାରାଷ୍ଟ୍ର ମନ୍ତ୍ରୀ ନବାବ ମଲିକ ଉଠାଇଥିବା ବେଳେ ଗତକାଲି ଦୁଇଟି ଦଳିତ ସଂଗଠନ ଅଭିଯୋଗ କରିଥିଲେ । ଏପରି କି ସେମାନେ ଜାଲ ଜାତିଗତ ପ୍ରମାଣପତ୍ର ଦ୍ୱାରା ସରକାରୀ ଚାକିରି ପାଇଥିବା ସମୀର ୱାଙ୍ଖେଡେଙ୍କ ନାଁରେ ପୁଲିସ୍‌ରେ ଅଭିଯୋଗ କରିଥିଲେ । ସୀମର ୱାଙ୍ଖେଡେଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ଚାଲିଥିବାରୁ ତାଙ୍କୁ ଏନସିବି ମୁଖ୍ୟାଳୟକୁ ବଦଳି କରାଯାଇଥିବା କୁହାଯାଉଛି ।

## କେଦାରନାଥରେ ପହଞ୍ଚି ବାବାଙ୍କ ରୁଦ୍ରାଭିଷେକ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୦୫/୧୧: କେଦାରନାଥରେ ପ୍ରଧାନମନ୍ତ୍ରୀ ମୋଦୀ । ଶୀତ ଆସିବା ଆଗରୁ ପ୍ରତ୍ୟେକ ବର୍ଷ ୬ ମାସ ପାଇଁ ବନ୍ଦ ହୋଇଥାଏ ବାବା କେଦାରନାଥଙ୍କ ମନ୍ଦିର କବାଟ । ପାହାଡ ଉପରୁ ତଳକୁ ଆସିଥାଏ ବାବାଙ୍କ ମୁଖ୍ୟ ଶକ୍ତି , ଏହାକୁ ପୂଜା କରାଯାଇଥାଏ । ତେଣୁ ଶନିବାର ମନ୍ଦିର କବାଟ ବନ୍ଦ ହେବା ଆଗରୁ ପ୍ରତିବର୍ଷ ପରି ଏଥର ବି ପହଁଚିଥିଲେ ପ୍ରଧାନମନ୍ତ୍ରୀ । ମନ୍ଦିର ଗର୍ଭଗୃହରେ ପ୍ରାୟ ୩ ଘଣ୍ଟା ଧରି ପୂଜା ସହିତ ରୁଦ୍ରାଭିଷେକ କରିଥିଲେ । ଏହି ଅବସରରେ କେଦାରନାଥରେ ୧୩୦ କୋଟିର ପ୍ରକଳ୍ପ ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ । ପ୍ରଧାନମନ୍ତ୍ରୀ ହେବା ପରେ କେଦାରନାଥ ଧାମକୁ ଏହା ମୋଦୀଙ୍କ ୫ମ ଗସ୍ତ । ଏହି ଗସ୍ତ କାଳରେ ପ୍ରାୟ ୩ ଘଣ୍ଟା ଧରି ପ୍ରଧାନମନ୍ତ୍ରୀ ରହିଥିଲେ ବାବା କେଦାରନାଥଙ୍କ ମନ୍ଦିର ଭିତରେ । ପୂଜାର୍ଚ୍ଚନା କରିଥିଲେ, ରୁଦ୍ରାଭିଷେକ କଲେ, ମହାଆଳତୀ ବି କରିଥିଲେ ମୋଦୀ । ଭଗବାନ ଶିବଙ୍କ ପୂଜା ସରିବା ପରେ ମୋଦୀ ପରିକ୍ରମା କରିଥିଲେ କେଦାରନାଥ ମନ୍ଦିର । ଏହି ଗସ୍ତ କାଳରେ କେଦାରନାଥ ମନ୍ଦିର ଭିତରେ ପ୍ରଧାନମନ୍ତ୍ରୀଙ୍କ ରୁଦ୍ରାଭିଷେକ ପୂଜନ ଥିଲା ସବୁଠାରୁ ବଡ । ପ୍ରତ୍ୟେକ ବର୍ଷ କେଦାରନାଥ ମନ୍ଦିର ୬ ମାସ ଖୋଲା, ୬ ମାସ ବନ୍ଦ ରହିଥାଏ । ପ୍ରତ୍ୟେକ ବର୍ଷ ଶୀତ ଆସିଲେ ବରଫପାତ କାରଣରୁ ବାବା କେଦାରନାଥଙ୍କ ମନ୍ଦିର କବାଟ ୬ ମାସ ▶▶ପୃଷ୍ଠା ୭

## ଶପଥ ନେଲେ ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର



ଭୁବନେଶ୍ୱର,୦୫/୧୧(ନି.ପ୍ର): ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଶୁକ୍ରବାର ଦିନ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି । ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ. ମୁରଲୀଧର କଟକ ସ୍ଥିତ ହାଇକୋର୍ଟ ନୂଆ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ଶପଥ ପାଠ କରାଇଛନ୍ତି । ଏହି ଅବସରରେ ହାଇକୋର୍ଟର ସମସ୍ତ ବିଚାରପତିଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଭିଜିଲାନ୍ସ ଜାଲରେ ହେଡ୍ କ୍ଲର୍କ

ଭୁବନେଶ୍ୱର,୦୫/୧୧(ନି.ପ୍ର): ଭିଜିଲାନ୍ସ ଜାଲରେ ଭୁବନେଶ୍ୱର ଆର ଆଣ୍ଡ ବି ଅଧୀକ୍ଷଣ ଯନ୍ତ୍ରୀ ଅଫିସ୍‌ର ହେଡ୍ କ୍ଲର୍କ ପ୍ରଣୟ ପଟ୍ଟନାୟକ । ଜଣେ ଠିକାଦାରଙ୍କ ବିଲ୍ ପାସ୍ ପାଇଁ ୩,୫୦୦ ଟଙ୍କା ଲାଂଚ ନେଲା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ଧରାପଡ଼ିବା ପରେ ପ୍ରଣୟଙ୍କ ଭୁବନେଶ୍ୱର ସ୍ଥିତ ୨ଟି ଘରେ ଭିଜିଲାନ୍ସ ଚଢାଉ କରାଯାଇଛି ।

## ହ୍ରାସ ପାଇବ ପାମୋଲିନ୍, ସୂର୍ଯ୍ୟମୁଖୀ, ସୋୟାବିନ୍ ଓ ବାଦାମ ତେଲ ଦର



ଭୁବନେଶ୍ୱର,୦୫/୧୧(ନି.ପ୍ର): ପେଟ୍ରୋଲ ଡିଜେଲ ପରେ ଶସ୍ତା ହେଲା ଖାଇବା ତେଲ । ପାମ୍ ତେଲ, ସୋୟାବିନ୍ ଓ ସୂର୍ଯ୍ୟମୁଖୀର ଦର କମ୍ ହୋଇଛି । ପାମ୍ ତେଲ ଉପରେ କୃଷି ସେସ୍ ୨୦ ପ୍ରତିଶତରୁ କମାଇ ୭.୫ ପ୍ରତିଶତ କରିଛନ୍ତି କେନ୍ଦ୍ର ସରକାର । ସେହିପରି ସୋୟାବିନ୍ ଓ ସୂର୍ଯ୍ୟମୁଖୀ ତେଲ ଉପରେ ୫ ପ୍ରତିଶତକୁ କମିଛି କୃଷି ସେସ୍ । କେନ୍ଦ୍ର ଖାଉଟି କଲ୍ୟାଣ, ଖାଦ୍ୟ ଓ ଯୋଗାଣ ମନ୍ତ୍ରାଳୟ ଏହା ଘୋଷଣା କରିଛି । ଏହି ଘୋଷଣା ପରେ ଖାଇବା ତେଲର ଦାମ ଲିଟର ପିଛା ୫ରୁ ୨୦ ଟଙ୍କା ପର୍ଯ୍ୟନ୍ତ କମିଛି । ଅବଶ୍ୟ ବିଭିନ୍ନ ଜାଗାରେ ଅଲଗା ହାରରେ ଏହି ମୂଲ୍ୟ ହ୍ରାସ ଘଟିଛି । ଦିଲ୍ଲୀରେ ପାମ୍ ତେଲ ଲିଟର ପିଛା ୬ ଟଙ୍କା, ବାଦାମ ତେଲ ୭ଟଙ୍କା, ସୋୟାବିନ ତେଲ ଲିଟର ପିଛା ୫ଟଙ୍କା, ସୂର୍ଯ୍ୟମୁଖୀ ତେଲ ୧୦ଟଙ୍କା କମିଛି । ତେବେ ଅନ୍ୟ କେତେ ଜାଗାରେ ଏହି ଦର ୨୦ ଟଙ୍କା ପର୍ଯ୍ୟନ୍ତ କମିଛି । ଉତ୍ତର ପ୍ରଦେଶର ଆଲିଗଡ଼ରେ ପାମ ତେଲ ଲିଟର ପିଛା ୧୮ ଟଙ୍କା କମିଛି । ସେହିପରି ମେଘାଳୟର ଜୱାଇରେ ସୂର୍ଯ୍ୟମୁଖୀ ତେଲ ଦର ଲିଟର ପ୍ରତି ୨୦ ଟଙ୍କା ପର୍ଯ୍ୟନ୍ତ କମିଛି । ଏହାସହ ଖାଇବା ତେଲର ମୂଲ୍ୟକୁ ନିୟନ୍ତ୍ରଣକୁ ଆଣିବାକୁ ଆମଦାନୀ ଶୁଳ୍କକୁ ସନ୍ତୁଳିତ ସ୍ତରକୁ ଆଣିଛି । ବିଭିନ୍ନ ଖାଇବା ତେଲ କମ୍ପାନୀ ମଧ ହୋଲସେଲ ଦର ଲିଟର ପିଛା ୪ରୁ ୭ଟଙ୍କା କମାଇଛନ୍ତି । କେନ୍ଦ୍ର ସରକାରଙ୍କ ଖାଦ୍ୟ ସଚିବ ସୁଧାଂଶୁ ପାଣ୍ଡେ କହିଛନ୍ତି ଯେ, ସେ ଖାଇବା ତେଲ କମ୍ପାନୀମାନଙ୍କ ସହ କଥା ହୋଇଛନ୍ତି ଓ ଏବଂ କମ୍ପାନୀମାନଙ୍କୁ ଦର କମାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ସୋରିଷ ତେଲର ଦର ବିଷୟରେ ସୂଚନା ଦେଇ ସେ କହିଛନ୍ତି ଯେ, ଏହାର ଦର କମିନାହିଁ, ହେଲେ ଖୁବ ଶୀଘ୍ର କମିବ ବୋଲି ସେ ସଙ୍କେତ ଦେଇଛନ୍ତି ।

## ଆଜି ବିଜେଡିରେ ମିଶିବେ ପ୍ରଦୀପ ମାଝୀ

ଭୁବନେଶ୍ୱର,୦୫/୧୧(ନି.ପ୍ର): ଆସନ୍ତାକାଲି ନବରଙ୍ଗପୁରର ପୂର୍ବତନ କଂଗ୍ରେସ ସାଂସଦ ପ୍ରଦୀପ ମାଝୀ ବିଜେଡିରେ ଯୋଗ ଦେବେ । ଆସନ୍ତାକାଲି ନବରଙ୍ଗପୁରରେ ଆୟୋଜିତ ହେବାକୁ ଥିବା ବିଜେଡିର ମିଶ୍ରଣ କାର୍ଯ୍ୟକ୍ରମରେ ଯୋଗଦେବେ ପ୍ରଦୀପ । କିଛି ବରିଷ୍ଠ କଂଗ୍ରେସ ନେତା ଓ କର୍ମୀ ବି ଏହି ଅବସରରେ ବିଜେଡିରେ ସାମିଲ ହେବା ନେଇ ଯୋଜନା ରହିଛି । ଏହି ମିଶ୍ରଣ ପର୍ବରେ ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେବେ ବେଳେ ବୋଲି ସୂଚନା ମିଳିଛି । କଂଗ୍ରେସରୁ ଇସ୍ତଫା ଦେଇଥିବା ପ୍ରଦୀପ ବିଜେଡିରେ ଯୋଗ ଦେବା ନେଇ ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ । ଦକ୍ଷିଣାଂଚଳର ବିକାଶ ଲାଗି ସେ କଂଗ୍ରେସରୁ ଇସ୍ତଫା ଦେଇଥିବା କହିଥିଲେ ।

## ୟୁରୋପ ଓ ମଧ ଏସିଆରେ ସଂକ୍ରମଣକୁ ନେଇ ସତର୍କ କଲା ହୁ

### - ପଦକ୍ଷେପ ନନେଲେ ସାଂଘାତିକ ହେବ ସ୍ଥିତି
### - ଏପଟେ ଓଡ଼ିଶାରେ ୧୭୦କୁ ଖସିଲା ଦୈନିକ ସଂକ୍ରମଣ




ନୂଆଦିଲ୍ଲୀ,୦୫/୧୧: ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ମାତ୍ର ୧୭୦ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଆଉ ନଭେମ୍ବର ମାସର ପ୍ରଥମ ୫ ଦିନର ଦୈନିକ ସଂକ୍ରମଣ ଉପରେ ନଜର ପକାଇଲେ ଜଣାପଡିବ ଯେ – ପ୍ରଥମ ୪ ଦିନ ୩୦୦ ଉପରେ ସଂକ୍ରମଣ ଚିହ୍ନଟ ହେଉଥିବା ବେଳେ ୫ ତାରିଖ ଦିନ ମାତ୍ର ୧୭୦ ମାମଲା ଆସିଛି । ଗତ ମାର୍ଚ୍ଚ ୨୩ ତାରିଖ ଦିନ ରାଜ୍ୟରେ ସେହି ୧୭୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ, ଏହାପରେ ସାଢ଼େ ୭ ମାସ ପରେ ସମାନ ସଂଖ୍ୟକ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କେବଳ ସଂକ୍ରମଣ ନୁହେଁ ଟେଷ୍ଟ ପଜିଟିଭିଟି ହାର ମଧ ରାଜ୍ୟରେ ଯଥେଷ୍ଟ କମ ରହିଛି । ରାଜ୍ୟର ସମସ୍ତ ଜିଲ୍ଲାରେ ଟେଷ୍ଟ ପଜିଟିଭିଟି ହାର ୧ ପ୍ରତିଶତ ତଳେ ରହିଛି । ▶▶ପୃଷ୍ଠା ୭

## ଆସନ୍ତା ୯ରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ସମ୍ଭାବନା



ଭୁବନେଶ୍ୱର,୦୫/୧୧(ନି.ପ୍ର): ଆସନ୍ତା ୯ ତାରିଖରେ ଲଘୁଚାପ ସୃଷ୍ଟି ସମ୍ଭାବନା । ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏନେଇ ଟୁଇଟ୍ କରି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ପାଗ ମୁଖ୍ୟତଃ ଶୁଖିଲା ରହିବ । ଦକ୍ଷିଣ ଓଡ଼ିଶା ଆଂଶିକ ମେଘାଚ୍ଛନ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରାଯାଇଛି । ଶୁଷ୍କ ବାୟୁ ବହୁଥିବାରୁ ଆଗକୁ ତାପମାତ୍ରା ହ୍ରାସ ପାଇବ । ୨ ଦିନ ପରେ ତାପମାତ୍ରର ୨ ରୁ୩ ଡିଗ୍ରୀ ତଳକୁ ଖସିବ ।

## ଦୀପାବଳି ପରେ ଦିଲ୍ଲୀରେ ବଢିଲା ପ୍ରଦୂଷଣ


### କମିଲା ବାୟୁର ମାନ, ରାଜଧାନୀରେ ଘନ କୁହୁଡିର ଆସ୍ତରଣ



କନକ ବ୍ୟୁରୋ : ଦୀପାବଳି ପରେ ରାଜଧାନୀ ଦିଲ୍ଲୀର ହାଲ ବେହାଲ । ବାୟୁର ମାନ ଅତ୍ୟନ୍ତ ନିମ୍ନ ସ୍ତଳକୁ ଖସିଛି । ରାଜଧାନୀର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ଦେଖିବାକୁ ମିଳିଛି । ମୁଖତଃ ଜନପଥ ଅଂଚଳରେ ବାୟୁର ମାନ ଅତ୍ୟନ୍ତ ନିମ୍ନ ସ୍ଥଳକୁ ଖସି ଯାଇଛି । କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ଅନୁଯାୟୀ ଏଠାରେ ଏୟାର କ୍ୱାଲିଟି ଇନଡେକ୍ସ ୬୫୫ରେ ପହଂଚିଛି । ଯାହାକି ସ୍ୱାସ୍ଥ୍ୟ ଉପରେ ଅତି ଭୟଙ୍କର ପ୍ରଭାବ ପକାଇବ । ପ୍ରଦୂଷଣ ମାତ୍ରା ବଢୁଥିବାରୁ ଏହା ଅତ୍ୟନ୍ତ ଚିନ୍ତା ଜନକ ବୋଲି କୁହାଯାଇଛି । ପ୍ରଦୂଷଣ ରୋକିବା ପାଇଁ ଦିଲ୍ଲୀ ସରକାର ବାଣ ବିକ୍ରି ଓ ବ୍ୟବହାର ଉପରେ ରୋକ ଲଗାଇ ଥିଲେ । ହେଲେ ଦୀପାବଳି ଦିନ ଦିଲ୍ଲୀର ଅନେକ ଅଂଚଳରେ ବାଣ ଫୁଟା ଯାଇଥିଲା । ଏହା ଦ୍ୱାରା ପ୍ରଦୂଷଣ ସ୍ତର ବୃଦ୍ଧି ପାଇ ୨୫ ପ୍ରତିଶତରେ ପହଂଚିଛି । ପ୍ରଦୂଷଣ ରୋକିବା ପାଇଁ ସରକାରଙ୍କ ସମସ୍ତ ପ୍ରୟାସ ଫେଲ ମାରିଥିବା କୁହାଯାଉଛି । ଜନପଥରେ ଏୟାର କ୍ୱାଲିଟି ଭୟଙ୍କର ସ୍ଥିତିରେ ପହଂଚିଛି । ଶୁକ୍ରବାର ଜନପଥରେ ଏୟାର କ୍ୱାଲିଟି ଇନଡେକ୍ସ ସ୍ତର ୬୫୫.୦୭ ରହିଛି । ଘନ କୁହୁଡ଼ି ଯୋଗୁଁ ଆଖିରୁ ପାଣି ବାହାରିବା ସହ କାଶ ହେଉଥିବା ଲୋକମାନେ ଅଭିଯୋଗ କରିଛନ୍ତି । ନୋଏଡା , ଗାଜିୟାଦବାଦରେ ମଧ ଏଭଳି ସ୍ଥିତି ଦେଖିବାକୁ ମିଳିଛି ।

## ରାଜ୍ୟ ଚଳଚ୍ଚିତ୍ର ଓ ଟେଲି ପୁରସ୍କାର ଘୋଷଣା

### ଘନଶ୍ୟାମ ମହାପାତ୍ର ପାଇବେ ଜୟଦେବ ପୁରସ୍କାର



ଭୁବନେଶ୍ୱର,୦୫/୧୧ (ନି.ପ୍ର): ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ପ୍ରଯୋଜକ ଘନଶ୍ୟାମ ମହାପାତ୍ରଙ୍କୁ ଜୀବନବ୍ୟାପୀ ସାଧନା ଲାଗି ଜୟଦେବ ପୁରସ୍କାର ପ୍ରଦାନ କରାଯିବ । ୩୧ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ଶ୍ରୀ ମହାପାତ୍ରଙ୍କୁ ଜୟଦେବ ପୁରସ୍କାରରେ ସମ୍ମାନିତ କରାଯିବ । ତାଙ୍କୁ ୨ ଲକ୍ଷ ଟଙ୍କା ସହ ମାନପତ୍ର ପ୍ରଦାନ କରାଯିବ । ୨୦୧୯ ମସିହା ଲାଗି ରାଜ୍ୟ ଚଳଚ୍ଚିତ୍ର ଓ ଟେଲି ପୁରସ୍କାର ଶୁକ୍ରବାର ଘୋଷଣା କରିଛନ୍ତି ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗାହୀ । ସେହିପରି ନୀଳମାଧବ ପଣ୍ଡାଙ୍କ ପ୍ରଯୋଜିତ ଓ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'କାଲିର ଅତୀତ'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ମନୋନୀତ କରାଯାଇଛି । ଏଥିସହ ନୀଳମାଧବ ପଣ୍ଡାଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ମୋହନ ସୁନ୍ଦର ଗୋସ୍ୱାମୀ ପୁରସ୍କାର ମଧ ମିଳିବ । ସେହିପରି ଚଳଚ୍ଚିତ୍ର 'ଖୁସି'ରେ ଅଭିନୟ ଲାଗି ସରୋଜ ପରିଡ଼ାଙ୍କୁ ଶ୍ରେଷ୍ଠ ଅଭିନେତା ଓ କାବ୍ୟା କିରଣଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ଲାଗି ଚୟନ କରାଯାଇଛି । ଅନ୍ୟପକ୍ଷରେ ୮ମ ରାଜ୍ୟ ଟେଲି ପୁରସ୍କାର ମଧ ଘୋଷଣା କରାଯାଇଛି ଓ 'କାଳିଆ କରୁଛି ଲୀଳା' ଶ୍ରେଷ୍ଠ ଟେଲି ଫିଲ୍ମ ଭାବେ ମନୋନୀତ ହୋଇଛି । ଏହି ଟେଲି ଫିଲ୍ମ ପାଇଁ ଦେବାଶିଷ ପାତ୍ର ଓ ଡି. ଅଶ୍ୱିନୀ ଗଡନାୟକଙ୍କୁ ଯଥାକ୍ରମେ ଶ୍ରେଷ୍ଠ ପ୍ରଯୋଜକ ଓ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ମନୋନୀତ କରାଯାଇଛି । ଶ୍ରେଷ୍ଠ ଚଳଚ୍ଚିତ୍ର: କାଲିର ଅତୀତ (ପ୍ରଯୋଜକ: ନୀଳମାଧବ ପଣ୍ଡା), ଶ୍ରେଷ୍ଠ ନିର୍ଦ୍ଦେଶକ: ନୀଳମାଧବ ପଣ୍ଡା (କାଲିର ଅତୀତ), ଶ୍ରେଷ୍ଠ ଅଭିନେତା: ସରୋଜ ପରିଡ଼ା (ଖୁସି), ଶ୍ରେଷ୍ଠ ଅଭିନେତ୍ରୀ: କାବ୍ୟା କିରଣ (ଖୁସି), ଶ୍ରେଷ୍ଠ କାହାଣୀ: କପିଳେଶ୍ୱର ପ୍ରସାଦ ମହାପାତ୍ର (ଶଳାବୁଢ଼ାର ବଦ୍‌ଲା), ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ (ବାଳକୃଷ୍ଣ ସମ୍ମାନ): ବୈଦ୍ୟନାଥ ଦାସ (ନାୟକର ନାଁ ଦେବଦାସ୍), ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ: ସ୍ୱୟମ୍ ପାଢ଼ୀ (ଭିଜା ଭିଜା ପ୍ରେମ ଛିଟା, ▶▶ପୃଷ୍ଠା ୭

## ଇସ୍ତଫା ଫେରାଇ ନେଲେ ସିଦ୍ଧୁ, କିନ୍ତୁ କଂଗ୍ରେସ ଆଗରେ ରଖିଲେ ନୂଆ ସର୍ତ୍ତ

ଅମୃତସର,୦୫/୧୧: ଶେଷରେ ପଞ୍ଜାବ କଂଗ୍ରେସ ମୁଖ୍ୟ ପଦରୁ ଇସ୍ତଫା ଦେଇଥିବା ନବଜୋତ ସିଂହ ସିଦ୍ଧୁ ଆଜି ବିଧିବଦ୍ଧ ଭାବେ ଏହାକୁ ଫେରାଇ ନେଇଛନ୍ତି । ସେ ଦୀର୍ଘ ଦିନରୁ କଂଗ୍ରେସର ପଞ୍ଜାବ ମୁଖ୍ୟ ପଦରୁ ଇସ୍ତଫା ଦେଇଥିଲେ ହେଁ ଏହାକୁ ହାଇକମାଣ୍ଡ ଗ୍ରହଣ କରି ନଥିଲେ । ଆଜି ଶେଷରେ ସେ ନିଜର ଇସ୍ତଫାପତ୍ର ଫେରାଇ ଆଣିଥିବା ଜଣାପଡ଼ିଛି । ତେବେ ଇସ୍ତଫା ପତ୍ର ଫେରାଇ ଆଣିଥିବା ସିଦ୍ଧୁ କଂଗ୍ରେସ ଆଗରେ ନୂଆ ସର୍ତ୍ତ ରଖିଛନ୍ତି । ଯେଉଁ ପର୍ଯ୍ୟନ୍ତ ପଞ୍ଜାବରେ ନୂଆ ଆଡଭୋକେଟ ଜେନେରାଲ ନିଯୁକ୍ତ ହୋଇନାହାନ୍ତି ସେଯାଏ ସିଦ୍ଧୁ ପଞ୍ଜାବର କଂଗ୍ରେସ ଅଫିସକୁ ଆସିବେ ନାହିଁ ବୋଲି ଦଳ ଆଗରେ ସର୍ତ୍ତ ରଖିଛନ୍ତି । ସିଦ୍ଧୁଙ୍କ ଏହି ନୂଆ ସର୍ତ୍ତ ପଞ୍ଜାବର ନୂଆ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂହ ଚନ୍ନିଙ୍କ ଆଗରେ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିଛି । କାରଣ ବର୍ତ୍ତମାନ ପଞ୍ଜାବର ଆଡଭୋକେଟ ଜେନେରାଲ ଭାବେ କାମ କରୁଥିବା ଏପିଏସ୍ ଦେଓଲ ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ସିଦ୍ଧୁ ଚାହୁଁଛନ୍ତି । ଏହାକୁ ନେଇ ବିବାଦ ହେବାରୁ ▶▶ପୃଷ୍ଠା ୭

# ଆବାସ ଯୋଜନାରେ ମିଳୁନି ଘର, ଛିଣ୍ଡା ପାଲ ତଳେ ବିତୁଛି ଜୀବନ



ତେଲକୋଇ ,୫/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଖୁଣ୍ଟାପଡା ପଞ୍ଚାୟତ ଅନ୍ତର୍ଗତ କୁଲାଡେରା ଗ୍ରାମ କେନ୍ଦୁଆଦରି ସାହିର ସୁଦର୍ଶନ ମୁଣ୍ଡା(୪୨)ଙ୍କ ପରିବାର ଛିଣ୍ଡା ପାଲ ତଳେ ଜୀବନ କାଟୁଛନ୍ତି । ଖରାବର୍ଷା ଶୀତ କାକରରେ ପରିବାରର ୪ଜଣ ଜୀବନ ଛିଣ୍ଡା ପାଲ ତଳେ ଜୀବନ ବିତାଉଛନ୍ତି । ବିଶେଷ ଭାବେ ବର୍ଷା ଦିନେ ଦୟନୀୟ ଅବସ୍ଥାରେ ବିପଦସଙ୍କୁଳ ଘରେ ରହୁଛନ୍ତି । ଅନେକ ଥିଲାବାଲା ଆବାସ ଯୋଜନାରେ ଘର ପାଉଥିବା ବେଳେ ସୁଦର୍ଶନଙ୍କ ଭାଗ୍ୟରେ ତାହା ନାହିଁ ।

ଦିନ ମଜୁରିଆ ଭାବେ କାମ କଲେ ପରିବାର ସଦସ୍ୟଙ୍କ ପେଟକୁ ଦାନା ଯାଏ । ରାସନ କାର୍ଡ ବ୍ୟତୀତ ଅନ୍ୟାନ୍ୟ ଯୋଜନାରୁ ବଞ୍ଚିତ । ସରକାରୀ ଘର ତାଲିକାରେ ମଧ ସୁଦର୍ଶନଙ୍କ ନାମ ନାହିଁ । ଏପାଖେ ସରକାର ଗରିବ ଅସହାୟ ଲୋକଙ୍କ ମୁଣ୍ଡ ଉପରେ ଛାତ ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । କିନ୍ତୁ ସରକାରଙ୍କ ଏହି ଜନମଙ୍ଗଳକାରୀ ଯୋଜନାକୁ ସରକାରୀ ଅଧିକାରୀମାନେ ସଠିକ୍ ଭାବେ ପରିଚାଳନା କରୁ ନଥିବାରୁ ସୁଦର୍ଶନଙ୍କ ପରି ଅନେକ ଅସହାୟ ପରିବାର ଏଥିରୁ ବଞ୍ଚିତ ହୋଇଆସୁଛନ୍ତି ।

ସୁଦର୍ଶନ ଆଦିବାସୀ ଗରିବ ମୁଣ୍ଡା ସମ୍ପ୍ରଦାୟର ହୋଇଥିଲେ ମଧ ପକ୍କା ଘର ଯୋଗାଇ ଦିଆଯାଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ସରପଞ୍ଚ ବନବିହାରୀ ନାଏକଙ୍କୁ ପଚାରିବାରୁ ସେ କହିଥିଲେ ଯେ ତାଙ୍କ ନାମ ତାଲିକାରେ ନାହିଁ । ପୁନଃ ନାମ ପଞ୍ଜୀକରଣ କରାଯାଇ ତାଙ୍କୁ ଘର ଯୋଗାଇ ଦେବାକୁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି ।

# ମାର୍କଫେଡ୍‌ର ସାରଯୋଗାଣ ଓ ଆର୍ଥିକ ବ୍ୟବସ୍ଥା କମ୍ପ୍ୟୁଟରୀକରଣ କାର୍ଯ୍ୟକ୍ରମ 'ସମନ୍ୱିତ' ଉଦ୍‌ଘାଟିତ

ଭୁବନେଶ୍ୱର,୫/୧୧ (ନି.ପ୍ର): ମାର୍କଫେଡ ଦ୍ୱାରା ରାଜ୍ୟର ଚାଷୀମାନଙ୍କୁ ସାରଯୋଗାଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ପାରଦର୍ଶୀ କରାଯିବା ସହିତ ଠିକ୍ ସମୟରେ ଚାଷୀମାନଙ୍କୁ ଆବଶ୍ୟକ ସାରଯୋଗାଇ ଦିଆଯାଇପାରିବ । ଏହା ଦ୍ୱାରା ଚାଷୀ ଉପକୃତ ହେବା ସହିତ କୃଷି ଉତ୍ପାଦନ ବୃଦ୍ଧି ପାଇବ ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରକାଶ କରିଛନ୍ତି । ମନ୍ତ୍ରୀ ଶ୍ରୀ ସ୍ୱାଇଁ ଓଡ଼ିଶା ରାଜ୍ୟ ସମବାୟ ବାଣିଜ୍ୟ ମହାସଂଘ ଲିଃ (ମାର୍କଫେଡ୍-ଓଡ଼ିଶା)ର ମୁଖ୍ୟ କାର୍ଯ୍ୟାଳୟରେ ସାର ଆବଂଟନ ଓ ଆର୍ଥିକ ପରିଚାଳନାର କମ୍ପ୍ୟୁଟରୀକରଣ ବ୍ୟବସ୍ଥା 'ସମନ୍ୱିତ'ର ଶୁଭ ଉଦ୍‌ଘାଟନ କରି କହିଲେ ଯେ କୋଭିଡ୍ ମହାମାରୀର କଟକଣା ସତ୍ତ୍ୱେ ସମବାୟ ବିଭାଗ ଦ୍ୱାରା ରାଜ୍ୟର ଚାଷୀମାନଙ୍କୁ ଠିକ୍ ସମୟରେ ଋଣ ସମେତ ଆବଶ୍ୟକ କୃଷି ସାମଗ୍ରୀ ଯୋଗାଇ ଦିଆଯାଇ ପାରିଥିବାରୁ ଫସଲ ଉତ୍ପାଦନ ବୃଦ୍ଧି ପାଇଛି । ନୂତନ ବ୍ୟବସ୍ଥା ପ୍ରଚଳନ ଦ୍ୱାରା ସାରଯୋଗାଣର ନିରୀକ୍ଷଣ ଓ ନିୟନ୍ତ୍ରଣ ବ୍ୟବସ୍ଥା ଅଧିକ ସୁଦୃଢ଼ ହୋଇପାରିବ । ସାର ଉତ୍ପାଦନକାରୀ କଂପାନୀ ଓ ଆମଦାନୀକାରୀଙ୍କଠାରୁ ଆରମ୍ଭ କରି ପାଇକାରୀ ଏବଂ ଖୁଚୁରା ସାର ବ୍ୟବସାୟୀଙ୍କୁ ସାରଯୋଗାଣ ଓ ପରିବହନ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରାଯାଇପାରିବ । ଏଥିରେ ସାରଯୋଗାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ ଓ ସ୍ୱଚ୍ଛ କରାଯିବା ସହିତ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । 'ସମନ୍ୱିତ' ବ୍ୟବସ୍ଥା ଦ୍ୱାରା କ୍ଷେତ୍ର ସ୍ତରରୁ ପରିଚାଳିତ ବ୍ୟବସାୟିକ କାର୍ଯ୍ୟକଳାପ ମୁଖ୍ୟ କାର୍ଯ୍ୟାଳୟ ସହିତ ସହଜରେ ସଂଯୋଗ ହୋଇପାରିବ । ସାରଯୋଗାଣ କ୍ଷେତ୍ରରେ ନିରୀକ୍ଷଣ ଓ ବିଶ୍ଳେଷଣ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାଯାଇ ଆବଶ୍ୟକ ଅନୁଯାୟୀ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇପାରିବ । ଏହି ଅବସରରେ ମନ୍ତ୍ରୀ 'ସମନ୍ୱିତ' କାର୍ଯ୍ୟକ୍ରମର ବ୍ୟବହାର ପୁସ୍ତିକାର ଶୁଭ ଉନ୍ମୋଚନ କରିଥିଲେ । ସୂଚନାଯୋଗ୍ୟ ଯେ, ମାର୍କଫେଡ ରାଜ୍ୟର ଏକ ଶୀର୍ଷ ସମବାୟ ସଂସ୍ଥା ଯାହା ରାଜ୍ୟରେ ଥିବା ୨୭୦୦ରୁ ଅଧିକ ପ୍ରାଥମିକ କୃଷି ସମବାୟ ସମିତି ଓ ୧୭୦୦ରୁ ଅଧିକ ବେସରକାରୀ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀଙ୍କ ଜରିଆରେ ଚାଷୀମାନଙ୍କୁ ରାସାୟନିକ ସାର ଯୋଗାଇଥାଏ । ଏଥି ସହିତ ମାର୍କଫେଡ୍ ରାଜ୍ୟର ଚାଷୀମାନଙ୍କଠାରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତ ମୂଲ୍ୟରେ ଡାଲିଜାତୀୟ ଶସ୍ୟ ଓ ତୈଳବୀଜ ସଂଗ୍ରହ ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ।

# ଓବିସି ମୋର୍ଚ୍ଚା ପୁନର୍ଗଠିତ

ଭୁବନେଶ୍ୱର,୫/୧୧ (ନି.ପ୍ର): ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଓବିସି ମୋର୍ଚ୍ଚା ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଏବଂ ରାଜ୍ୟ ସଂଯୋଜକଙ୍କ ନାମ ତାଲିକା ଘୋଷଣା କରିଛନ୍ତି ।

ଓବିସି ମୋର୍ଚ୍ଚାର ରାଜ୍ୟ ଉପସଭାପତି ଭାବେ ସୁବାଷ ଜେନା, ରାମଚନ୍ଦ୍ର ବେହେରା, ଦିଲୀପ କାର୍ସେଲ, ସୁକାନ୍ତ ବିଶ୍ୱାଳ, ପ୍ରଶାନ୍ତ ନାୟକ ଓ ଉମାଶଂକର ପଟେଲ; ରାଜ୍ୟ ସାଧାରଣ ସଂପାଦକ ଭାବେ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଜ୍ଞାନେନ୍ଦ୍ର କୁମାର ସ୍ୱାଇଁ; ରାଜ୍ୟ ସଂପାଦକ ଭାବେ ସୌଭାଗ୍ୟ ସାହୁ, ବଳରାମ ସୁବୁଦ୍ଧି, ସିଦ୍ଧାର୍ଥ ଶଙ୍କର ପତି, ଦୁର୍ଗାପ୍ରସନ୍ନ ନାୟକ, ମମତା ପଟେଲ ଓ ସୁକୁମାର ସାହୁ; କୋଷାଧକ୍ଷ ଭାବେ ସଂଗ୍ରାମ କେଶରୀ ନାୟକ; କାର୍ଯ୍ୟାଳୟ ସଂପାଦକ ଭାବେ ସୁଶାନ୍ତ କୁମାର ଜେନା; ସୋସିଆଲ ମିଡିଆ ସଂଯୋଜକ ଭାବେ ଜି.ତ୍ରିଦେବ ରେଡ୍ଡୀ; ମିଡିଆ ସଂଯୋଜକ ଭାବେ ବିଷ୍ଣୁଚରଣ ବଳିୟାରସିଂହ ଏବଂ ରାଜ୍ୟ ଆଇଟି ସଂଯୋଜକ ଭାବେ ପ୍ରଦୀପ କୁମାର ବେହେରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

ଓବିସି ମୋର୍ଚ୍ଚାର ରାଜ୍ୟ ସଂଯୋଜକ ଭାବେ ୨୦ ଜଣଙ୍କୁ , ସ୍ଥାୟୀ ନିମନ୍ତ୍ରୀତ ସଦସ୍ୟ ଭାବେ ୧୬ ଜଣଙ୍କୁ , ସ୍ୱତନ୍ତ୍ର ନିମନ୍ତ୍ରୀତ ସଦସ୍ୟ ଭାବେ ୧୦ ଜଣଙ୍କୁ ମନୋନୀତ କରାଯାଇଛି । ଏଥି ସହ ୨୯ ଜଣଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ କରାଯାଇଛି ବୋଲି ଶ୍ରୀ ବିଶ୍ୱାଳ ପ୍ରେସ ବାର୍ତାରେ ଜଣାଇଛନ୍ତି ।

ଓଡିଶାରେ ୫୨ ପ୍ରତିଶତରୁ ଉର୍ଦ୍ଧ ପଛୁଆବର୍ଗଙ୍କୁ ବିଜେଡି ସରକାର ଯୋଜନାବଦ୍ଧ ଭାବରେ ସେମାନଙ୍କର ସାମ୍ବିଧାନିକ ଅଧିକାରରୁ ବଂଚିତ କରୁଛନ୍ତି । ଶିକ୍ଷା, ନିଯୁକ୍ତି ଏବଂ ରାଜନୈତିକ ସଂରକ୍ଷଣ ପାଇଁ ଥିବା ସାମ୍ବିଧାନିକ ବ୍ୟବସ୍ଥାକୁ ରାଜ୍ୟରେ କାର୍ଯ୍ୟକାରୀ କରାଯାଉନାହିଁ । ରାଜ୍ୟ ସରକାରଙ୍କ ପଛୁଆବର୍ଗଙ୍କୁ ଅଣଦେଖା ବିରୁଦ୍ଧରେ ଆଗାମୀ ଦିନରେ ଲଢେଇକୁ ଆହୁରି ଶାଣିତ କରିବ ବୋଲି ବିଜେପି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ବିଶ୍ୱାଳ କହିଛନ୍ତି ।

# ଆବାସ ଯୋଜନାରେ ଯଦୁମଣିଙ୍କୁ ଘର କେବେ ?



ତିଗିରିଆ ,୫/୧୧ (ନି.ପ୍ର): ଆର୍ଥିକ ଅନଗ୍ରସର ଲୋକଙ୍କ ମୁଣ୍ଡ ଉପରେ ପକ୍କା ଘରଟିଏର ସ୍ୱପ୍ନକୁ ବାସ୍ତବରେ ପରିଣତ କରିବାର ସଂକଳ୍ପ ନେଇ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନା କରିଥିବା ବେଳେ ଅନେକ ସମୟରେ ଏହି ଯୋଜନା ସଠିକ ହିତାଧିକାରୀଙ୍କ ନିକଟରେ ନ ପହଞ୍ଚି ମଝିରେ ବାଟମାରଣା ହେଉଥିବା ଅଭିଯୋଗ ହେଉଛି । ଯାହାର ସଦ୍ୟ ଉଦାହରଣ ହେଉଛି ତିଗିରିଆ ବ୍ଲକ ଅନ୍ତର୍ଗତ ହାଟମାଳ ପଞ୍ଚାୟତସ୍ଥିତ ସୁଣ୍ଡିପାଳ ଉପରସାହିର ବାସିନ୍ଦା ଯଦୁମଣି ପଣ୍ଡା (୪୭)ଙ୍କ କ୍ଷେତ୍ରରେ ।

ଯଦୁମଣିଙ୍କ ପରିବାର କହିଲେ ସେ ଓ ତାଙ୍କ ଧର୍ମପତ୍ନୀ ଟୁନି ପଣ୍ଡା (୪୫) । ପୂର୍ବରୁ ନିଜର ଏକମାତ୍ର ଝିଅର ବାହାଘର ଧାରକରଜ କରି ସମ୍ପନ୍ନ କରିଥିବା ଯଦୁମଣି ନିଜର ୧୪ ଗୁଣ୍ଠ ଜମି ଓ କିଛି ଅନ୍ୟଲୋକଙ୍କ ଜମିକୁ ଭାଗଚାଷ କରି ନିଜ ପରିବାର ପ୍ରତିପୋଷଣ କରନ୍ତି । ବର୍ତ୍ତମାନ ଯଦୁମଣି ଓ ତାଙ୍କ ପତ୍ନୀ ନିଜର ଏକ ବଖରା ଚାଳଘରେ ଅତ୍ୟନ୍ତ କଷ୍ଟରେ କାଳାତିପାତ କରୁଥିବା ବେଳେ ପକ୍କାଘର ଖଣ୍ଡିଏ କରିବାର ସାହସ ଜୁଟାଇ ପାରୁ ନାହାନ୍ତି । ତେଣୁ ଆବାସ ଯୋଜନାରେ ଘର ଖଣ୍ଡିଏ ପ୍ରଦାନ କରିବା ପାଇଁ ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସମୟରେ ପ୍ରାଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ ନିବେଦନ କରିଥିଲେ ମଧ ବର୍ତ୍ତମାନ ସୁଦ୍ଧା ତାହା ପୂରଣ ହୋଇ ପାରି ନାହିଁ । ଆବାସ ଯୋଜନାରେ ସାମିଲ ହେବା ପାଇଁ ସରକାରଙ୍କ ସମସ୍ତ ମାନଦଣ୍ଡ ସେ ପୂରଣ କରି ମଧ ଆଜି ପର୍ଯ୍ୟନ୍ତ ଯଦି ସୁଫଳ ପାଇ ପାରୁ ନାହାନ୍ତି ତେବେ ଏହି ଯୋଜନା କାହା ପାଇଁ ବୋଲି ପ୍ରଶ୍ନ ଉଠିଛି । ତେଣୁ ଯଥାଶୀଘ୍ର ଯଦୁମଣିଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇ ଘର ଖଣ୍ଡିଏ ପ୍ରଦାନ କରାଯିବାର ବ୍ୟବସ୍ଥା ସ୍ଥାନୀୟ ଜନପ୍ରତିନିଧି ଓ ପ୍ରାଶାସନିକ ଅଧିକାରୀମାନେ କରିବା ପାଇଁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି ।

# ଜରାଜୀର୍ଣ୍ଣ ଅବସ୍ଥାରେ ଆଠଗଡ଼ ଶୀତଳଭଣ୍ଡାର



ଆଠଗଡ଼ ,୫/୧୧ (ନି.ପ୍ର): କୃଷିପ୍ରଧାନ ଅଞ୍ଚଳ ଆଠଗଡ଼ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବେପାରୀମାନେ ଆସି ଏଠାରୁ ପନିପରିବା କିଣି ନିଅନ୍ତି । ଚାହିଦା ଅନୁଯାୟୀ ଚାଷୀମାନେ ମଧ ପ୍ରତ୍ୟହ ଅନ୍ୟ ଅଞ୍ଚଳକୁ ପନିପରିବା ପଠାଇ ଲାଭବାନ ହୁଅନ୍ତି । କିନ୍ତୁ, ଶୀତଳଭଣ୍ଡାରଟିଏ ନ ଥିବାରୁ ଦର ନିଚା ରହିଲେ ଚାଷୀମାନେ ପରିବା ସଂରକ୍ଷିତ ରଖି ନ ପାରି ଅନେକ ସମୟରେ କ୍ଷତିଗ୍ରସ୍ତ ହେଉଛନ୍ତି । ଫଳରେ ଆଠଗଡ଼ ଅଞ୍ଚଳରେ ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ସ୍ଥାପନ କରିବାକୁ ଦୀର୍ଘଦିନ ହେଲା ଦାବି ହୋଇଆସୁଛି । ଏହି ଦାବି କିନ୍ତୁ ଦାବିରେ ହିଁ ରହି ଯାଇଛି । ଅନ୍ୟପଟେ, ଆଳୁ ଚାଷୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଆଠଗଡ଼ ଶୀତଳଭଣ୍ଡାର ବି ୩୦ବର୍ଷ ହେଲା ବନ୍ଦ ହୋଇ ଭୂତକୋଠିରେ ପରିଣତ ହୋଇଗଲାଣି । ଏହାର ପ୍ରଭାବରେ ଆଠଗଡ଼ ଓ ଆଖପାଖ ଅଞ୍ଚଳର ଆଳୁ ଚାଷ ମଧ ବୁଡ଼ି ଯାଇଛି । ଏକଦା ଆଳୁଚାଷର ପେଣ୍ଠସ୍ଥଳ ଥିବା ଆଠଗଡ଼ ଉପଖଣ୍ଡର ଲୋକେ ବର୍ତ୍ତମାନ ଆକାଶ ଛୁଆଁ ଦର ଦେବାକୁ ବାଧ ହେଉଛନ୍ତି ।

କୃଷି ଓ କୃଷକର ଉନ୍ନତି ପାଇଁ ୧୯୮୦ ମସିହାରେ ତତ୍କାଳୀନ କଂଗ୍ରେସ ସରକାର ଅମଳରେ ଆଠଗଡ଼ ସହରର ବୀରକିଶୋରପୁରରେ ୧ ଏକର ୩୩ ଡେସିମିଲ ଜମିରେ 'ଆଳୁ ଉତ୍ପାଦନକାରୀ ସଂରକ୍ଷଣ ଓ ବାଣିଜ୍ୟ ସମବାୟ ଶୀତଳଭଣ୍ଡାର'ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିପାଇଁ ସେତେବେଳେ ୩୭ ଲକ୍ଷ ୬୭ହଜାର ଟଙ୍କା ବ୍ୟୟ କରାଯାଇଥିଲା । ଏହି ଶୀତଳଭଣ୍ଡାରର କ୍ଷମତା ୨ ହଜାର ମେଟ୍ରିକ୍ ଟନ୍ ରହିଥିଲା । ୧୯୮୫ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ । ଶୀତଳଭଣ୍ଡାର ଉପରେ ଆଠଗଡ଼ ଉପଖଣ୍ଡ ଅଧୀନ ଆଠଗଡ଼, ତିଗିରିଆ, ବଡ଼ମ୍ବା, ନରସିଂହପୁର ସମେତ ନିକଟବର୍ତ୍ତୀ ଢେଙ୍କାନାଳ ଜିଲ୍ଲାର ବହୁ ଚାଷୀ ଉପକୃତ ହେଉଥିଲେ । ୧୯୮୬ରୁ ୧୯୯୨ ପର୍ଯ୍ୟନ୍ତ ଏହା କାର୍ଯ୍ୟ କରିଥିଲା । କିନ୍ତୁ ପରିଚାଳନାଗତ ତ୍ରୁଟି ଓ ଅତ୍ୟଧିକ ବିଦ୍ୟୁତ୍ ବିଲ୍ ଯୋଗୁଁ ୧୯୯୨ ଜାନୁଆରି ମାସରେ ଶୀତଳଭଣ୍ଡାର ବନ୍ଦ ହୋଇଯାଇଥିଲା । ଶୀତଳଭଣ୍ଡାରକୁ କାର୍ଯ୍ୟକ୍ଷମ କରିବା ଲାଗି ରାମପ୍ରସାଦ ଅଗ୍ରୱାଲ୍ ନାମକ ବ୍ୟବସାୟୀଙ୍କ ସହ ୧୯୯୩ ମସିହାରେ ଲିଜ୍ ପାଇଁ ଚୁକ୍ତିନାମା ହୋଇଥିଲେ ମଧ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା । ଫଳରେ ସରକାର ଉକ୍ତ ଶୀତଳଭଣ୍ଡାର ବିକ୍ରି କରିବା ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ । କିନ୍ତୁ କୌଣସି ଟେଣ୍ଡର ପଡ଼ିଲା ନାହିଁ । ୨୦୧୦ ମସିହାରେ ପିପିପି (ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନରସିପ୍) ମୋଡରେ ଶୀତଳଭଣ୍ଡାରକୁ ଚଳାଇବା ପାଇଁ ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ । ଏହାପରେ ୨୦୧୧ ମସିହାରେ ସିସୋର ସଂସ୍ଥା ଶୀତଳଭଣ୍ଡାରକୁ ୩୦ବର୍ଷ ଲିଜ୍ ସୂତ୍ରରେ ନେବାକୁ ଚୁକ୍ତିନାମା କରିବା ସହ ବାର୍ଷିକ ୫ ଲକ୍ଷ ୧୦ ହଜାର ଟଙ୍କା ପ୍ରଦାନ କରିବ ବୋଲି ଧାର୍ଯ୍ୟ ହୋଇଥିଲା । ହେଲେ, ୨୦୧୩ ମସିହାରେ ଉକ୍ତ ଚୁକ୍ତିନାମାକୁ ସରକାର ରଦ୍ଦ କରିଦେଇଥିଲେ । ପୁନର୍ବାର ୨୦୧୬ ମସିହାରେ କଟକ ଜିଲ୍ଲାର ଆଠଗଡ଼ ଓ ବୟାଳିଶମୌଜାରେ ଥିବା ଶୀତଳଭଣ୍ଡାରକୁ ପିପିପି ମୋଡ୍‌ରେ ଲିଜ୍‌ରେ ଦେବା ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା । ମାତ୍ର ଆଠଗଡ଼ ପାଇଁ କେହି ଟେଣ୍ଡର ପକାଇ ନ ଥିଲେ । ବର୍ତ୍ତମାନ ଉକ୍ତ ଶୀତଳଭଣ୍ଡାର ଭୂତକୋଠିରେ ପରିଣତ ହୋଇଯାଇଥିବା ଦେଖିବାକୁ ମିଳିଛି । ଘର ଛାତ ଉପରେ ବର ଓ ଅଶ୍ୱତ୍ଥ ଗଛ ବଢ଼ିବାରେ ଲାଗିଛି । ଚତୁଃପାର୍ଶ୍ୱରେ ଅନାବନା ଗଛଲତା ଉଠି ଜଙ୍ଗଲିଆ ପରିବେଶ ସୃଷ୍ଟି ହୋଇଛି । ୨୦୧୨ ମସିହାରୁ ଏଠାରେ ରାତ୍ର ଜଗୁଆଳି ନାହାନ୍ତି । ଫଳରେ ଚୋରମାନେ ଝରକା, କବାଟ ତାଡ଼ି ନେଇଗଲେଣି । କୋଠରୀଗୁଡ଼ିକ ମଧ ଭାଙ୍ଗିରୁଜି ଗଲାଣି । ଭଗ୍ନ ଶୀତଳଭଣ୍ଡାର ଏବେ ଅସାମାଜିକ ଯୁବକଙ୍କ ଆଡ଼ାସ୍ଥଳୀ ପାଲଟିଛି ।

ଅନ୍ୟପଟେ, ଶୀତଳଭଣ୍ଡାର ବନ୍ଦ ପଡ଼ିଥିବାରୁ ଆଠଗଡ଼ ବ୍ଲକ୍ ଅନ୍ତର୍ଗତ ଗଜାଆମ୍ବ, କେଉଟପାଟଣା, ରେଗେଡ଼ାପଡ଼ା, ଆଙ୍ଗୁଲା, ଜେନାପଦା, ସମସରପୁର, ଖୁଣ୍ଟକଟା ଅଞ୍ଚଳର ପ୍ରାୟ ୪୦୦ ଏକର ଜମିରେ ଆଳୁ ଚାଷ ଏକପ୍ରକାର ବନ୍ଦ ହୋଇଗଲାଣି । ଆଠଗଡ଼ ଉପଖଣ୍ଡ ଓ ଅନ୍ୟ ଅଞ୍ଚଳର ଚାଷୀମାନେ ମଧ ଆଳୁଚାଷ କରିବାକୁ ଆଉ ଆଗ୍ରହ ପ୍ରକାଶ କରୁ ନ ଥିବା ଦେଖାଯାଉଛି । ଦିନେ ଆଳୁଚାଷ ପାଇଁ ପ୍ରସିଦ୍ଧି ଲାଭ କରିଥିବା ଆଠଗଡ଼ରେ ଲୋକମାନେ ଏବେ ଆଳୁ କିଲୋ ୨୫ଟଙ୍କାରେ କିଣିବାକୁ ବାଧ ହେଉଛନ୍ତି । ଏ ନେଇ ଚାଷୀ ଓ ଜନସାଧାରଣ କ୍ଷୋଭ ପ୍ରକାଶ କରିଛନ୍ତି । ସରକାର ଯଥାଶୀଘ୍ର ବନ୍ଦ ପଡ଼ିଥିବା ଶୀତଳଭଣ୍ଡାର କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନେବା ସହ ପନିପରିବା ସଂରକ୍ଷଣ ପାଇଁ ଆଉ ଏକ ଶୀତଳଭଣ୍ଡାର ସ୍ଥାପନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଅପହଞ୍ଚ ପ୍ରଶାସନ, ବାଟ ହୁଡୁଛି ସରକାରୀ ଯୋଜନା: ଦୁର୍ବିସହ ଜୀବନ ବିତାଉଛନ୍ତି ନେକରଗଣ୍ଡା ଗ୍ରାମବାସୀ

ଦଶପଲ୍ଲା ,୫/୧୧ (ନି.ପ୍ର): ଗାଁର ଚାରିପାଖରେ ଘେରି ରହିଛି ବାଇଶୀପଲ୍ଲୀ ଅଭୟାରଣ୍ୟର ଘଞ୍ଚ ଜଙ୍ଗଲ । ଡାଙ୍ଗୁରୀ ଡାହାଡଠାରୁ ଆରମ୍ଭ କରି ଆମ୍ବ ତଇଳା, ପାକୁଲି, ଆଡୁଆ, ଗୁଜି ମୁଣ୍ଡିଆ, ଖନ୍ଦା ମୁଣ୍ଡିଆ, ବଡ ମୁଣ୍ଡିଆ, ରଙ୍ଗମାଟିଆ ଓ କଳାପଥର ପ୍ରଭୃତି ଘଞ୍ଚ ଅରଣ୍ୟ ମଧରେ ବସବାସ କରୁଥିବା ଦଶପଲ୍ଲା ବ୍ଲକ୍ ଘୁଗୁଡିପଡା ପଞ୍ଚାୟତର ସୀମାନ୍ତ ନେକରଗଣ୍ଡା ଗ୍ରାମବାସୀ ଦୁର୍ବିସହ ଜୀବନ ବିତାଉଛନ୍ତି । ରାସ୍ତାଘାଟ ଖାଲଖମା ଓ ଡିମା ପଥର ସାଙ୍ଗକୁ ଯାତାୟାତରେ ପ୍ରତିବନ୍ଧକ ସାଜୁଛି ଗହଣ୍ଡିନାଳ । ବର୍ଷପରେ ବର୍ଷ ବିତି ଚାଲିଛି । ହେଲେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଏବଂ ଗମନାଗମନ ଭଳି ମୌଳିକ ସୁବିଧା ସୁଯୋଗ ଏମାନଙ୍କ ପାଇଁ ଅପହଞ୍ଚ ହୋଇ ରହିଛି ।

ଗ୍ରାମରେ ସଂକୀର୍ତ୍ତନ ଜାନୀ, ସନାତନ ସାହୁ, ଜୟମାଝି, ମହି ମାଝି, ଦେବାର୍ଚ୍ଚନ ମାଝି, ବିଭୀଷଣ ମାଝି, ଗୁରୁଦେବ ମାଝି, ଜଳେଶ୍ୱର ମାଝି, ସଦାସିବ ମାଝି, ମହେଶ୍ୱର ମାଝି, ସୁକମତୀ ମାଝି, ଗଙ୍ଗାଧର ଜାନୀ, ସୁରେଶନ ଜାନୀ ଏବଂ ଗନ୍ଧର୍ବ ମାଝି ପ୍ରଭୃତି ୧୪ଟି ପରିବାରର ପ୍ରାୟ ୬୦ ଜଣ ବସବାସ କରୁଛନ୍ତି । ଗ୍ରାମଠାରୁ ପଞ୍ଚାୟତ କାର୍ଯ୍ୟାଳୟର ଦୂରତା ୧୨ କିମି । ଭତ୍ତା ହେଉକି ରାସନ ସାମଗ୍ରୀ ଆଣିବାକୁ ହେଲେ ଘଞ୍ଚ ଜଙ୍ଗଲ ମଧଦେଇ କାର୍ଯ୍ୟାଳୟକୁ ଯିବାକୁ ପଡିଥାଏ । ମାତ୍ର ବଡ଼କଥା ହେଉଛି ଯାତାୟାତ ପାଇଁ ଜଙ୍ଗଲ ମଧରେ ଥିବା ଗହଣ୍ଡି ନାଳ ପ୍ରତିବନ୍ଧକ ସାଜୁଛି । ବର୍ଷା ଦିନେ ଯାତାୟାତ କରିବା ସମ୍ଭବ ହେଉନାହିଁ । ପଞ୍ଚାୟତ କାର୍ଯ୍ୟାଳୟ ହେଉକି ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଆଣିବାକୁ ହେଲେ ବିପଜ୍ଜନକ ଭାବେ ଭାରା କରି ଆଣିବାକୁ ପଡୁଛି । ସେହିଭଳି ବର୍ଷା ହେଲେ ପାହାଡରୁ ପ୍ରବଳ ପାଣି ଗ୍ରାମ ଭିତରକୁ ପଶି ଆସୁଛି । ଗ୍ରାମରେ ଛାତ୍ରଛାତ୍ରୀଙ୍କ ପାଠପଢା ପାଇଁ କୌଣସି ବ୍ୟବସ୍ଥା ନଥିବା ବେଳେ ବାଧ ହୋଇ କିଏ ଗଣିଆ ବ୍ଲକର ବଡସିଲିଙ୍ଗା ଆଶ୍ରମ ବିଦ୍ୟାଳୟ ତ ପୁଣି କିଏ ଟାକରାରେ ଥିବା ଆଶ୍ରମ ଓ କନ୍ୟାଶ୍ରମରେ ରହି ପଢିବାକୁ ପଡୁଛି ।

ମୁଖ୍ୟତଃ ଏଠାକାର ଜନସାଧାରଣ ଚାଷବାସ ଉପରେ ନିର୍ଭର କରିଥାନ୍ତି । ଧାନ ଚାଷ ସହ ମକା ଓ ବିଭିନ୍ନ ପନିପରିବା ଚାଷ କରିଥାନ୍ତି । ହେଲେ ବାରହା ଉପଦ୍ରବ ହେତୁ ଅଧିକାଂଶ ସମୟରେ ଫସଲ ଉଜୁଡି ଯାଉଛି । ବନବିଭାଗ ପକ୍ଷରୁ ପ୍ରତିବର୍ଷ ଏହାର ଆକଳନ କରାଯାଉଛି, ହେଲେ କୌଣସି କ୍ଷତିପୂରଣ ପ୍ରଦାନ କରାଯାଉନାହିଁ । ଗ୍ରାମକୁ ଯଦିଓ କୌଣସି ହିଂସ୍ର ଜନ୍ତୁଙ୍କ ଭୟନାହିଁ, ବିଭିନ୍ନ ସମୟରେ ପେଣ୍ଡେରା ଭୟ ରହୁଛି । ଗାଇ ଓ ବାଛୁରୀ ଗୁଡିକୁ ଖାଇ ଯାଆନ୍ତି । ସେହିଭଳି ବିଦ୍ୟୁତ୍ ଜନିତ ସମସ୍ୟା କଥା ନକହିଲେ ଭଲ । ଦିନେ ଆଲୁଅ ଜଳିଲେ ୫ ଦିନ ଅନ୍ଧକାର ରହିବାକୁ ପଡୁଛି । ଏହାରି ମଧରେ ପ୍ରତି ପରିବାରକୁ ସୋଲାର ସଂଯୋଗ ଯୋଗାଇ ଦିଆଯାଇଥିବା ବେଳେ ସେସବୁ ଅଚଳ ହୋଇ ପଡିଛି । ପାନୀୟ ଜଳ ପାଇଁ ଗ୍ରାମରେ ଏକ ସୋଲାର ପ୍ରକଳ୍ପ ରହିଥିବା ବେଳେ ନଳକୂପରେ ପାଣି ଶୁଖିଯିବା ଦ୍ୱାରା ଏହା ଅଧାଦିନ ଅକାମି ହୋଇପଡୁଛି । ଫଳରେ ଗ୍ରାମବାସୀ ପାହାଡ ନିକଟସ୍ଥ ଝରଣା ଉପରେ ନିର୍ଭର କରୁଛନ୍ତି ।



ସେହିଭଳି ଉକ୍ତ ଗ୍ରାମଟି ଅଭୟାରଣ୍ୟ ମଧରେ ରହିଥିବାରୁ ରାସ୍ତା ନିର୍ମାଣରେ ମୁଖ୍ୟ ପ୍ରତିବନ୍ଧକ ସାଜୁଛି ସରକାରୀ କଟକଣା । ପ୍ରତି ଗ୍ରାମକୁ ବାହ୍ୟ ମଳମୁକ୍ତ ଗ୍ରାମ ଭାବେ ଘୋଷଣା କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ ମିସନ ଯୋଜନା କାର୍ଯ୍ୟକାରୀ କରାଯାଇଥିବା ବେଳେ କୌଣସି ଗୋଟିଏ ପରିବାରରେ ପାଇଖାନା ନିର୍ମାଣ ନହୋଇ ଗ୍ରାମଠାରୁ ୩ କିମି ଦୂରରେ ଫଳକ ମାରି ବିଭାଗୀୟ ଅଧିକାରୀମାନେ ଦାୟିତ୍ୱ ତୁଲାଇ ଦେଇଛନ୍ତି । ବର୍ଷ ବର୍ଷ ଧରି ଗ୍ରାମବାସୀ ଏଭଳି ଦୁର୍ଦ୍ଦଶା ଭୋଗୁଥିବା ବେଳେ ଚଳିତ ପଞ୍ଚାୟତ ନିର୍ବାଚନକୁ ବର୍ଜନ କରିବା ପାଇଁ ସଜବାଜ ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି ।

# କଟକଣା ମାନୁନାହାନ୍ତି ଭାରିଯାନ: ବାଣପୁର-ଖଣ୍ଡପଡ଼ା ରାସ୍ତାରେ ବଢୁଛି ଦୁର୍ଘଟଣା

କଣ୍ଟିଲୋ ,୫/୧୧ (ନି.ପ୍ର): ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ଅଧୀନ ବାଣପୁରଠାରୁ ଖଣ୍ଡପଡ଼ା ପର୍ଯ୍ୟନ୍ତ ରାସ୍ତା ଖାଲଖମାରେ ଭର୍ତ୍ତି ହେବା ସହ ଶୋଚନୀୟ ଅବସ୍ଥାରେ ପଡ଼ି ରହିଛି । ତେବେ ଦିନ ସମୟରେ ହାଇୱା ସମେତ ବଡ଼ ବଡ଼ ଟ୍ରକ୍ ଉକ୍ତ ରାସ୍ତାରେ ଚଳାଚଳ କରୁଥିବାରୁ ଏହା ଦୁର୍ଘଟଣାର କାରଣ ପାଲଟିଛି । ଉକ୍ତ ୧୩ କିମି ରାସ୍ତା ବଡ଼ବାଣପୁର, ବେଣାଗାଡ଼ିଆ, ମର୍ଦ୍ଦରାଜପୁର, ଖଳିସାହି ଆଦି ବଡ଼ ବଡ଼ ଗ୍ରାମ ଦେଇ ଯାଇଥିବାରୁ ଅନେକ ସମୟରେ ଗ୍ରାମବାସୀଙ୍କ ଚଳାଚଳ ଯୋଗୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥାଏ ।

ଅନ୍ୟପକ୍ଷରେ ରାସ୍ତାର ଉଭୟ ପାର୍ଶ୍ୱରେ କୌଣସି ପାଦଚଲା ରାସ୍ତା କିମ୍ବା ସାଇକେଲ ରାସ୍ତା ନ ଥିବାରୁ କେବଳ ମଝିରେ ଥିବା ୨୦ ଫୁଟ ପିଚୁ ରାସ୍ତାରେ ଲୋକେ ଯା ଆସ କରିଥାନ୍ତି । ଉଭୟପଟୁ ଭାରିଯାନ ଆସୁଥିବା ସମୟରେ ରାସ୍ତାପାର ହେବା କଷ୍ଟକର ହୋଇପଡ଼ିଥାଏ । ଏଥିପାଇଁ ବିଗତ ଦିନରେ ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ଉପରେ ଅଙ୍କୁଶ ଲଗାଯାଇଥିଲା ଓ ଏହାର ତଦାରଖ ଦାୟିତ୍ୱ ସ୍ଥାନୀୟ ପୁଲିସ୍ ପ୍ରଶାସନକୁ ଦିଆଯାଇଥିଲା । ମାତ୍ର ବର୍ତ୍ତମାନ ଏ ସବୁ କଟକଣାକୁ କେହି ଖାତିର କରୁନଥିବା ତଥା ପୂର୍ବପରି ଭାରିଯାନ ଚଳାଚଳ କରୁଥିବାର ଦେଖିବାକୁ ମିଳୁଛି । ଫଳରେ ଦୁର୍ଘଟଣା ବୃଦ୍ଧି ପାଉଥିବା ସାଧାରଣରେ ଅଭିଯୋଗ ହେଉଛି । ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ସହ ପଦକ୍ଷେପ ନେବାକୁ ଦାବି ହେଉଛି ।

# ଅଘଟଣକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର

ଖଣ୍ଡପଡ଼ା ,୫/୧୧ (ନି.ପ୍ର): ରାସ୍ତା କଡ଼ରେ ବିଦ୍ୟାଳୟ ସମ୍ମୁଖରେ ମୁକୁଳା ପଡିଛି ଉଚ୍ଚ ବିଦ୍ୟୁତ ଶକ୍ତି ସମ୍ପନ୍ନ ଟ୍ରାନ୍ସଫର୍ମର । ଖଣ୍ଡପଡା ବ୍ଲକ୍ ବନମାଳିପୁର ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଥିବା ମୁକୁଳା ଟ୍ରାନ୍ସଫର୍ମର ଏବେ ବିପଦ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି ।

ନିୟମ ଅନୁଯାୟୀ ଟ୍ରାନ୍ସଫର୍ମର ଚାରିପାଖେ ତାର ବାଡ଼ ଦ୍ୱାରା ଆବଦ୍ଧ କରି ଏକ ସୁରକ୍ଷିତ ଉଚ୍ଚତାରେ ବସାଯିବା କଥା । ମାତ୍ର ଦୀର୍ଘ ବର୍ଷ ହେବ ବିନା କୌଣସି ସୁରକ୍ଷାରେ ବିଦ୍ୟାଳୟ ସମ୍ମୁଖରେ ଏହା ରହିଥିଲେ ସୁଦ୍ଧା ବିଦ୍ୟୁତ୍ ବିଭାଗର ଦୃଷ୍ଟି ପଡୁନି । ନିକଟର ବିଦ୍ୟାଳୟ ରୂପାନ୍ତରଣ ଯୋଜନାରେ ବିଦ୍ୟାଳୟର ରୂପରେଖ ପରିବର୍ତ୍ତନ ପାଇଁ ବିଭିନ୍ନ ନିର୍ମାଣ କାର୍ଯ୍ୟ ଚାଲୁରହିଛି । ଏ ଅବସରରେ ସ୍ଥାନୀୟ ବିଡିଓଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଉକ୍ତ ସ୍ଥାନ ପରିଦର୍ଶନ କରୁଥିଲେ ମଧ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ସତେ ଯେମିତି ଆଖି ବୁଜିଦେଇଛନ୍ତି ।

ବିଦ୍ୟାଳୟକୁ ପ୍ରତିଦିନ କୋମଳମତି ଶିଶୁମାନେ ଆସୁଥିବାବେଳେ ଅଳ୍ପ ଉଚ୍ଚତା ତଥା ବିନା ସୁରକ୍ଷାରେ ଟ୍ରାନ୍ସଫର୍ମରଟି ଥିବାରୁ କେତେବେଳ ଯେ ଅଘଟଣ ଘଟିବ ତାହା କହିହେବ ନାହିଁ । ଅନ୍ୟପକ୍ଷରେ ପ୍ରାୟ ବର୍ଷେରୁ ଅଧିକ ସମୟ ଧରି ଟାଟା ପାୱାର ବିଦ୍ୟୁତ୍ ବ୍ୟବସ୍ଥା ହାତକୁ ନେଇଥିଲେ ମଧ ଏହି ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ରାସ୍ତା କଡରେ ଥିବାରୁ ଗୃହପାଳିତ ପଶୁ ପକ୍ଷୀ ମଧ ବିଭିନ୍ନ ସମୟରେ ଏହା ସଂସ୍ପର୍ଶରେ ଆସି ପ୍ରାଣ ହରାଉଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ହସ୍ତକ୍ଷେପ କରିବାକୁ ସାଧରଣରେ ଦାବି ହୋଇଛି ।

## ଘି-କୁଆଁରୀର ଉପକାରିତା


ତ୍ୱଚା ଓ କେଶ ପାଇଁ ଉତ୍ତମ ଏହି ଘି-କୁଆଁରୀ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଭଲ ପ୍ରଭାବ ପକାଉଥିବାର ବିଶେଷଜ୍ଞଙ୍କ ମତ ।

ସପ୍ତାହକୁ ଥରୁଟିଏ ଘି-କୁଆଁରୀ ରସ କେଶମୂଳରେ ଲଗାଇଲେ ଘନତ୍ୱ ବଢ଼ିବା ସହ କଳା ହୋଇଥାଏ ।

୧କପ୍ ମେହେନ୍ଦୀ ପାଉଡରରେ ୩ ଚାମଚ ଘି-କୁଆଁରୀ ରସ ମିଶ୍ରଣ କରି କେଶରେ ଲଗାନ୍ତୁ ୱାସକୁ ଥରୁଟିଏ ଏହି ପ୍ୟାକ୍ କେଶରେ ଲଗାଇବା କେଶ ପାଇଁ ଭଲ । ନିୟମିତ ଭାବେ ତ୍ୱଚାରେ ଘି- କୁଆଁରୀ ରସ ଲଗାଇଲେ ତ୍ୱଚାରେ ବିଶେଷ ଚମକ ଆସିଥାଏ । ବ୍ରଣ ଦାଗ ମଧ୍ୟ ଦୂର ହୁଏ ।

କୋଷ୍ଠକାଠିନ୍ୟ ରୋଗୀ ପ୍ରତିଦିନ ସକାଳ-ସନ୍ଧ୍ୟାରେ ଅଧ କପ ଘି-କୁଆଁରୀ ରସରେ ଚିମୁଟାଏ କଳା ଲୁଣ ମିଶାଇ ପିଇଲେ ସେମାନଙ୍କ ଅସୁବିଧା ଦୂର ହୋଇଥାଏ ।

ଓଜନ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିବା ବ୍ୟକ୍ତି ପ୍ରତ୍ୟହ ଏହି ରସ ପିଇଲେ ସେମାନଙ୍କ ପେଟର ଚର୍ବି କମ ହୋଇଥାଏ ବୋଲି ବିଶେଷଜ୍ଞଙ୍କ ମତ ।



## ଫ୍ୟାସନ୍ ଟ୍ରେଣ୍ଡସ୍

ଆଜିକାଲିର ସମୟରେ ମହିଳାମାନେ ଅଲଗା ଦେଖାଯିବାକୁ ସୁନ୍ଦର ଓ ଟ୍ରେଣ୍ଡି କପଡ଼ା ପିନ୍ଧୁଛନ୍ତି । ଆସନ୍ତୁ ଜାଣିବା ଫ୍ୟାସନର ଦୁନିଆରେ କେଉଁ ପ୍ରକାର କପଡ଼ାର ଟ୍ରେଣ୍ଡ ଚାଲିଛି । ଗତବର୍ଷର ଫ୍ୟାସନକୁ ବିଦାୟ ଦେଇ ନୂଆ ଫ୍ୟାସନ ଟ୍ରେଣ୍ଡକୁ ସ୍ୱାଗତ କରିବାର ସମୟ ଆସିଯାଇଛି । ଯେତେ ଶୀଘ୍ର ସମୟର ପରିବର୍ତ୍ତନ ହେଉଛି ସେତେଶୀଘ୍ର ଫ୍ୟାସନ ଦୁନିଆରେ ମଧ୍ୟ ପରିବର୍ତ୍ତନ ହେଉଛି । ଯଦି ଆପଣ ଭିଡ଼ ମଧ୍ୟରେ ଅଲଗା ଦେଖାଯିବାକୁ ଚାହୁଁଛନ୍ତି ତେବେ ଏହି ନୂଆ ଟ୍ରେଣ୍ଡକୁ ନେଇ ଅପଡେଟ ରୁହନ୍ତୁ । ଆପଣଙ୍କୁ ଆମେ ୪ଟି ଲୁକ ବିଷୟରେ କହିବାକୁ ଯାଉଛୁ । ଯାହା ଏହି ମୁଖ୍ୟ ଫ୍ୟାସନ ଟ୍ରେଣ୍ଡରେ ରହିଛି ।





**ମ୍ୟାଚିଙ୍ଗ ଡ୍ରେସ୍:**
ନବେ ଦଶକର ଡ୍ରେସ ଫ୍ୟାଶସ ଆଜିର ମହିଳାମାନଙ୍କ ମଧ୍ୟରେ ବହୁତ ପପୁଲାର ଅଛି । ଡ୍ରେସଠାରୁ ଆରମ୍ଭ କରି ହ୍ୟାଣ୍ଡ ବ୍ୟାଗ ପର୍ଯ୍ୟନ୍ତ, କମ ବୟସର ମହିମାନଙ୍କୁ ଅଧିକ ଆପର୍ଷଣ କରୁଛି । ଏମିତିରେ ଅନେକ ଟପ ବ୍ରାଣ୍ଡସମାନେ ମାଚିଂ ଡ୍ରେସକୁ ଗୁରୁତ୍ୱ ଦେଉଛନ୍ତି । ତାହା ସାର୍ଟ ସହିତ ଟ୍ରାଉଜର ହେଉ ବା ସ୍କର୍ଟ ସହିତ ଟପ୍, ମ୍ୟାଚିଂ କପଡ଼ାର ଟ୍ରେଣ୍ଡ ବହୁତ ପ୍ରସିଦ୍ଧ ହୋଇଛି ।

**ଡେନିମ୍:**
ଢ଼ିଲା ଡେନିମ ଜ୍ୟାକେଟସ ଓ ଜିନ୍ସ ପୁଣିଥରେ ଯୁବତୀମାନଙ୍କର ଟପ ଲିଷ୍ଟରେ ସାମିଲ ହୋଇସାରିଛି । ହାଇ ବେଷ୍ଟ ବାଲା ଢ଼ିଲା, ଲମ୍ୱା ସ୍ଲିଭସର ଡେନିମ ଜ୍ୟାକେଟ ଓ ଜିନ୍ସ ଖୁବ ପ୍ରଚଳନ ହେଉଛି ।

**ଲେଦର ଏକ୍ସେସରିଜ:**
ଲେଦରରେ ତିଆରି ଜିନିଷ ସବୁବେଳେ ଲୋକମାନଙ୍କ ମଧ୍ୟରେ ପପୁଲାର ଥାଏ । ତାହା ଲେଦରର ହ୍ୟାଣ୍ଡ୍ ବ୍ୟାଗ୍ ହେଉ ବା ଲେଦରର ଜ୍ୟାକେଟ୍ । ତେଣୁ ଲେଦରବାଲା କପଡ଼ା ଦେଖିବାକୁ ମିଳୁଛି ।




**ଷ୍ଟ୍ରିପସ:**
ଷ୍ଟ୍ରିପସ ପ୍ୟାଟର୍ଣ୍ଣକୁ ସବୁବେଳେ କ୍ଲାସି ଭାବରେ ଲୋକମାନେ ଗ୍ରହଣ କରିଥାନ୍ତି । ଯଦି ଆପଣ ଫ୍ୟାସନେବୁଲ ହେବାକୁ ଚାହୁଁଛନ୍ତି । ତେବେ ଷ୍ଟ୍ରିପ୍ସସାର୍ଟ ସହିତ ମାଚିଂ ଷ୍ଟ୍ରିପସ ପ୍ୟାଣ୍ଟ ପିନ୍ଧନ୍ତୁ ।

## ମହୁମାଛିଙ୍କ ରେସ୍ତୋରାଁ




ମାକଡୋନାଲ୍ଡ । ପୃଥିବୀର ସବୁଠାରୁ ବଡ଼ ଫାଷ୍ଟଫୁଡ୍ ରେଷ୍ଟୋରାଁ ମଧ୍ୟରୁ ଅନ୍ୟତମ। ଏହି ରେଷ୍ଟୋରାଁ ପ୍ରତିଦିନ ସମଗ୍ର ବିଶ୍ୱରେ ପ୍ରାୟ ୫୮ ମିଲିୟନରୁ ଅଧିକ ଗ୍ରାହକଙ୍କୁ ସେବା ଯୋଗାଇ ଦେଇଥାଏ । କୌଣସି ହୋଟେଲ ବା ରେଷ୍ଟୋରାଁ ଆଦି ସ୍ଥାନକୁ ସାଧାରଣ ମଣିଷ ଯାଉଥିବାର ଦୃଶ୍ୟ ତ ଆପଣମାନେ ନିଶ୍ଚିତ ଦେଖିଥିବେ। ତେବେ ଜାଣନ୍ତି କି ମଣିଷ ସହିତ ମହୁମାଛିମାନେ ବି ଏବେ ରୋଷ୍ଟୋରାଁ ଯାଇପାରିବେ ଏବଂ ଏହାର ଭରପୁର ମଜା ଉଠେଇପାରିବେ । ଏଭଳି ଏକ ନିଆରା ଉପାୟ ଖୋଜି ବାହାର କରିଛି ମାକଡୋନାଲ୍ଡ କମ୍ପାନି । ସ୍ୱିଡେନରେ ମାକଡୋନାଲ୍ଡ କମ୍ପାନି ତରଫରୁ ବିଶେଷ କରି ମହୁ ମାଛିମାନଙ୍କ ନିମନ୍ତେ ଏକ ରେଷ୍ଟୋରାଁ ଖୋଲାଯାଇଛି । ଏହାକୁ ମାକଡୋନାଲ୍ଡର ସବୁଠାରୁ ଛୋଟ ରୋଷ୍ଟୋରାଁ ବୋଲି କୁହାଯାଉଛି । ଏହି ରୋଷ୍ଟୋରାଁକୁ ତିଆରି କରାଯିବା ପରେ ବୃକ୍ଷ ଲତା ଆଦି ଘେରି ହୋଇ ରହିଥିବା ସ୍ଥାନରେ ଏହାକୁ ରଖାଯାଇଛି। ମାକଡୋନାଲ୍ଡର ଏହି ରେଷ୍ଟୋରାଁକୁ ଜଣେ ପ୍ରଫେସନାଲ ଡିଜାଇନର ଡିଜାଇନ କରିଛନ୍ତି । ମହୁମାଛିମାନଙ୍କର ସୁବିଧାକୁ ଦୃଷ୍ଟିରେ ରଖି ଏହାକୁ ତିଆରି କରାଯାଇଛି । ସ୍ୱିଡେନ, ମାକ ଡୋନାଲ୍ଡର ମାର୍କେଟିଂ ଡାଇରେକ୍ଟର କ୍ରିଷ୍ଟୋଫର ରୋନାଲ୍‌ଙ୍କ କହିବା ମୁତାବକ ଏହି ରେଷ୍ଟାରାଁ ବର୍ତ୍ତମାନ ପର୍ଯ୍ୟନ୍ତ ମାକଡୋନାଲ୍ଡର ସବୁଠାରୁ ନିଆରା ରେଷ୍ଟୋରାଁ । ଏହାଛଡ଼ା ରେଷ୍ଟୋରାଁ ତିଆରି କରାଯିବା ଫଳରେ ସ୍ୱିଡେନରେ ମହୁମାଛିମାନଙ୍କୁ ନିଜ ଘର ତିଆରି କରାଯିବା ଫଳରେ ସ୍ୱିଡେନରେ ମହୁମାଛିମାନଙ୍କୁ ନିଜ ଘର ତିଆରି କରିବାରେ କୌଣସି ସମସ୍ୟା ହେବ ନାହିଁ । ବିଶେଷକରି ସ୍ୱିଡେନରେ ମଣିଷର କୁପ୍ରଭାବରୁ ସେମାନଙ୍କୁ ରକ୍ଷା କରିବା ପାଇଁ ଏହି ଭଳି ଏକ ନିଆରା ଶୈଳିର ସନ୍ଧାନ କରାଯାଇଛି । ୟୁରୋପିୟ ସଂଘ ଏକ ନିକଟରେ ନିୟୋନିକୋଟିନାଇଡସ ନାମକ ଏକ କୀଟନାଶକ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି । ଏହି କୀଟନାଶକ ଫସଲ ସୁରକ୍ଷା କାର୍ଯ୍ୟରେ ଉପଯୋଗୀ ହେଉଥିବା ବେଳେ ମହୁମାଛିଙ୍କ କ୍ଷେତ୍ରରେ ଏଗୁଡ଼ିକ ଅଧିକ ବିପଦ ସୃଷ୍ଟି କରୁଥିବା ଜଣାପଡ଼ିଛି । ମହୁମାଛିଗୁଡ଼ିକ ଗଛପତ୍ର ଉପରେ ବସିବା ବେଳେ କୀଟନାଶକ ପ୍ରଭାବରେ ସେମାନଙ୍କର ମୃତ୍ୟୁ ଘଟୁଛି । ମହୁମାଛିଙ୍କୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଏଭଳି ଏକ ରେଷ୍ଟୋରାଁର ପ୍ରୟୋଜନ ନିଶ୍ଚିତ ରୂପେ ରହିଛି ।




## ବାଇଗଣ ପରିବାର ଉପକାରିତା

ନିକଟରେ ଆମେରିକୀୟ ଗବେଷକଗଣ ପ୍ରକାଶ କରିଛନ୍ତି, ଦୈନିକ ବାଇଗଣ ଖାଇବା ଶରୀର ପାଇଁ ଭଲ ।

- ବାଇଗଣ ଭର୍ତ୍ତାରେ ଛୋଟ ଚାମଚରେ ଏକ ଚାମଚ ମହୁ ମିଶାଇ ଖାଇଲେ ନିଦ ଭଲ ହୋଇଥାଏ । ରାତିରେ ଏହା ଖାଇବା ଅଧିକ ଲାଭପ୍ରଦ ।
- ବାଇଗଣ ସୁପରେ ହେଙ୍ଗୁ ଓ ରସୁଣ ସମପରିମାଣରେ ମିଶାଇ ପିଇଲେ ଅମ୍ଳ ରୋଗରୁ ରକ୍ଷା ମିଳେ । ଆଫ୍ରିକୀୟ ଆଦିବାସୀଙ୍କ ମତରେ ବାଇଗଣ ପୋଡ଼ାକୁ ଗୋଟା ଖାଇଲେ କାଶ ସମସ୍ୟାରୁ ମୁକ୍ତି ମିଳେ ।
- ସକାଳ ଜଳଖିଆରେ ବାଇଗଣ ଭର୍ତ୍ତାରେ ଅଳ୍ପ ଚିନି ମିଶାଇ ଖାଇଲେ ରକ୍ତ ଜନିତ ରୋଗର ଆଶଙ୍କା କମ ହୁଏ ।
- ଗବେଷକଙ୍କ ମତରେ, ବିଷାକ୍ତ ଛତୁ ଖାଇଦେଲେ, ଗୋଟା ବାଇଗଣକୁ ଚକଟି ତୁରନ୍ତ ଖାଇଲେ ବିଷ କ୍ରିୟା ପ୍ରଭାବହିନ ହୋଇଥାଏ ।
- ଏଥିରେ ଖାଦ୍ୟତନ୍ତୁ ପ୍ରଚୁର ପରିମାଣରେ ଥାଏ । ଟାଇପ-୨ ମଧୁମେହ ରୋଗୀ ଏହାକୁ ନିୟମିତ ଖାଇଲେ ଶର୍କରା ନିୟନ୍ତ୍ରଣାଧୀନ ହୁଏ । ହୃଦରୋଗୀଙ୍କ ପାଇଁ ଏହା ଏକ ଉତ୍ତମ ପରିବା ।






## ଭାରତୀୟ ଭୋଜନ ଶୈଳୀ

ଭାରତରେ କାହିଁ କେଉଁ କାଳରୁ ତଳେ ବସି ଖାଇବାର ପରମ୍ପରା ରହିଛି । ବର୍ତ୍ତମାନ କିନ୍ତୁ ଦକ୍ଷିଣ ଭାରତୀୟ ସ୍ଥାନରେ ହିଁ କେବଳ ଏହି ଶୈଳୀରେ ଭୋଜନ କରାଯାଉଛି । ବିଶେଷଜ୍ଞଙ୍କ ମତରେ ତଳେ ବସି ଭୋଜନ କରିବାର ଅନେକ ଉତ୍ତମ ଦୃଷ୍ଟାନ୍ତ ରହିଛି ।


ତଳେ ବସି ଖାଇଲେ ମନ ଶାନ୍ତି ରହିଥାଏ ବୋଲି ପରୀକ୍ଷାରୁ ପ୍ରକାଶ। ଏହି ଶୈଳୀରେ ଖାଇଲେ ଶରୀର ଆଗପାଖକୁ ଛୁଙ୍କିଥାଏ ଓ ପୁନର୍ବାର ସିଧା ମୁଦ୍ରାକୁ ଆସେ । ଏହା ଦ୍ୱାରା ପାଚନକ୍ରିୟା ଉତ୍ତମ ହୋଇଥାଏ । ଓଜନ କମ କରିବାକୁ ଚାହୁଁଥିବା ଲୋକେ ତଳେ ବସି ଖାଇବା ଉଚିତ । ଏହା ସହ ବିଶେଷଜ୍ଞଙ୍କ ମତରେ ଭାରତୀୟ ଭୋଜନ ଶୈଳୀରେ ରକ୍ତ ସଞ୍ଚାଳନ ଭଲ ହୋଇଥାଏ । ଆଜିକାଲିରେ ଚେୟାର ଟେବୁଲରେ ଭୋଜନ ଅଭ୍ୟାସ କରିବା ଦ୍ୱାରା ଆଣ୍ଠୁଗଣ୍ଠି ରୋଗ ମଧ୍ୟ ବାହାରୁଛି ।

## ବିଶ୍ୱର କ୍ଷୁଦ୍ରତମ ଅନ୍ତର୍ଜାତୀୟ ସେତୁ



ବିଶ୍ୱର କ୍ଷୁଦ୍ରତମ ଅନ୍ତର୍ଜାତୀୟ ସେତୁଟି କାନାଡ଼ା ଏବଂ ଆମେରିକା ଅନ୍ତର୍ଗତ ଦୁଇଟି ଛୋଟିଆ ଟାପୁକୁ ସଂଯୁକ୍ତ କରୁଛି । ସେତୁଟିର ଲମ୍ୱ ମାତ୍ର ବତିଶ ଫୁଟ୍ । ଟାପୁ ଦୁଇଟି ସେନଟ ଲରେନସ ନଦୀ ଭିତରେ ଅବସ୍ଥିତ । ନଦୀ ପ୍ରବାହିତ ହେଉଛି, ଦୁଇ ରାଷ୍ଟ୍ର ସୀମାରେ । ଟାପୁ ଦୁଇଟି ଘରୋଇ ମାଲିକାନାରେ ଅଛି । ଅପେକ୍ଷକୃତ ବଡ଼ ଟାପୁରେ ମାଲିକଙ୍କ ବାସଭବନ ରହିଛି। ଅନ୍ୟ ଟାପୁଟିରେ ଦେଖିବା ଭଳି କିଛି ନାହିଁ । ବଡ଼ ଟାପୁରେ ଉଡୁଛି କାନାଡାର ଜାତୀୟ ପତାକା । ଅନ୍ୟଟିରେ ଆମେରିକାର ପତାକା । ଟାପୁ ଦୁଇଟିର ମାଲିକ କାନାଡିଆନ । ୧୮୮୦ରୁ ଟାପୁ ଦୁଇଟିବହୁ ସଂଖ୍ୟକ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି । ଉଲ୍ଲେଖଯୋଗ୍ୟ ଯେ, ସେନଟ ଲେରେନସ ନଦୀରେ ମୋଟ ୧୭୯୩ଟି ଛୋଟ ବଡ଼ ଟାପୁ ରହିଛି ।

## ସଙ୍ଗୀତର ପ୍ରଭାବ



ଆବଶ୍ୟକଠାରୁ ଅଧିକ ସମୟ ସ୍ମାର୍ଟପୋନରେ ଗେମ ଖେଳିବା କାରଣରୁ ଛୋଟ ପିଲାଙ୍କ ଉପରେ କୁପ୍ରଭାବ ପଡୁଥିବାର ବିଶେଷଜ୍ଞଙ୍କ ମତ । କିପରି ପିଲାଙ୍କୁ ପ୍ରସନ୍ନ ରଖାଯିବ, ଏ ବାବଦରେ ବିଶେଷଜ୍ଞ ସମାଧାନ ବାହାର କରିଛନ୍ତି । ବିଶେଷଜ୍ଞଗଣ ୩ବର୍ଷ ପରୀକ୍ଷା କରିବା ପରେ ପ୍ରକାଶ କରିଛନ୍ତି ଯେ ସଙ୍ଗୀତ ହେଡଫୋନରେ ଶୁଣିଲେ ହିଁ ପିଲାମାନେ ଶାନ୍ତ ରହିପାରିବେ । ଏହି ଗବେଷଣାରେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ସଂଖ୍ୟାଧିକ କୁନି ପିଲା ସାମିଲ ହୋଇଥିଲେ। କାନ୍ଦିବା ଅବସ୍ଥାରେ ହିଁ ସେମାନଙ୍କୁ ସଙ୍ଗୀତ ଶୁଣାଗଲା । ମାତ୍ର କିଛି କ୍ଷଣରେ କେତେକ ପିଲା ଚୁପ ହୋଇଥିବାବେଳେ ଅନ୍ୟମାନେ ପ୍ରସନ୍ନଚିତ୍ତରେ ଶୋଇପଡ଼ିଥିଲେ । ବିଶେଷଜ୍ଞଙ୍କ ମତରେ ସଙ୍ଗୀତର କୌଣସି କୁ ପ୍ରଭାବ ନାହିଁ ।

## ହିତକାରୀ ନାଲି ଚା

ସର୍ବେକ୍ଷଣରୁ ଜଣାପଡ଼ିଛି, ଜାପାନ ବାସିନ୍ଦା ସବୁଠାରୁ ଅଧିକ ନାଲି ଚା ପିଇଥାନ୍ତି । ଜାପାନରେ ସମସ୍ତ ବର୍ଗର ଲୋକଙ୍କ ଏହା ପ୍ରିୟ ପାନୀୟ ଥିବାବେଳେ ଇଉରୋପୀୟ ରାଷ୍ଟ୍ରରେ କେବଳ କର୍ମଜୀବୀ ଲୋକେ ଏହି ପାନୀୟ ପିଇବାକୁ ପସନ୍ଦ କରନ୍ତି । ଟୋକିଓ ବିଶ୍ୱବିଦ୍ୟାଳୟରେ ଏହି ନାଲି ଚା କୁଚ ନେଇ ପରୀକ୍ଷା ହେବା ପରେ ଗବେଷକଗଣ ପ୍ରକାଶ କରିଛନ୍ତି, ଡାଡ଼ଦୁର୍ବ, ଜନିତ ରୋଗୀଙ୍କ ପାଇଁ ଏହା ଏକ ଉତ୍ତମ ପାନୀୟ । ନିୟମିତ ଦିନକୁ ଦୁଇଥର ଏହି ଚା' ପିଇଲେ



ହାଡ଼ ରୋଗ ହେବାର ସମ୍ଭାବନା କମ ଥାଏ । ଏହି ତଥ୍ୟ ଜାପାନର ୱେବସାଇଟରେ ପ୍ରକାଶ ପାଇବା ପରେ ସେଠାକାର ଅଧିକାଂଶ କାର୍ଯ୍ୟାଳୟରେ ନାଲି ଚା ପିଇବା ବାଧ୍ୟତାମୂଳକ ହୋଇଛି ।

## ହାନିକାରକ ପ୍ରଦୂଷଣ

ପ୍ରଦୂଷଣର ମାତ୍ରା ଦିନକୁ ଦିନ ବୃଦ୍ଧ ପାଇବାରେ ଲାଗିଛି । ନିକଟରେ ହୋଇଥିବା ସର୍ବେକ୍ଷଣରୁ ଜଣାପଡ଼ିଛି, ବିଶ୍ୱରେ ଏବେ ପ୍ରଦୂଷଣଜନିତ ମୃତ୍ୟୁ ବଢୁଛି । ମିଳିଥିବା ତଥ୍ୟ ଅନୁଯାୟୀ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତାଲିକା ଅନୁସାରେ, ବର୍ଷକୁ ୮୮ଲକ୍ଷ ଲୋକଙ୍କ ମୃତ୍ୟୁ ପ୍ରଦୂଷଣ ଯୋଗୁଁ ହେଲାବେଳେ ୬୨ ଲକ୍ଷ ଲୋକ ଧୂମପାନ ଯୋଗୁଁ ମରିଥାନ୍ତି । ପ୍ରାୟ ୩୧ଲକ୍ଷ ବ୍ୟକ୍ତି ଟିବି, ମ୍ୟାଲେରିଆ ଏଚଆଇଭି ରୋଗରେ ପୀଡ଼ିତ ହୋଇ ପ୍ରାଣ ହରାଇଥାନ୍ତି । ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୧୨ଲକ୍ଷ ଓ ହିଂସାକାଣ୍ଡରେ ୫ଲକ୍ଷ ଲୋକ ମରିଥାନ୍ତି । ପ୍ରଦୂଷଣର ମାତ୍ରା ଏତେ ବଢ଼ିଚାଲିଛି ଯେ ସମଗ୍ର ବିଶ୍ୱରେ ୮୪ ଲକ୍ଷ ଶିଶୁଙ୍କ ମୃତ୍ୟୁ ଏହି ପ୍ରଦୂଷଣ କାରଣରୁ ହୁଏ । ପ୍ରଦୂଷଣର ଶିକାର ହୋଇ ଦିଲ୍ଲୀରେ ପ୍ରତ୍ୟେକ ବର୍ଷ ୩୦ହଜାର ଶିଶୁଙ୍କ ମୃତ୍ୟୁ ହୁଏ । କେବଳ ଭାରତରେ ୨ଲକ୍ଷ ଶିଶୁ ଏହି କାରଣରୁ ମରିଥାନ୍ତି ।

## ୨୪ଘଣ୍ଟାରେ ସାଇକେଲରେ ସାତ ଦେଶ ଭ୍ରମଣ !

ହଙ୍ଗେରୀର ଡେଭିଡ କୋଭାରୀ ମାତ୍ର ଚବିଶ ଘଣ୍ଟା ମଧ୍ୟରେ ସର୍ବାଧିକ ଦେଶ ଭ୍ରମଣକରି ନିଆରା କୀର୍ତ୍ତିମାନ କରିଛନ୍ତି । କମ ସମୟରେ ସର୍ବାଧିକ ଦେଶକୁ ସାଇକେଲରେ ଭ୍ରମଣ କରିବାରେ ଡେଭିଡ୍ ବିଶ୍ୱର ପ୍ରଥମ ବ୍ୟକ୍ତି । ଗିନିଜ ବୁକର ବିଶ୍ୱ କୀର୍ତ୍ତିମାନ ତାଲିକାକୁ ତାଙ୍କ ନାଁ ଉଠିଛି ଡେଭିଡ ଏବେ ବୁଦାପେଷ୍ଟରେ ଏକ ଶିକ୍ଷାନୁଷ୍ଠାନର ସ୍ନାତକୋତ୍ତର ଛାତ୍ର । ସେ ଭ୍ରମଣ କରିଥିବା ଦେଶଗୁଡ଼ିକ ହେଲା ପୋଲାଣ୍ଡ, ଚେକ୍ ରିପବ୍ଲିକ, ସ୍ଲୋଭାକିଆ, ଅଷ୍ଟ୍ରିଆ, ହଙ୍ଗେରୀ, ସ୍ଲୋଭେନିଆ ଏବଂ କ୍ରୋସିଆ । ପୂର୍ବରୁ ଜର୍ମାନୀର ମାଇକେଲ ମୋଲଙ୍କ ନାଁରେ ଏହି କୀର୍ତ୍ତିମାନ ଥିଲା ଏହି ସୀମିତସମୟ ମଧ୍ୟରେ ସେ ଛଅଟି ଦେଶ ଭ୍ରମଣ କରିଥିଲେ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୬ ନଭେମ୍ବର ୨୦୨୧, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଟିକାକୁ ନେଇ ଚିନ୍ତା...

ପ୍ରଥମେ ଚୀନ୍ ଓ ତା' ପରେ ପରେ ବିଶ୍ୱର ଦ୍ୱିଶତାଧିକ ରାଷ୍ଟ୍ରକୁ ବ୍ୟାପିଥିବା କରୋନା ବା କୋଭିଡ୍-୧୯ ଭୁତାଣୁ ମହାମାରୀରୁ ବିମାରୀ ହେବାକୁ ଖୁବ୍ କମ୍ ସମୟ ନେଇଥିବା ବେଳେ ମାତ୍ର ଦୁଇ ବର୍ଷରୁ କମ୍ ସମୟ ମଧ୍ୟରେ ସମଗ୍ର ବିଶ୍ୱର ଏହା ନିହାତି କମ୍‌ରେ ପାଞ୍ଚ ମିଲିଅନ୍ ଲୋକଙ୍କ ପ୍ରାଣ ନେଇ ସାରିଲାଣି । ଏହି ସଂଖ୍ୟା ନିଶ୍ଚିତ ଭାବରେ ପ୍ରକୃତ ସଂଖ୍ୟାଠାରୁ କମ୍ ଏବଂ ଏହାଠାରୁ ତିନି କି ଚାରିଗୁଣ ଅଧିକ ଲୋକ ଏହି ରୋଗରେ ମୃତ୍ୟୁବରଣ କରିଥିବେ ବୋଲି ଆକଳନ କରନ୍ତି ବିଶେଷଜ୍ଞମାନେ । ଯଦି ପ୍ରତ୍ୟେକ ମିଲିଅନ୍ ମୃତ୍ୟୁକୁ ଏକ ମର୍ମନ୍ତୁଦ ମାଇଲ ଖୁଣ୍ଟ ଭାବରେ ବିବେଚନା କରାଯାଏ, ତା'ହେଲେ ଏହା ଭିତରେ ଏକମାତ୍ର ଆଶାର କିରଣ ହେଉଛି, ମୃତ୍ୟୁର ହାର ସାମ୍ପ୍ରତିକ ସମୟରେ ସାମାନ୍ୟ ଧମା ହୋଇଛି । ପ୍ରଥମ ଏକ ମିଲିଅନ୍ ମୃତ୍ୟୁ ଘଟିବା ପାଇଁ ନଅ ମାସ ସମୟ ଲାଗିଥିବା ବେଳେ ଦ୍ୱିତୀୟ ମିଲିଅନ୍ ସଂଖ୍ୟା ପାଇଁ ଲାଗିଥିଲା ମାତ୍ର ତିନି ମାସ ପନ୍ଦର ଦିନ ଅର୍ଥାତ୍ ସାଢ଼େ ତିନି ମାସ । ସୂଚାଇ ଦିଆଯାଇପାରେ କି, ପ୍ରଥମ ମିଲିଅନ୍ ମୃତ୍ୟୁ ଘଟିବା ବେଳେ ସାରା ବିଶ୍ୱ କଠୋର ଲଡାଉନ୍ ସମୟ ଦେଇ ଗତି କରୁଥିଲା । ପରବର୍ତ୍ତୀ ମିଲିଅନ୍ । ମୃତ୍ୟୁ ପାଇଁ ତିନି ମାସରୁ ଅଧିକ ସମୟ ଲାଗିଥିବା ବେଳେ ୧୦ ସପ୍ତାହ ଭିତରେ ଚତୁର୍ଥ ମିଲିଅନ୍ ମୃତ୍ୟୁ । ଘଟିଥିଲା । ପାଞ୍ଚ ମିଲିଅନ୍ ସଂଖ୍ୟାରୁ ଅବଶିଷ୍ଟ ଯେଉଁ ଏକ ମିଲିଅନ୍ ସଂଖ୍ୟା ରହିଲା, ସେଥିପାଇଁ ଲାଗିଥିଲା । ମାତ୍ର ଚାରି ମାସ। ବର୍ତ୍ତମାନ ଦୈନିକ ସାରା ବିଶ୍ୱରେ ଏହି ମହାମାରୀ ହାରାହାରି ୭ ହଜାର ଲୋକଙ୍କ ପ୍ରାଣ ନେଉଛି । ତେବେ ଯେଉଁ ଦେଶଗୁଡ଼ିକରେ ଟିକାକରଣର ହାର ଅତ୍ୟଧିକ ରହିଛି, ସେସବୁରେ ମୃତ୍ୟୁହାର କମିବାରେ ଲାଗିଛି । ଅପରନ୍ତୁ, ଯେଉଁ ଦେଶଗୁଡ଼ିକରେ ଟିକାକରଣର ହାର କମ୍ ବା ବିପଡେଟା ଭେରିଆର ରାଜୁତି ଚାଲିଛି, ସେସବୁରେ ମୃତ୍ୟୁହାର ଅତ୍ୟଧିକ ହୋଇ ଚାଲିଛି । ଭାରତରେ ମଧ୍ୟ କରୋନା ମହାମାରୀଜନିତ ମୃତ୍ୟୁ ହାର ସାମାନ୍ୟ କମିଛି; ହେଲେ ଚିନ୍ତା କମିନାହିଁ। ପୁନଶ୍ଚ, ଭାରତ ପାଇଁ ଏସବୁ ବାଦ୍ ଅନ୍ୟ ଏକ ଚିନ୍ତାଜନକ ପ୍ରସଙ୍ଗ ପାଲଟିଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଦ୍ୱାରା ସ୍ୱଦେଶୀ ନିର୍ମିତ ଟିକାକୁ ଜରୁରୀକାଳୀନ ବ୍ୟବହାରଯୋଗ୍ୟ ଟିକା ଭାବରେ ତାଲିକାଭୁକ୍ତ (ଇୟୁଏଲ) କରିବା, କାରଣ ଏହି ତାଲିକାଭୁକ୍ତ ହୋଇ ନଥିବା ଟିକା ନେଇଥିବା ଲୋକମାନଙ୍କୁ ବିଶ୍ୱର କେତେକ ଦେଶ ସେମାନଙ୍କ ଦେଶରେ ପ୍ରବେଶ କରିବା ପାଇଁ ଅନୁମତି ଦେବାକୁ କୁଣ୍ଠିତ ହେଉଛନ୍ତି । ଭାରତ କ୍ଷେତ୍ରରେ ଅସୁବିଧା । ଉପୁଜିଛି କୋଭାକ୍ସିନ୍ ଟିକାକୁ ନେଇ । ଏହା ସମ୍ପୂର୍ଣ୍ଣ ଭାବରେ ସ୍ୱଦେଶୀ ନିର୍ମିତ ଏବଂ ଉତ୍ପାଦିତୟ । ତେବେ ଏହାକୁ ଡବ୍ଲ୍ୟୁଏଚଓ ଏବେ ସୁଦ୍ଧା ଇୟୁଏରେ ସାମିଲ ନ କରିବା ବିସ୍ମୟଜନକ । ଏଥିପାଇଁ ବୈଜ୍ଞାନିକମାନେ ବିସ୍ମିତ ହେଉଛନ୍ତି । ଚଳିତ ବର୍ଷ ଜାନୁଆରୀ ୩ ତାରିଖରେ ଏହି ଟିକାକୁ ଭାରତର ଔଷଧ ମହାନିୟନ୍ତ୍ରକ ବା ଡ୍ରଗସ୍ । କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ ଜରୁରୀକାଳୀନ ବ୍ୟବହାର ନିମନ୍ତେ ସ୍ୱୀକୃତି (ଇୟୁଏ) ପ୍ରଦାନ କରିଥିଲେ ଏବଂ ବର୍ତ୍ତମାନ ସୁଦ୍ଧା ଏହାର ହାରାହାରି ୧୨ କୋଟି ଡୋଜ୍ ଦିଆଯାଇ ସାରିଲାଣି । ଏହି ଟିକାକୁ ପ୍ରସ୍ତୁତ କରିଥିବା ଭାରତ ସରକାରଙ୍କ ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏଆର) ଏବଂ । ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି (ଏନ୍‌ଆଇଭି) ଟିକାର ଡବ୍ଲ୍ୟୁଏଚ୍?ଓ ସ୍ୱୀକୃତି ପାଇବା ନିମନ୍ତେ ଯଥାସମ୍ଭବ ଉଦ୍ୟମ କରି ଆସୁଛନ୍ତି । ଡବ୍ଲ୍ୟୁଏଚ୍?ଓ କର୍ମକର୍ତ୍ତାମାନେ ମଧ୍ୟ ଆଶ୍ୱାସନା ଶୁଣାଇ ଆସୁଛନ୍ତି ଯେ ଟିକାର କାର୍ଯ୍ୟକାରୀ କ୍ଷମତା ବାବଦରେ ଏହାର କର୍ତ୍ତୃପକ୍ଷମାନେ ଏହାର ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ଟ୍ରାୟଲର ରିପୋର୍ଟକୁ ତର୍ଜମା କରୁଛନ୍ତି ଏବଂ ଖୁବ୍ ଶୀଘ୍ର ଏ ବାବଦରେ କିଛି ନିଷ୍ପତ୍ତି ନିଆଯିବ । ପରିଶେଷରେ ବୁଧବାର ଦିନ କୋଭାକ୍ସିନର ଶେଷ ପର୍ଯ୍ୟାୟର ବିପଦ ମୁକାବିଲା ଆକଳନ କରାଯିବାକୁ ସ୍ଥିର ହୋଇଛି । ଏହି । ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜି୨୦ ଗୋଷ୍ଠୀର ରାଷ୍ଟ୍ରମାନଙ୍କୁ କହିଛନ୍ତି ଯେ ଯଦି କୋଭାକ୍ସିନ୍‌କୁ । ଇୟୁଏଲ୍ ମିଳିଯାଏ, ତା' ହେଲେ ଭାରତ ବିଶ୍ୱ ସମୁଦାୟକୁ ୨୦ କୋଟି ଡୋଜ୍ ପ୍ରଦାନ କରିବ । ଏହି ଆଶ୍ୱାସନାକୁ କିଛି ତଥ୍ୟାଭିଜ୍ଞ ମହଲ ରାଜନୀତିକ ଚାପ ପ୍ରୟୋଗ କହୁଥିବା ବେଳେ ଆଉ କିଛି ଏହାର ଟ୍ରାୟଲକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ସେମାନଙ୍କର କହିବା କଥା ହେଉଛି, ବୈଜ୍ଞାନିକ ବିଧି ବ୍ୟବସ୍ଥାକୁ ଏଡ଼ାଇ ଯାଇ ଟିକାକୁ ଇୟୁଏ ପ୍ରଦାନ କରାଯିବା ଠିକ୍ ହୋଇନାହିଁ । ସେ ଯାହାହେଉ, ଟିକାର ଇୟୁଏଲ୍ ପାଇଁ ଡବ୍ଲ୍ୟୁଏଚ୍‌ଓ ଟାଳଟୁଳ ନୀତି ଅବଲମ୍ବନ କରିବା ଠିକ୍ ହେଉନାହିଁ ।



## ଅପପୃଷ୍ଟି ଓ କ୍ଷୁଧାମୁକ୍ତ ଭାରତବର୍ଷ ହେଲେ ସଶକ୍ତ ହୋଇପାରିବ !!

**ପ୍ରଦୋଷ କୁମାର ଦାସ**

ଚଳିତ ୨୦୨୧ ବର୍ଷ, ବିଶ୍ୱର ୧୧୬ଟି ଦେଶକୁ ନେଇ ପ୍ରସ୍ତୁତ କରାଯାଇଥିବା ବିଶ୍ୱ କ୍ଷୁଧା ସୂଚୀରେ ଆମ ଦେଶ ଭାରତ ବର୍ଷର ସ୍ଥାନ ୧୦୧ ନମ୍ବରରେ ରହିଛି। ଭାରତର ସ୍ଥାନ ୯୪ ରହିଥିବା ବେଳେ ଏବେ ୧୦୧ ସ୍ଥାନକୁ ଖସି ଆସିବା ଖବର ଉଦବେଗଜନକ ଅଟେ। ଆୟାର୍ଲାଣ୍ଡର ସହାୟତା ପ୍ରଦାନକାରୀ ସଂସ୍ଥା 'କନସର୍ନ ୱାର୍ଲଡୱାଇଡ' ଏବଂ ଜର୍ମାନୀର ୱେଲଟ ହଙ୍ଗର ହିଲଫେ' ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତ ଉକ୍ତ ରିପୋର୍ଟରେ ଭାରତର କ୍ଷୁଧାକୁ ଅତ୍ୟନ୍ତ ଚିନ୍ତାଜନକ ବୋଲି ଦର୍ଶାଯାଇଛି ।ଉଲ୍ଲେଖଯୋଗ୍ୟ,ଗତ ୨୦୦୦ ମସିହାରେ ଭାରତର ସ୍କୋର ବିଶ୍ୱ କ୍ଷୁଧା ସୂଚୀରେ ୩୮.୮ ରହିଥିଲା। ଏହା କ୍ରମେ ହ୍ରାସ ପାଇ ଗତ ୨୦୧୨ ମସିହାରୁ ଚଳିତ ୨୦୨୧ ମସିହା ସୁଦ୍ଧା ୨୮.୮ ରୁ ୨୭.୫

ମଧ୍ୟରେ ରହିଛି। ସୂଚନା ମୁତାବକ ଏହି ବିଶ୍ୱ କ୍ଷୁଧା ସୂଚକାଙ୍କ ଆମ ପଡୋଶୀ ପାକିସ୍ତାନ, ବଙ୍ଗଳାଦେଶ, ନେପାଳ ଭାରତ ଅପେକ୍ଷା ଭଲ ସ୍ଥିତିରେ ରହିଛି। ଅବଶ୍ୟ ବିଶ୍ୱ କ୍ଷୁଧା ସୂଚକାଙ୍କ ତାଲିକାରେ କ୍ଷୁଧାତୁର ଲୋକଙ୍କୁ ଖାଦ୍ୟ ଯୋଗାଇବା କ୍ଷେତ୍ରରେ ମିଆଁମାର( ବର୍ମା) (୭୧), ନେପାଳ (୭୬), ବଙ୍ଗଳାଦେଶ ( ୭୭), ପାକିସ୍ତାନ (୯୨) ଆଦି ମଧ୍ୟ ଚିନ୍ତାଜନକ କ୍ଷୁଧା ବର୍ଗରେ ରଖାଯାଇଛି। ଭାରତ ( ୧୦୧) ତଳକୁ ରହିଥିବା ମାତ୍ର ୧୫ ଟି ଦେଶ ମଧ୍ୟରେ ସୋମାଲିଆ ସର୍ବଶେଷ ୧୧୬ ତମ ସ୍ଥାନରେ ରହିଥିବା ବେଳେ ଅନ୍ୟ ୧୪ ଟି ଦେଶ ମଧ୍ୟରେ ପପୁଆ ନ୍ୟୁ ଗିନି, ଆଫଗାନିସ୍ଥାନ, ନାଇଜେରିଆ, କଙ୍ଗୋ, ମୋଜାମ୍ବିକ, ସିଏରା ଲିଏନୋ, ତିମୋର ଲେଷ୍ଟି, ହାଇତି, ଲାଇବେରିଆ, ମାଡାଗାସ୍କାର, ଚାଡ, ୟେମେନ ଆଦି ଅନ୍ତର୍ଭୁକ୍ତ।

ଏହି ବିଶ୍ୱ କ୍ଷୁଧା ସୂଚକାଙ୍କ ମୂଲ୍ୟାୟନରେ ବିଚାରକୁ ନିଆଯାଇଥିବା ୪ଟି ମାପଦଣ୍ଡରେ ଅପପୃଷ୍ଟି, ଉଚ୍ଚତା ଅପପୃଷ୍ଟି,ଦୀର୍ଘ କାଳୀନ ଅପପୃଷ୍ଟି ତଥା ୫ ବର୍ଷରୁ କମ୍ ବୟସର ଶିଶୁ ମୃତ୍ୟୁହାର ପରିସଂଖ୍ୟାନ ଅଟେ।ଏଥି ସହ ୫ ବର୍ଷରୁ କମ ବୟସର ଶିଶୁଙ୍କର ସ୍ୱାସ୍ଥ୍ୟଗତ ସ୍ଥିତି, ଜନ୍ମରୁ ୫ବର୍ଷ ଯାଏ କ୍ରମବର୍ଦ୍ଧିଷ୍ଣୁ ଶିଶୁଙ୍କର ବୟସ ମୁତାବକ ଆବଶ୍ୟକ ଉଚ୍ଚତା, ଓଜନ, ଶରୀର ବିକାଶ, ମୃତ୍ୟୁହାର ବିଚାରକୁ ନେଲେ ଭାରତର ସ୍ଥିତି ଉପରୋକ୍ତ ବିଶ୍ୱ କ୍ଷୁଧା ସୂଚୀରେ ମୋଟ ୧୧୬ ରାଷ୍ଟ୍ରରୁ ୧୦୧ ସ୍ଥାନରେ ରହିବା ରିପୋର୍ଟ ଆମ ଦେଶକୁ ଏକ ପ୍ରକାର ଆଇନା ଦେଖାଇଛି କହିଲେ ଚଳେ।

କୋଭିଡ-୧୯ ତଥା ଏଥି ଜନୀତ ଲାଗୁ ବିଭିନ୍ନ କଟକଣା, ଅଚଳାବସ୍ଥା ଗତ ୨ ବର୍ଷ ଧରି ଆମର ସାରା ଦେଶରରେ ସାମଗ୍ରିକ ଭାବେ ସବୁ ବର୍ଗର ଜୀବନ ଜୀବିକାକୁ ଏଯାବତ୍ ଏକ ପ୍ରକାର ପ୍ରଭାବିତ କରିରଖିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଦୁଃଖର ବିଷୟ, ଦେଶର ଖାଦ୍ୟ ସୁରକ୍ଷା ଯୋଜନା ଏବେ ମଧ୍ୟ ସଂଖ୍ୟାଧିକ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରୁନାହିଁ। ଏମିତି ଅନେକ ନଥିକୃତ ହିତାଧିକାରୀ ରହିଛନ୍ତି, ଯାହାଙ୍କ ନାମରେ ଆସୁଥିବା ରାସନ ସାମଗ୍ରୀ ସେମାନେ ସଠିକ ପରିମାଣରେ ତଥା ସ୍ଥଳ ବିଶେଷରେ ଆଦୌ ପାଇପାରୁନାହାଁନ୍ତି। ଅସହାୟ ଗରିବ ହିତାଧିକାରୀଟି ଅସାଧୁ ବିଭାଗୀୟ କର୍ମଚାରୀ ତଥା ରାଜନୈତିକ ପେଞ୍ଚର ଶିକାର ହୋଇ ନିଜ ପ୍ରତିବାଦର ସ୍ୱର ମଧ୍ୟ ଉଠାଇ ନପାରି ନୀରବରେ ଲୋତକ ନିଗାଡିବାକୁ ବାଧ୍ୟ ହେଉଛି। ମିଳୁଥିବା ରାସନ ସାମଗ୍ରୀ ନିମ୍ନମାନର ଓ କମ ଓଜନ, ପରିମାଣର ମିଳୁଥିଲେ ମଧ୍ୟ ଅସହାୟ ହିତାଧିକାରୀ ଆଗକୁ ହୁଏତ ମିଳିବା ନମିଳିବା ନେଇ ଆଶଙ୍କାରେ ଚୁପ ରହିବାକୁ ବାଧ୍ୟ ହେଉଛି। ଅନେକ ସ୍ଥଳବିଶେଷରେ ଆଇନ ଓ ପ୍ରଶାସନ ପାଖରେ ତାର ପ୍ରତିବାଦର ସ୍ୱର ମଧ୍ୟ ପହଞ୍ଚିପାରୁନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ପ୍ରଣୀତ ବିଭିନ୍ନ ଜନକଲ୍ୟାଣମୁଖୀ ଯୋଜନାର ସଫଳ ରୂପାୟନ ଏବେ କେବଳ ପ୍ରଚାର ସର୍ବସ୍ୱ ପାଲଟିଛି ।ଲୋକଙ୍କ ହିତରେ ସବୁ ଚାଲିଛି ବୋଲି ଉଦଘୋଷଣା ଅନେକ ସ୍ଥିତିରେ ଧର୍ମକୁ ଆଖି ଠାର ଭଳି କାଗଜ କଲମରେ କେବଳ ଚାଷ ଚାଲିଛି। ଜନ କଲ୍ୟାଣମୁଖୀ ଯୋଜନାର ସିଂହ ଭାଗ ବାଟମାରଣା ହୋଇଯାଉଛି। ଦିନକୁ ଦିନ ଅଭାବୀ ମଣିଷର ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାରେ କ୍ଷୁଧା ଓ ଅସହାୟତା ବଢିଯାଇଛି ।ସରକାରୀ ଯୋଜନାରେ ଯଥାକଥା ପାଇବାକୁ ବାଧବାଧକତାରେ ଅସହାୟ ହିତାଧିକାରୀ ଆପୋଷ ବୁଝାମଣା କରିବାକୁ ବାଧ୍ୟ ହେଉଛି ।

କରୋନା କାରଣରୁ ଆମ ସମାଜର ମଧ୍ୟବିତ୍ତ ବର୍ଗ ଉପାର୍ଜନ ହରାଇ ସବୁଠାରୁ ବେଶୀ ଅସହାୟ। ଏମାନେ ତଳକୁ ଯାଇପାରୁଛନ୍ତି, ନା' ଉପରକୁ ଯାଇ ପାରିବାରେ ସମର୍ଥ ହେଉଛନ୍ତି। ସଂସାର ଚଳାଇବାକୁ ଅଭାବ ଅସୁବିଧାରେ ପଡି ତଥା ସରକାରୀ ଭାବେ ନଥୀଭୁକ୍ତ ଓ ତଥାକଥିତ ସ୍ୱଚ୍ଛଳବର୍ଗ ବର୍ଗ ବୋଲି କେହି ଏମାନଙ୍କୁ ଆଡ ଆଖିରେ ବିଚାର କରନ୍ତିନାହିଁ। ନିତିପ୍ରତିଦିନ ପରିବାର ଚଳାଇବାକୁ ସ୍ୱଳ୍ପ ଖାଦ୍ୟ ଓ କୁପୋଷଣର ଶିକାର ଏହି ବର୍ଗ ଶିକାର ହେଉଥିବା ଅପପୃଷ୍ଟିର ଅନୁଧ୍ୟାନ କରିବା ନିହାତି ଜରୁରୀ।

ଆମ ଦେଶରେ ଦିନୁଦିନ ହୁ ହୁ ହୋଇ ବଢୁଥିବା ନିତ୍ୟ ବ୍ୟବହାର୍ଯ୍ୟ ବିଭିନ୍ନ ସାମଗ୍ରୀର ଦରଦାମକୁ ସମ୍ମୁଖୀନ ହେବା କ୍ରମେ ଅସମ୍ଭବ ହେଲାଣି। ସବୁ ସ୍ତରରେ ଏବେ ପରିବାର ଚଳାଇବା କାଠିକର ପାଠ ହେଲାଣି। ଦରବୃଦ୍ଧି ଜନୀତ ସମସ୍ୟାରେ ଯୁଝି ହୋଇ ଆର୍ଥିକ ପ୍ରଭାବିତ ପରିବାର ପୁଷ୍ଟିକର ଖାଦ୍ୟ ଯୋଗାଡିବା ଦୁଷ୍କର ହେଲାଣି। ପରିବେଶ ଓ ପରିସ୍ଥିତି ଏପରି ହେଲାଣିଯେ ପୂର୍ବାପେକ୍ଷା ଆମ ଦେଶରେ ସରକାରୀ ଭାବେ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ସବୁଠାରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ସାଧାରଣ ଜର ରୋଗରେ ପୀଡିତ ମଣିଷଟି ସୁସ୍ଥ ହେବାକୁ ବାଧବାଧକତାରେ ପଡି ଘରୋଇ ହସ୍ପିଟାଲ ଯାଇ ଆର୍ଥିକ ଅନଟନରେ ପଡୁଛି। ଘର ଚଳାଇବାକୁ ଅଭାବୀ ମଣିଷଟି ସପରିବାରେ ଉପଯୁକ୍ତ ଖାଦ୍ୟ ଅଭାବରୁ କ୍ରମେ କୁପୋଷଣର ଶିକାର ହେଉଛି। ପିଲାଙ୍କ କ୍ୟାରିଅର ଚିନ୍ତାରେ ପାଠପଢା ଖର୍ଚ୍ଚ ଏବେ ଆକାଶ ଛୁଆଁ ହୋଇଗଲାଣି। ଏହା ଏକ ପରିବାର ପାଇଁ ଅନେକ ସ୍ଥଳରେ ପୁଷ୍ଟିକର ଖାଦ୍ୟ ଯୋଗାଡରେ ପ୍ରତିବନ୍ଧକ ମଧ୍ୟ ସୃଷ୍ଟି କରିବାରେ ଲାଗିଛି। ଗ୍ରାମାଞ୍ଚଳ ରେ ଆର୍ଥିକ ଅନଗ୍ରସର , ଅପପୁଷ୍ଟି ଜନୀତ ସ୍ୱାସ୍ଥ୍ୟ ସଙ୍କଟ ଏଡାଇବାକୁ ସୁଷମ ଖାଦ୍ୟର ଆବଶ୍ୟକତାକୁ ଗ୍ରହଣ କରିବା ରେ ଅସମର୍ଥ ପରିବାର ତଥା ସହରର ଶ୍ରମିକ ଓ ଖଟିଖିଆ, ପ୍ରବାସୀ ପରିବାର ବିଶେଷ ଭାବରେ କୁପୋଷଣର ଶିକାର ହୋଇଥାନ୍ତି। ଅନେକ ଅଭାବ ଓ ପରିସ୍ଥିତି ରେ ପଡ଼ି ଭଲ ଖାଦ୍ୟ ଅଭାବରୁ ଅପପୃଷ୍ଟିର ମଧ୍ୟ ହୋଇଥାନ୍ତି। ଆଜିକାଲି

ଆଧୁନିକ ପଢା ପିଲାଏ ପାଟି ସୁଆଦ ପାଇଁ ତତ୍କାଳ ଖାଦ୍ୟ( ଇନଷ୍ଟାଣ୍ଟ ଫୁଡ) ଯଥା ଚାଇନିଜ, ମସଲାଯୁକ୍ତ ଖାଦ୍ୟ ଖାଇବା, ରାତି ଅନିଦ୍ରା ରହିବା, ଉଚ୍ଚାଭିଳାଷ ଜନୀତ ଅସ୍ଥିରତା, ନିଶା ଆଗ୍ରହ କ୍ରମେ କୃତ୍ରିମ ଖାଦ୍ୟ ଆଡ଼କୁ ମୁହାଁଇ ଚାଲିଛନ୍ତି। କେହି ଶରୀର ପୋଷଣ ପାଇଁ ଚିନ୍ତା କରୁନାହାନ୍ତି। ପ୍ରାୟ ସମସ୍ତେ ପାରମ୍ପରିକ ଖାଦ୍ୟାଭାସରୁ ଓହରି ଯାଇଛନ୍ତି। ସଂଖ୍ୟାଧିକ ମହିଳା ନିଜ ସ୍ୱାସ୍ଥ୍ୟ ପାଇଁ ଅବହେଳା କରୁଥିବା ବେଳେ ଅନେକ ପ୍ରାୟ ପରିବାର ରେ ଅବହେଳା ର ଶିକାର ହୋଇଥାନ୍ତି। ମହିଳା ଟିଏ ପରିବାର ପାଇଁ ନିଜର ପରିଶ୍ରମକୁ ଉତ୍ସର୍ଗ କରୁଥିଲେ ମଧ୍ୟ ପରିସ୍ଥିତିରେ ପଡି ଆପଣାର ସ୍ୱାସ୍ଥ୍ୟ ସୁରକ୍ଷାରେ ଉପଯୁକ୍ତ ଖାଦ୍ୟ ଗ୍ରହଣକୁ ପ୍ରାୟ ଏଡାଇ ଯାଇଥାନ୍ତି। ଆପଣା ସ୍ୱାସ୍ଥ୍ୟ ସୁରକ୍ଷାରେ ଉଦାସୀନ ଅଭାବୀ ମହିଳାଟି କୁପୋଷଣର ଶିକାର ହେବା ସ୍ୱଭାବିକ। ଏପରି ସ୍ଥଳେ ସ୍ୱାସ୍ଥ୍ୟବାନ ସନ୍ତାନ ଜନ୍ମ ସମ୍ଭବ ହେବ କିପରି ?

ଅନେକ ଅଂଗନବାଡିରେ ମିଳୁଥିବା ଶିଶୁ ଖାଦ୍ୟରେ, ସ୍କୁଲ ମଧ୍ୟାହ୍ନ ଭୋଜନରେ ନିମ୍ନମାନର ଖାଦ୍ୟ ଯୋଗାଣ ଦେଖିବାକୁ ମିଳୁଛି। ଶିଶୁ ଓ ମହିଳାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଯୋଜନା ରହିଛି, ତେବେ ଏହାର ସଫଳ ରୂପାୟନ କିପରି ହେଉଛି, ତାର ତନାଘନା କରିବାରେ ବିଭାଗୀୟ ସ୍ତରରେ ଉଦାସୀନତା ସବୁଠାରେ ପ୍ରାୟ ପରିଲକ୍ଷିତ ହେଉଛି।

ଆମ ଦେଶ ଯଦି ଆବଶ୍ୟକ ପୁଷ୍ଟିକାରକ ଖାଦ୍ୟ ଅଭାବଜନୀତ ସମସ୍ୟାର ଭଉଁରୀ ଭିତରକୁ ଫସିଯାଏ, ତେବେ ଆଗକୁ ଆମେ କିପରି ସଶକ୍ତ ଓ ସୁରକ୍ଷିତ ଭାରତ ପାଇପାରିବା !? କ୍ଷୁଧା ଜର୍ଜରିତ ଦେଶ କେବେ ବି ଏକ ସୁରକ୍ଷିତ ଓ ବିକାଶଶୀଳ ରାଷ୍ଟ୍ର ବୋଲି କୁହାଯାଇନପାରେ। ଆମ ଦେଶର ଶିଶୁ ଓ କିଶୋର ତଥା ଯୁବ ବର୍ଗ କୁପୋଷଣ ତଥା ଅପପୃଷ୍ଟିର ଶିକାର ହେଲେ ଆମ ଦେଶର ଭବିଷ୍ୟତ ଅନ୍ଧକାର ହୋଇଯିବ। ଆବଶ୍ୟକ ସେବା ଅଭାବରୁ ବୟୋଜ୍ୟେଷ୍ଠମାନେ ମଧ୍ୟ ଅସହାୟ ହୋଇଯିବେ। ସୁସ୍ଥ ଓ ନିରାମୟ ଭାରତବର୍ଷ ଗଠନ ପାଇଁ ସରକାର ପ୍ରଥମେ ଦରଦାମ ନିୟନ୍ତ୍ରଣ କରିବା ବିଧେୟ। ସ୍ୱାସ୍ଥ୍ୟସେବା ସମେତ ଖାଦ୍ୟ ସୁରକ୍ଷା ପ୍ରଣୀତ ଯୋଜନାର ସଫଳ ରୁପାୟନ ପାଇଁ ପ୍ରାଶାସନିକ ସ୍ତରରେ ତନାଘନା ଜରୁରୀ ।ଏହାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହ ଆମେ ଚିନ୍ତାଶୀଳ, ବୁଦ୍ଧିଜୀବୀ, ଦେଶବାସୀ ଏଦିଗରେ ସୃଷ୍ଟ ସମସ୍ୟାର ସମାଧାନ ପାଇଁ ନିଜ ନିଜ ସ୍ତରରେ ମାନବିକତାର ଦାୟିତ୍ୱ ନିର୍ବାହ କରିବା ନିହାତି ଜରୁରୀ। ଏଦିଗରେ ଆବଶ୍ୟକ ଗଠନମୂଳକ ବିଚାରକୁ ସ୍ଥଳବିଶେଷରେ

ଆମ ଦେଶର କେନ୍ଦ୍ର ସରକାର ତଥା ପ୍ରତ୍ୟେକ ରାଜ୍ୟ ସରକାରମାନେ ଆପଣାର ରାଷ୍ଟ୍ର କ୍ଷୁଧା ଓ କୁପୋଷଣ ନିବାରଣ ନିମନ୍ତେ ପାରସ୍ପରିକ ସମନ୍ୱୟ ରକ୍ଷାକରି ଜନକଲ୍ୟାଣ ପାଇଁ ବିଶେଷ ଯତ୍ନବାନ ହେବା ଜରୁରୀ ।


♥ ନା/ପୋ:-ନାଟୁଣୀ,
ଜିଲ୍ଲା:- ଖୋରଧ-୭୫୨୦୩୪
(ମୋ) ୬୩୭୦୪୯୫୯୪୪)




## ଆଗକୁ ୫ଜି ଜୀବନ

**ବୈଷ୍ଣବ ମେହେର**

୫ଜି ଟେକ୍ନୋଲୋଜିର ଅର୍ଥ ହେଉଛି fifth generation ବା ପଂଚମ ପିଢ଼ିର ବେତାର ପ୍ରଯୁକ୍ତିବିଦ୍ୟା । ବର୍ତ୍ତମାନ ପର୍ଯ୍ୟନ୍ତ ୧ଜିରୁ ୫ଜି ଟେକ୍ନୋଲୋଜି ଆସିଛି । ୫ଜି ଉପଯୋଗ ଦ୍ୱାରା ଅନେକ ଗୁଡ଼ିଏ ନୂଆ ଉନ୍ନତ ଧରଣର ଆପ୍ଲିକେସନର ଉପଯୋଗ କରାଯାଇ ପାରିବ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ବର୍ତ୍ତମାନର ପ୍ରଯୁକ୍ତିବିଦ୍ୟାକୁ ଏହା ଆହୁରି ଅତ୍ୟାଧୁନିକ ସ୍ତରକୁ ନେଇ ଯିବାରେ ସକ୍ଷମ ହୋଇପାରିବ । ଏହାଦ୍ୱାରା ଇଣ୍ଟରନେଟ ସେବା ଅଧିକ ଦ୍ରୁତ ହେବା ଫଳରେ ପୂର୍ବାପେକ୍ଷା ଅତିକମ୍ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସୁବିଧା ଓ ସହଜରେ ହାସଲ କରାଯାଇପାରିବ । ସାଂପ୍ରତିକ ସମୟରେ ଏଭଳି କୌଣସି ବ୍ୟକ୍ତି ନାହାନ୍ତି ଯିଏ ଇଣ୍ଟରନେଟ ସୁବିଧାର ବ୍ୟବହାର କରନ୍ତି ନାହିଁ । ଏହାର ବ୍ୟବହାର ଯେତିକି ଜରୁରି ଏହି ଟେକ୍ନୋଲୋଜିର ଅଭିନବ ନିର୍ମାଣ ମଧ୍ୟ ସେତିକି ଆବଶ୍ୟକତା ରହିଛି ।

୫ଜି ଭଳି ନୂତନ ବୈଷୟିକ ଜ୍ଞାନର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ଏହା ସାହାଯ୍ୟରେ ଶିଳ୍ପ ଉପକରଣ ଏବଂ ପ୍ରକ୍ରିୟାକରଣର ଉପଯୋଗିତା, ଯୋଗାଯୋଗ, ସ୍ୱଷ୍ଟ ପାଣିପାଗ ସୂଚନା ଏବଂ ଅଟୋ ମୋବାଇଲ ଜଗତରେ ଅଭ୍ୟନ୍ତରୀଣ ସୁରକ୍ଷା ପୂର୍ବ ଅପେକ୍ଷା ଅଧିକ ବିକଶିତ କରିବା । ୫ଜି ସୁପର ହାଇ ସ୍ପିଡ୍ ଇଣ୍ଟରନେଟ୍ ସଂଯୋଗ ଯୋଗାଇବା ସହ ଏହାର ସଂଯୋଗ ଦ୍ୱାରା ଅଧିକ ସଠିକ ତଥ୍ୟ ହାସଲ କରାଯାଇ ପାରିବ । ବର୍ତ୍ତମାନର ୪ଜି ଟେକ୍ନୋଲୋଜି ବ୍ୟବହାର କରି ସେକେଣ୍ଡକୁ ପ୍ରାୟ ୧ଜିବି ଫାଇଲ ଡାଉନଲୋଡ଼ କରିହେଉଥିବା ବେଳେ ୫ଜି ଟେକ୍ନୋଲୋଜିରେ ୧ସେକେଣ୍ଡ ମଧ୍ୟରେ ପ୍ରାୟ ୧୦ଜିବିରୁ ଅଧିକ କାର୍ଯ୍ୟ କରିହେବ । ୫ଜି ନେଟୱାର୍କର ବ୍ୟବହାର ପରେ ବର୍ତ୍ତମାନ ଡିଜିଟାଲ ଇଣ୍ଡିଆର ଯେଉଁ ନାରା ଦିଆଯାଇଛି, ଏହା ଏକ ଭଲ ଗତି ପାଇବାର ଆଶା କରାଯାଏ। ଏହାଦ୍ୱାରା ମଧ୍ୟ ଦେଶର ଜିଡ଼ିପି ଓ ଅର୍ଥନୀତିରେ ଅନେକ ସକରାତ୍ମକ ପ୍ରଭାବ ଦେଖିବାକୁ ମିଳିବ। ମୋଟାମୋଟି ଭାବରେ ୫ଜିର ନୂତନ ଟେକ୍ନୋଲୋଜି ସଂପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହେଲେ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ବିକାଶର ଲହର ଖେଳିଯିବ ବୋଲି ବିଶ୍ୱାସ କରାଯାଏ।

ବୈଷୟିକ ବିଜ୍ଞାନ ସହ ଉଭୟ ଲାଭ ଓ କ୍ଷତି ସଦାସର୍ବଦା ଜଡ଼ିତ ହୋଇ ରହିଛି। ପୂର୍ବରୁ ଯେତେ ସବୁ ଟେକ୍ନୋଲୋଜି ଆସିଛି, ସେସବୁର ନକରାତ୍ମକତାର ପ୍ରଭାବ ମଧ୍ୟ ମଣିଷ ସହ ଜୀବଜଗତ ଉପରେ ପଡ଼ି ଆସିଛି। ତେଣୁ ଏହା ମଧ୍ୟ ଏକ ମୁଖ୍ୟ ଓ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଏହାକୁ ଏଡ଼ାଇଯିବା ଅର୍ଥ ବିପଦକୁ ଡାକିବା ଭଳି ହେବ। ପୂର୍ବରୁ ଭାରତରେ ହୋଇଥିବା ସର୍ଭେ ଅନୁସାରେ ମୋବାଇଲ ଟାୱାର ବିକିରଣ ଯୋଗୁଁ ମହୁମାଛି, ଘରଚଟିଆ, କାଉ ଭଳି ଅନେକ ଜୀବ ସାଂଘାତିକ ଭାବରେ ପ୍ରଭାବିତ ହୋଇଥିବା କୁହାଯାଇଛି। ଏହାର ସିଧାସଳଖ ପ୍ରଭାବ ଆମ ପରିବେଶ ଉପରେ ପଡ଼ିବା ସହ ମଣିଷର ମଧ୍ୟ କ୍ଷତି ଘଟୁଥିବା ବିଭିନ୍ନ ସମୟରେ ଆଲୋଚନା ସମାଲୋଚନା ହୋଇ ଆସୁଛି। ୪ଜି ଅପେକ୍ଷା ୫ଜି ଅଧିକ ବୈଦ୍ୟୁତିକ ଚୁମ୍ବକୀୟ ତରଙ୍ଗ ବିକିରଣ କରିବ। ଯାହାର ପ୍ରଭାବ ଜୀବଜଗତ ଉପରେ ସିଧାସଳଖ ପଡ଼ିବ। ତେବେ ଏହି ପ୍ରଭାବ କେତେ କ୍ଷତିକାରକ ହେବ ସେନେଇ ଗବେଷଣା ଜାରି ରହିଥିବା ବେଳେ ଏହାର ରିପୋର୍ଟ ଆସନ୍ତା ବର୍ଷ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ଉନ୍ନତ ସାଇବର ନିରାପତ୍ତା, ବ୍ୟକ୍ତିଗତ ତଥ୍ୟର ଉତ୍ତମ ସୁରକ୍ଷାକୁ ସୁନିଶ୍ଚିତ କରିବାରେ ୫ଜିର ମହତ୍ୱପୂର୍ଣ୍ଣ ଉପଯୋଗିତା ରହିଥିବା ବେଳେ ସ୍ୱାସ୍ଥ୍ୟ ଓ ପରିବେଶ ଉପରେ ସମ୍ଭାବ୍ୟ ନକରାତ୍ମକ ପ୍ରଭାବକୁ ନେଇ ଘୋର ଆଶଙ୍କା ପ୍ରକାଶ ପାଇବା ଚିନ୍ତାର ବିଷୟ ହୋଇଛି। ଏହା ମଣିଷ ସମେତ ଜୀବଜଗତ ପାଇଁ କେତେ ନିରାପଦ ତାହା ହିଁ ବର୍ତ୍ତମାନର ବଡ଼ ପ୍ରଶ୍ନ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୫ଜି ବିକିରଣରୁ କ୍ୟାନସର୍ ଭଳି ମାରାତ୍ମକ ରୋଗର ସମ୍ଭାବ୍ୟ କାରଣ ବର୍ଗରେ ରଖାଯାଇଥିଲେ ହେଁ ଏନେଇ ନିର୍ଣ୍ଣିତ କରାଯାଇ ନାହିଁ। ୫ଜି ମୋବାଇଲ ଟାୱାରରୁ ହେଉଥିବା ବୈଦ୍ୟୁତିକ ଓ ଚୁମ୍ବକୀୟ ବିକିରଣ ପାଇଁ ଇଣ୍ଟରନ୍ୟାସନାଲ କମିସନ ଅନ୍ ନନଆୟୋନାଇଜିଂ ରେଡ଼ିଏସନ୍ ପ୍ରୋଟେକ୍ସନ୍ (ଆଇ.ସି.ଏନ୍.ଆଇ.ଆର.ପି) ତରଫରୁ ଯେତିକି କଡ଼ା ନିୟମ ଧାର୍ଯ୍ୟ କରାଯାଇଛି, ଭାରତରେ ତା'ଠାରୁ ଦଶ ଗୁଣା ଅଧିକ କଠୋର ନିୟମ କରାଯାଇଥିବା ଟେଲି ଯୋଗାଯୋଗ ବିଭାଗ ପକ୍ଷରୁ କୁହାଯାଇଛି।


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)







### କଳ୍ପନା ଗୋ ତୁମେ

**ଧ୍ରୁବ ଚରଣ ବେହେରା**

ରଜନୀ କୋଳରେ ଜହ୍ନ ହସିଦେଲେ
ତୁମ କଥା ମନେ ପଡେ
ତୁମରି ସ୍ମୃତିରେ ପ୍ରେମ ପୀରତିରେ
ନୀରବତା ଖାଲି ଲୋଡେ ।

କଳ୍ପନା ରାଇଜ ରାଜରାଣୀ ତୁମେ
ପରୀ ରାଇଜର ଜେମା
ତୁମ ପାଇଁ ମୋର ଶବ୍ଦର ଅଭାବ
କି ଦେବି କୁହ ଉପମା ।

ଅପସରୀ ସମ ତୁମରି ଯୌବନ
ବିଧୁର ଦିଏ ପରଶି
ତୁମେ ମୋ ହୃଦୟ ପ୍ରେମ ତରଙ୍ଗିଣୀ
ଅଭୁଲା ପ୍ରିୟା ମାନସୀ ।

ତୁମ ପାଇଁ ସାଥୀ ଅଦିନେ ବସନ୍ତ
ଲୁଚି ଲୁଚି ଆସେ ଧୀରେ
କୋକିଳର ସ୍ୱନେ ମଧୁର କାନନ
ବଉଳ ମହକ ଝରେ ।

ଗୋରା ଗୋରା ତୁମ ହଳଦୀ ତନୁରେ
ପ୍ରଜାପତିଙ୍କର ଭିଡ
ତୁମେ ମୋ ଉର୍ବଶୀ ହୃଦ କାନନର
ଜୀବନ୍ତ ପ୍ରେମର ମୋଡ ।

କେତେ ଭାବନା ମୁଁ ସାଇତି ରଖିଛି
କେବଳ ତୁମରି ପାଇଁ
କେଉଁ ଦିନ ସାଥୀ ଦେଖାହେବ ସାଥେ
ସେ କଥା ଭାବୁଛି ମୁହିଁ ।

ଅକୁହା କଥା ମୋ ତୁମ ସାଥେ ବସି
କହି ଦେବି ହସି ହସି
ତୁମେ ମୋ ଜୀବନ ତୁମେ ମୋର ପ୍ରେମ
ଶରତ ତମସା ଶଶୀ ।


♥ ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ:୮୩୨୮୯୩୦୫୫୪


### ମହଙ୍ଗା ଖାଉଛି କାଳ

**ଝରଣା ବାରିକ**



ପରିବା ଦର ମହଙ୍ଗା ହେଲାଣି
ସହଜେ କାର୍ତ୍ତିକ ମାସ,
ଖାଉଟି ଆଖିରୁ ନିଦ ହଜିଲାଣି
ଶୁଖିଲାଣି ଓଠୁ ହସ।
ବଗ ପକ୍ଷୀ ପରା ଆମିଷ ଛାଡିକି
ହବିଷ କରିବ ଯାଇ,
କେମିତି ଆମିଷ ଭୋଜନ କରିବ
ମଣିଷ ଜନମ ପାଇ।
ମହା ପୂଣ୍ୟ ମାସ ଏ କାର୍ତ୍ତିକ ପରା
ପାପ ଯିବ ସବୁ ଧୋଇ,
ଆମିଷ ଛାଡ଼ିବ ହବିଷ ଖାଇବ
ପୂଣ୍ୟ ଫଳ ଦେବ ଥୋଇ।
ଏତିକି ବେଳକୁ ପରିବା ଦରଟା
ଆକାଶେ ଛୁଇଁଲା ଯାଇ,
ହାଟ କରିଗଲେ ଦରଦାମ୍ ଶୁଣି
ମୁଣ୍ଡ ଘୁରେ ଘାଇଁ ଘାଇଁ।
ମାଛ ମାଉଁସର ଦର ଶୁଣିଲେ
ପାଟିରୁ ବହୁଛି ଲାଳ,
କି ଧରମ ମାସ ପାଳିବ ଘରଣୀ
ମହଙ୍ଗା ଖାଉଛି କାଳ।


♥ ସମଲ, ତାଳଚେର, ଅନୁଗୋଳ


### କବି ତୁମେ

**ବେଣୁଧର ସୂତାର**



କବି ସୃଜିପାର ନିଥର ମରୁରେ
କୁସୁମିତ ଫୁଲବନ
ମରଣ ଦୁଆରୁ ପାପ ପୁଣ୍ୟର
ଅମୃତର ଆବାହନ ।
ଜୀବନ ବେଦର ଓଁକାର ସୁରରେ
ସୃଷ୍ଟିର ରହସ୍ୟ ସତ୍ତା
ପ୍ରେମ ପ୍ରଣୟର ସ୍ୱପ୍ନିଳ ବିନ୍ୟାସ
ମିଠା ଭାବପ୍ରବଣତା ।
ପ୍ରୀତି ବନ୍ଧନରେ ମିଳନ ଅର୍ଘ୍ୟରେ
ଗୋଲାପି ଶୃଙ୍ଗାର ଧାରା
ଶାନ୍ତି ସଂପ୍ରୀତିର ମୈତ୍ରୀ ମାଳାରେ
ସୁନ୍ଦର କରିଛ ଧରା ।
ଭାବ ଚେତନାର ତନ୍ମୟ ତରଙ୍ଗେ
ଗହନ ଗୋପନ ତତ୍ତ୍ୱ
ତିମିର ବିଦାରି ଦିଶା ପ୍ରଦର୍ଶନେ
ପରମ ଶାଶ୍ୱତ ସତ୍ୟ ।
ତୃଷିତ ପ୍ରାଣର ଆଶା ମଉସୁମୀ
ମିଠାମିଠା ଭାବାବେଗ
ସପନ ସୁନ୍ଦରୀ ମହକ ମାଧୁରୀ
ବିମୋହନ ପ୍ରୀତିରାଗ ।
ଅସରା ଭାବର ଅମିୟ ପସରା
ମଗ୍ନମାଟି ମଧୁରତା
ପାଷାଣ ଅଙ୍ଗରେ ରୂପ ସୁଷମାରେ
ଫୁଟାଇଛ ପ୍ରାଣ ସତ୍ତା ।
କଳା ସଂସ୍କୃତିର ରସାଣିତ କୃତି
ଜଗାଏ ବୁକୁରେ ପ୍ରୀତି
ବାଣୀ ବିପଣୀର ତୃପ୍ତିମୟ ସୁର
କବିତା ପୁଲକ ପଙ୍କ୍ତି ।
ତୁମଲେଖନୀର ଅମୃତ ଚୁମ୍ବନେ
ଅଭିନବ ରୂପନ୍ୟାସ
ତୁମେ ଯାଦୁକର ରଚି ମାୟାପୁର
ବିମୋହିତ କର ବିଶ୍ୱ ।
ପ୍ରଜ୍ଞାର ପରାଗ ମିଠା ଅନୁରାଗ
ମାଦକିତ ମୃଦୁଛନ୍ଦ
ଭାବ ଗୁମ୍ଫନର ବିଭୂତି ବୈଭବ
ତୃପ୍ତିମୟ ଅନୁବନ୍ଧ ।
ଭାବମୟ ରସ ମାଧୁର୍ଯ୍ୟ ପୀୟୂଷ
ମଧୁର ପ୍ଲାବନ ତୁମେ
ମନ ମୁଖଶାଳା ସର୍ବଦା ମୁକୁଳା
ବିରାଟ ବିଶ୍ୱ ପ୍ରେମେ ।


♥ କେଶଦୁରାପାଳ, କେନ୍ଦୁଝର
ଦୂରଭାଷ -୯୧୭୮୫୬୮୨୪୬


### ବାଣପୁର ମାଟି

**ବିଶ୍ୱବିଜୟୀ ଦାଶ**

ଏ ବରପୁତ୍ର ମାଟି ବାଣପୁର ମାଟିରେ
ଏହି ପୀଠେ ବିଜେ ମା' ଭଗବତୀ।
ଶାଳିଆର କୂଳେ କେତକୀ ଗହଳେ
ମନସୁଖେ ଭୋଳେ ଦୁର୍ଗତୀ ନାଶିନୀ
ମଙ୍ଗଳ ଦାୟିନୀ ବସିଛି ଦେଉଳେ।
ବିପ୍ଳବୀ ପାଟଶାଣୀ ବୀର ଶିରୋମଣି
ଦେଶ ଭାଇ ପାଇଁ ହୋଇଣ ଅଗ୍ରଣୀ
ଲଢ଼ିଲେ ଫିରଙ୍ଗୀ ଫଉଜଙ୍କ ସଙ୍ଗେ
ଆଣ୍ଡାମାନ ଗଲେ କଳାପାଣି।
ଏ ବାଣପୁରର ସୁଯୋଗ୍ୟ ସନ୍ତାନ ଦୁଇ
ଗୋଦାବରୀଶ ପଣ୍ଡିତ ପ୍ରଧାନ
ଉଜ୍ଜ୍ୱଳ ଭାସ୍କର ପ୍ରାୟ ତେଜସ୍କର
ରାଜନୀତି ରେ ବିଜ୍ଞ ଅଟନ୍ତିରେ।
ଏ ବାଣପୁର ମାଟି ର ସୁପୁତ୍ର ପର୍ଶୁରାମ
ସମାଜସେବା ପାଇଁ ଆସିଲେ ଆଗେଇ,
ଏ ମାଟିରେ ସାହିତ୍ୟ ଓ ନାଟ୍ୟ ଜଗତକୁ
ଦେଇଥିଲ ଏକ ନୂତନ ଦିଗ ।
ଏ ମାଟିର ପାଇକ କବି କୃଷ୍ଣଚନ୍ଦ୍ର
ତୁମ ଲେଖନୀ ନିସୃତ କବିତା ମାନ
ସାହିତ୍ୟର ଅମୂଲ୍ୟ ଓ ଅକ୍ଷୟ ସମ୍ପଦ।
ଏ ମାଟିର ସୁପୁତ୍ର ଶଶୀଭୂଷଣ
ଶିକ୍ଷାର ବିକାଶ ପାଇଁ
ନେଇଥିଲ ବଜ୍ର ଶପଥ
ବାଣପୁର ବ୍ଲକର ଅଧକ୍ଷ ଓ ଖୋର୍ଦ୍ଧା
ସମବାୟ ବ୍ୟାଙ୍କର ସଭାପତି ହୋଇଣ,
କରିଥିଲ ବିକାଶ
ତୁମ ଜନସେବା ସ୍ମରଣ କରନ୍ତି
ଆଜିର ଯୁବପିଢ଼ି।
ବାଣପୁର ମାଟି ଟେକଟାଣ ବଡ଼
ଗୋରା ବନ୍ଧନୁ ଲଭି ମୁକତିରେ
ପଞ୍ଚୁଦୋଳ ଯାତ୍ରା ଠାକୁରଙ୍କ ମେଳ
ଏ ବାଣପୁର ମାଟିରେ।
ଏସିଆ ମହାଦେଶର ସର୍ବବୃହତ
ଶାଳ ଶାଗୁଆନ ଜଙ୍ଗଲ,
ଅବସ୍ଥିତ ଦାମିଆ ବରବରା ଏହି
ବାଣପୁର ମାଟିରେ।
ବାଣପୁର ଶୀର ମରାଳ ମାଳିନୀ
ନୀଳାମ୍ବୁ ଚିଲିକା ମନନିଏ ହରି
ବାଣପୁରେ ଉପସ୍ଥିତ ହେଲେ
ପ୍ରଭୁ ଶ୍ରୀ ରଙ୍କନାଥ ଚତୁର୍ଦ୍ଧା ମୂର୍ତ୍ତିରେ
ବାଣପୁର ଶୋଭା ସୋଲରୀ,
ଭାଲେରୀ, ଘଣ୍ଟଶିଳା, ବଙ୍କାଡ଼ ।
ମା'ଭଗବତୀ ଙ୍କୁ ରହିଛି
ଘେରି ତାଙ୍କରି ସ୍ମୃତିରେ।



♥ ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
(ମୋ) ୬୩୭୦୨୦୮୪୨୮





## ମିନା ଅପାଙ୍କ ରାମାୟଣ ଟୁକି (୧୭)

# ବିଶ୍ୱାମିତ୍ର ଋଷିଙ୍କ ଅଯୋଧ୍ୟା ଆଗମନ



କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଅଯୋଧ୍ୟାରେ ସବୁ ଠିକ୍ ଠାକ୍ ଚାଲିଥିଲା। ନିଜ ପୁତ୍ରମାନଙ୍କ ସହିତ ରାଜା ଦଶରଥ ବେଶ୍ ଖୁସିରେ କାଳାତିପାତ କରୁଥିଲେ। ଦଶରଥ ପୁତ୍ରମାନଙ୍କ ବିଭାଘର କଥା ମଧ୍ୟ ଚିନ୍ତା କରୁଥିଲେ। ମିନା ଅପା ରାମାୟଣ କଥା ଆରମ୍ଭ କଲେ। ଦିନେ ରାଜା ଦଶରଥ ନିଜ ରାଜସଭାରେ ବସିଥାନ୍ତି। ଏହି ସମୟରେ ଦ୍ୱାରପାଳ ସମ୍ବାଦ ଦେଲା ଯେ ବିଶ୍ୱାମିତ୍ର ଋଷି ଆସି ଦ୍ୱାରଦେଶରେ ଅପେକ୍ଷା କରିଛନ୍ତି। ବିଶ୍ୱାମିତ୍ର ମୁନିଙ୍କ ନାଁ ଶୁଣିଲେ ସେ ସମୟରେ ଯେ କୌଣସି ରାଜା ଡରି ଯାଉଥିଲେ। ରାଜା ଦଶରଥ ମଧ୍ୟ ଡରିଗଲେ।

ଦଶରଥ ବିଶ୍ୱାମିତ୍ରଙ୍କୁ ଡରିବାର କାରଣ ଅଛି। ତାଙ୍କ ପୂର୍ବଜ ରାଜା ହରିଶ୍ଚନ୍ଦ୍ରଙ୍କୁ ବିଶ୍ୱାମିତ୍ର ବହୁତ ହଇରାଣ କରିଥିଲେ। ତମେମାନେ ରାଜା ହରିଶ୍ଚନ୍ଦ୍ରଙ୍କ କଥା ଆଗରୁ ଶୁଣିଛ। ମିନା ଅପାଙ୍କ କଥାରେ ପିଲାମାନେ ଜୋରରେ ହଁ କହିଲେ।

ଦଶରଥ ରାଜା କରନ୍ତେ କଣ? ଦ୍ୱାରପାଳଠାରୁ ମୁନିଙ୍କ ଆଗମନ କଥା ଶୁଣି ତତ୍‌କ୍ଷଣାତ୍ ମୁନିଙ୍କ ପାଖକୁ ଗଲେ ଓ ଆଦର ସମ୍ମାନ ସହିତ ତାଙ୍କୁ ନିଜ ରାଜ୍ୟସଭାକୁ ପାଛୋଟି ଆଣିଲେ। ତାଙ୍କ ଉପଯୁକ୍ତ ସେବା ଯତ୍ନ କରି ତାଙ୍କର ଆଗମନର କାରଣ ପଚାରିଲେ ଦଶରଥ।

ବିଶ୍ୱାମିତ୍ର ମୁନି କୁହିଲେ- ତୁମେ ରାଜା ହରିଶ୍ଚନ୍ଦ୍ରଙ୍କ ବଂଶଧର, ତୁମେ ଆଗ ସତ୍ୟ କର, ମୁଁ ଯାହା ମାଗିବି, ତୁମେ ଦେବ।

ରାଜା ଦଶରଥ ବିବଶ ଥିଲେ। ସେ ସୂର୍ଯ୍ୟ ବଂଶର ରାଜା। ତେଣୁ ମୁନି ମାଗୁଥିବା କଥାକୁ ମନା କରି ପାରିବେନି। ରାଜା ଦଶରଥ ପ୍ରଥମେ ଡରିଗଲେ। ମାତ୍ର ସେ ସତ୍ୟ ପାଠ କଲେ ଯେ ମୁନି ଯାହା ମାଗିବେ, ସେ ତାହା ପ୍ରଦାନ କରିବେ।

ବିଶ୍ୱାମିତ୍ର ଦଶରଥଙ୍କ ପ୍ରଶଂସା କଲେ ଓ କହିଲେ- ହେ ରାଜା, ଦୁଇଟି ରାକ୍ଷସ, ମାରୀଚ ଓ ସୁବାହୁ ତାଙ୍କ ଯଜ୍ଞ କାର୍ଯ୍ୟରେ ବହୁତ ବାଧାବିଘ୍ନ ସୃଷ୍ଟି କରୁଛନ୍ତି। ଏହା ଫଳରେ ମୁଁ ମୋର ଯଜ୍ଞକାର୍ଯ୍ୟ ସମାପନ କରିପାରୁନି। ତୁମେ ତୁମ ଜ୍ୟେଷ୍ଠ ପୁତ୍ର ରାମଚନ୍ଦ୍ରଙ୍କୁ ମୋ ସାଂଗରେ ମାତ୍ର ଦଶଦିନ ଲାଗି ପଠାଅ। ଯଜ୍ଞ କାମ ସମାପ୍ତ ହେଲା ପରେ ମୁଁ ତାଙ୍କୁ ଆଣି ତୁମ ପାଖରେ ଛାଡ଼ିଯିବି। ରାମଚନ୍ଦ୍ର ଜଣେ ମହାନ ଧନୁର୍ଦ୍ଧର ସେ ହିଁ କେବଳ ସେ ରାକ୍ଷସଙ୍କୁ ବଧ କରିପାରିବେ। ବିଶ୍ୱାମିତ୍ର ଋଷିଙ୍କ କଥା ଶୁଣି ରାଜା ଦଶରଥ ଡରିଗଲେ। ସେ କ'ଣ କହିବେ ବୁଝିପାରିଲେନି।

ସେ ବିଶ୍ୱାମିତ୍ର ଋଷିଙ୍କୁ କହିଲେ- "ହେ ମହର୍ଷି, ମୁଁ ଆପଣଙ୍କ ସାଙ୍ଗରେ ଯାଇ ରାକ୍ଷସମାନଙ୍କୁ ହତ୍ୟା କରିବି। ଆପଣ ରାମକୁ ସାଙ୍ଗରେ ନେବାକୁ କୁହନ୍ତୁ ନାହିଁ।

ରାଜାଙ୍କ କଥାରେ ବିଶ୍ୱାମିତ୍ର ଋଷି କହିଲେ- 'ସେ କଥା ନୁହଁ ରାଜନ, ମାରୀଚ ଓ ସୁବାହୁଙ୍କ ଲଙ୍କାପତି ରାବଣ ପଠାଇଛି ଓ ସେମାନଙ୍କୁ ଆମ ଯଜ୍ଞ କାର୍ଯ୍ୟରେ ବାଧା ସୃଷ୍ଟି କରିବାକୁ କହିଛି। ଆପଣ ରାବଣର ପରାକ୍ରମ ସଂପର୍କରେ ଅବଗତ ଥିବେ। ଦେବତାମାନେ ମଧ୍ୟ ରାବଣଙ୍କୁ ଡରି କରି ତାର ବିରୋଧ କରୁନାହାଁନ୍ତି। କେବଳ ରାମଚନ୍ଦ୍ର ହିଁ ସେ ରାକ୍ଷସଙ୍କୁ ବଧ କରିପାରିବ।

ବିଶ୍ୱାମିତ୍ର ଋଷି ଏ କଥା ଜାଣିଥିଲେ ଯେ ରାମଚନ୍ଦ୍ର ସ୍ୱୟଂ ଶ୍ରୀ ବିଷ୍ଣୁ ଓ ସେ ଭବିଷ୍ୟତରେ ରାବଣ ବଧ କରିବେ।

ଦଶରଥ ରାଜା ବୁଝି ପାରିଲେନି ସେ କଣ କରିବେ। ରାମଚନ୍ଦ୍ରଙ୍କ ସେ କୌଣସି ପ୍ରକାରେ ବିଶ୍ୱାମିତ୍ରଙ୍କ ସାଂଗରେ ପଠାଇବାକୁ ପ୍ରସ୍ତୁତ ନଥିଲେ।

ଦଶରଥ ମୁନିଙ୍କୁ ବଚନ ଦେଇଛନ୍ତି। ଏ କଥା ବିଶ୍ୱାମିତ୍ର ରାଜାଙ୍କୁ ଚେତେଇ ଦେଲେ।

ରାଜା ଦଶରଥ ଦ୍ୱନ୍ଦ୍ୱରେ ପଡ଼ିଗଲେ। ଶେଷକୁ ସେ ସ୍ଥିର କଲେ ରାମ ଲକ୍ଷ୍ମଣଙ୍କ ଯାଗାରେ ସେ ଭରତ ଓ ଶତ୍ରୁଘ୍ନଙ୍କୁ ପଠାଇବେ। ସେ ଅନ୍ତଃପୁରକୁ ଯାଇ ଭରତ ଓ ଶତ୍ରୁଘ୍ନଙ୍କୁ ସାଙ୍ଗରେ ଆଣି ବିଶ୍ୱାମିତ୍ର ଋଷିଙ୍କୁ ଦେଲେ। ବିଶ୍ୱାମିତ୍ର ଜାଣିପାରିଲେ ବି ଜଣଙ୍କ ମଧ୍ୟରେ ଶ୍ରୀରାମ ନାହାନ୍ତି। ତଥାପି କଥାର ପରୀକ୍ଷା କରିବାକୁ ସେ ଭରତ ଓ ଶତ୍ରୁଘ୍ନଙ୍କୁ ସାଂଗରେ ଧରି ତାଙ୍କ ଆଶ୍ରମ ଆଡ଼େ ବାହାରିଲେ।

ଭରତ ଓ ଶତ୍ରୁଘ୍ନଙ୍କୁ ପରୀକ୍ଷା କରିବାକୁ ଚାହିଁଲେ ବିଶ୍ୱାମିତ୍ର। ସରଯୂ ନଦୀ କୂଳରେ ପହଂଚିଲେ। ପରେ ବିଶ୍ୱାମିତ୍ର ଭରତଙ୍କୁ କହିଲେ- ପିଲାମାନେ, ଏଇ ଯାଗାରୁ ମୋ ଆଶ୍ରମକୁ ଦୁଇଟି ବାଟ ଅଛି। ଗୋଟିଏ ବାଟରେ ଗଲେ ଆମକୁ ତିନି ଦିନ ଲାଗିବ। ଆମ ନିର୍ବିଘ୍ନରେ ପହଂଚିବା। ମାତ୍ର ଦ୍ୱିତୀୟ ବାଟରେ ଗଲେ ଆମେ ମାତ୍ର ତିନି ପ୍ରହରରେ ଆଶ୍ରମରେ ପହଂଚଯିବା। କିନ୍ତୁ ଏହି ବାଟରେ ତାଡ଼କୀ ଅସୁର ଅଛି ଯିଏ ମୁନି ଋଷିଙ୍କ ଭକ୍ଷଣ କରେ। ଏବେ ତୁମେ ଦି ଜଣ କୁହ, ଆମେ କେଉଁ ବାଟରେ ଯିବା।

ମୁନିଙ୍କ କଥା ଶୁଣି ଭରତ ସଂଗେ ସଂଗେ କହିଲେ- ଆମର ସେଇ ବାଟରେ ଯିବା ଉଚିତ ଯେଉଁ ବାଟରେ କିଛି ବାଧା ବିଘ୍ନ ନାହିଁ। ଅଯଥାରେ ବିପଦ ମୁହଁକୁ ଯିବା କାହିଁକି?

ଭରତଙ୍କ କଥା ଶୁଣି ବିଶ୍ୱାମିତ୍ର ବୁଝିଗଲେ ଏ ଦି ଭାଇ ରାମ ଲକ୍ଷ୍ମଣ ନୁହଁନ୍ତି। ସେ ସଂଗେ ସଂଗେ ଦୁଇ ଭାଇଙ୍କ ସାଙ୍ଗରେ ଧରି ଅଯୋଧ୍ୟା ରାଜ ନବରକୁ ଫେରି ଆସିଲେ। ମୁନିଙ୍କର କୋପ ପ୍ରବଳ ଥିଲା। ତାଙ୍କ କୋପରେ ଅଯୋଧ୍ୟା ନଗରୀରେ ବିଭିନ୍ନ ବିପତ୍ତି ଦେଖାଦେଲା।

ପିଲା ହେଲେ ମଧ୍ୟ ରାମଚନ୍ଦ୍ର ଏ କଥା ବୁଝିପାରିଲେ ଓ ସଂଗେ ସଂଗେ ବିଶ୍ୱାମିତ୍ର ଋଷିଙ୍କୁ ପ୍ରାର୍ଥନା କଲେ ତାଙ୍କର କୋପ ଶାନ୍ତ କରିବାକୁ। ବିଶ୍ୱାମିତ୍ରଙ୍କୁ ସେ ଏକଥା ମଧ୍ୟ କହିଲେ ଯେ ସେ ଓ ତାଙ୍କ ସାନ ଭାଇ ଲକ୍ଷ୍ମଣ ବିଶ୍ୱାମିତ୍ରଙ୍କ ସାଙ୍ଗରେ ଯିବେ ଓ ତାଙ୍କ ଯଜ୍ଞ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ରାକ୍ଷସମାନଙ୍କୁ ବଧ କରିବେ।

ଶ୍ରୀରାମଙ୍କ କଥା ଶୁଣି ବିଶ୍ୱାମିତ୍ର ଖୁସି ହେଲେ ଓ ରାଜା ଦଶରଥଙ୍କୁ ରାମ ଓ ଲକ୍ଷ୍ମଣକୁ ତାଙ୍କ ସାଂଗରେ ପଠାଇବାକୁ କହିଲେ।

ପିଲାମାନେ ପିଲାଦିନୁ ରାମ ବହୁତ ସାହସୀ ଥିଲେ। ତାଙ୍କ ସାହସର କାହାଣୀ ଆରଥରକୁ ଶୁଣିବା। ଏହା କହି ମିନା ଅପା ସଭା ସାଙ୍ଗ କଲେ।

(କ୍ରମଶଃ)

♥ (ମୋ) ୯୯୮୦୩୦୦୭୫୧

## କବିତା
ତୁମ ପାଇଁ

### ମାଟିର ମୁଁ ମଣିଷ .....
ମଂଜୁ ଦାସ

ମାଟିର ମଣିଷ ମୁହିଁ
ମାଟି ମୋର ଜୀବନ
ଏଇ ମାଟି ଗଢ଼େ ମୋତେ
ଦେଇ ପାଣି ପବନ।

ନିରସ ଭୂଇଁ ମୋ ହାତେ
ହୋଇଯାଏ ସରସ
ତା' ସେବାରେ ଲାଗିଥାଏ
ଦିନ ମାସ ବରଷ।

ନିଦାଘ ଖରା ଝାଂଜିରେ
ଥକି ମୁହିଁ ପଡ଼େନି
ମୁଣ୍ଡେ ଠେକା, ହାତେ ହଳ
କେବେହେଲେ ଛାଡ଼େନି।

ହଳ କରି ମାଟି ସବୁ
କରେ ମୁହିଁ ହାଲୁକା
ବିହନ ଦିଏ ମୁଁ ବୁଣି
ଦେଖି ପାଗ ମଉକା।

ବରଷା ବିଜୁଳି ମୋତେ
ପାରେ ନାହିଁ ଡରାଇ
ବେଉଷଣ କରେ ମୁହିଁ
ଦେହ ମୋର ଥରାଇ।

ଡରେ ନାହିଁ ଶୀତ ଜାଡ଼
କରେନି ମୁଁ ଖାତର
ଧାନ କାଟି ଫେରେ ମୁହିଁ
ଦେହେ ମାଖି କାକର।

ମଗୁଶୀର ମାସେ ପଡ଼େ
ମାଣ ବସା ପରବ
ମୋ' ଘରଣୀ ପୂଜେ ଲକ୍ଷ୍ମୀ
ଓଡ଼ିଆର ଗରବ।

ଶ୍ରମଠାରୁ ବଡ଼ ସୁଖ
ନାହିଁ କିଛି ଜଗତେ
ଶ୍ରମବଳେ ସବୁ କାମ
ହୋଇପାରେ ମରତେ।

♥ ସିପିଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ଜଗତସିଂହପୁର-୭୫୪୧୦୩

### ॥ ଓଟ ..... ॥
ନିରଞ୍ଜନ ସାହୁ

ମରୁଭୂମିରେ ଓଟ ବୋଲାଏ
ମରୁଭୂମିର ଜାହାଜ
ଜିନିଷପତ୍ର ନେବାଆଣିବା
ହୁଅଇ ଭାରି ସହଜ ।

ଓଟର ପାଦ ଓସାରିଆ
ଗୋଟାଳିଆ ଅଟେ
ସେଇଥିପାଇଁ ବାଲିରେ ଗୋଡ଼
ପୋତି ହୁଏନି ମୋଟେ ।

ଓଟର ଦେହେ ମୋଟା ଚମଡା
ସୁରକ୍ଷା ତାକୁ ଦିଏ
ମରୁଭୂମିର ଗରମ ଅବା
ଥଣ୍ଡାରୁ ରକ୍ଷାପାଏ ।

ମରୁଭୂମିର କଣ୍ଟା ଜାତୀୟ
ଗଛକୁ ଓଟ ଖାଏ
କୁଜରେ ଚର୍ବି ରୂପରେ ଖାଦ୍ୟ
ସଞ୍ଚିତ ହୋଇଥାଏ ।

ଓଟର ପାକସ୍ଥଳୀ ପାଖରେ
ଥଳି ଗୋଟିଏ ଅଛି
ପିଇବା ପାଣି ସେଥିରେ ରହେ
ସଞ୍ଚିତ ହୋଇ କିଛି ।

ଓଟର ଯେବେ ଖାଦ୍ୟ ଓ ଜଳ
ଅଭାବ ଦେଖାଯାଏ
ଛଅରୁ ଦଶ ଦିନ ପର୍ଯ୍ୟନ୍ତ
ବ୍ୟବହାର ତା ହୁଏ ।

♥ ନିତ୍ୟାନନ୍ଦପୁର , ନିହଲପ୍ରସାଦ
ଢ଼େଙ୍କାନାଳ -- ୭୫୯୦୧୬
ମୋ -- ୯୯୩୮୭୪୧୫୮୩



### କୁନା ହେଲା ସୁନାପିଲା....
ଧୀରେନ୍ଦ୍ର ମଲ୍ଲିକ

କୁନା ବୋଲି ପିଲାଟିଏ
ଥିଲା ବଡ଼ ଜିଦିଆ,
ଶୁଣେ ନାହିଁ କାହା କଥା
ପାଠରେବି ଗଧିଆ।
ବିଦ୍ୟାଳୟ ଯାଏ ନାହିଁ
କେବେ ହେଲେ ଦିନେବି,
ଟିଉସନ କଥା ତା'ର
ପଡେ ନାହିଁ ମନେବି।
ପିତା ମାତା ଗୁରୁଜନେ
ଭକ୍ତି ନାହିଁ ତାହାର,
କଳି କରି ଘରେ ନିତି
ଖାଏ ବେତ ପାହାର।
ସାନଭାଇ ଭଉଣୀକୁ
ବହୁତ ସେ ଚିଡାଏ,
ଦରକାର ଚିଜ ଯାହା
ମାଗେ ନାହିଁ ଛଡାଏ।
ଦୁଷ୍ଟ ବୋଲି ସାଙ୍ଗ ତା'ର
ଜଣେ ହେଲେ ନାହାନ୍ତି,
ମିଶନ୍ତିନି ସାଥେ କେହି
ଦୁରେଇକି ରୁହନ୍ତି।
ବନ୍ଧୁଘର ମେଳା ଯାତ
ସବୁ ତାକୁ ବାରଣ,
ଅତ୍ୟଧିକ ଚଗଲାମୀ
ଥିଲା ତାର କାରଣ।
ମନ ଦୁଃଖ କରି ସିଏ
କାନ୍ଦେ ଜେଜେ ଆଗରେ,
ମତେ ତମ ସାଥେ ନେବ
କହେ କେତେ ବାଗରେ।
କଥା ଦେଉଅଛି ଜେଜେ
ଦୁଷ୍ଟ ଆଉ ହେବିନି,
ଭଲପିଲା ହୋଇ କାହା
ମନେ ଦୁଃଖ ଦେବିନି।
ସଭିଏଁ କହିବେ କୁନା
ସୁନା ପିଲା ହୋଇଲା,
ଦୁଷ୍ଟ ଥିଲା ବୋଲି କେତେ
ଅପବାଦ ପାଇଲା।

♥ ନିଳକଣ୍ଠପୁର ମଙ୍ଗଳପୁର ଯାଜପୁର
ଫୋନ-୭୯୦୪୩୯୨୬୮୬

## ଶପଥ
ଶ୍ରୀମତୀ ବସନ୍ତ ମିଶ୍ର



ପରେଶ ଓ ପଙ୍କଜିନୀ ଦୁଇଜଣ ଭାଇଭଉଣୀ। ପରେଶଠାରୁ ପଙ୍କଜିନୀ ମାତ୍ର ଦୁଇବର୍ଷ ସାନ। ପରେଶ ସପ୍ତମ ଶ୍ରେଣୀରେ ପଢୁଥିଲା ବେଳେ ପଙ୍କଜିନୀ ନବମ ଶ୍ରେଣୀରେ ପଢେ। ସେମାନଙ୍କର ବାପା ଜଣେ ବଡ଼ ଅଫିସର ହୋଇ ଥିବାରୁ ତାଙ୍କର କୌଣସି କଥାରେ ଅଭାବ ନ ଥାଏ। ମାତ୍ର ପରେଶ ଟିକିଏ ଚଗଲା ସ୍ୱଭାବର। ସେ ଜମା ମନ ଲଗେଇ ପାଠ ପଢ଼େନାହିଁ। ଚଗଲା ପିଲାମାନଙ୍କ ସହିତ ମିଶି ଖେଳାଖେଳିରେ ସବୁ ସମୟ କଟାଇ ଦିଏ। ଏପରିକି ନିଜ ବହିଖାତା କିମ୍ବା ଜାମା ପ୍ୟାଣ୍ଟର ବି ଯତ୍ନ ନିଏନାହିଁ। ପଙ୍କଜିନୀ ଠିକ୍ ତା'ର ବିପରୀତ। ସେ ଭାରି ନମ୍ର, ଭଦ୍ର ଆଉ ଶାନ୍ତଶିଷ୍ଟ। ସେ ମନଲଗାଇ ପାଠ ପଢ଼େ। ନିଜ ଖାତାବହି ଜାମାପ୍ୟାଣ୍ଟର ଯତ୍ନ ନେବା ସହିତ ଭାଇ ପରେଶର ସବୁ ଜିନିଷର ଯତ୍ନ ମଧ ନେଇଥାଏ। ସବୁଜିନିଷ ଯଥା ସ୍ଥାନରେ ସଜାଇ ରଖେ। ସେଥିପାଇଁ ସମସ୍ତେ ତାକୁ ଭାରି ଆଦର କରିଥାଆନ୍ତି।

ପଙ୍କଜିନୀ ସମୟ ପାଇଲେ ମା'ଙ୍କୁ ଘର କାମରେ ସାହାଯ୍ୟ କରେ। ଜେଜେଙ୍କ ଆଖିକି ଭଲ ଦେଖା ଯାଉନଥିବାରୁ ତାଙ୍କୁ ମଧ ଖବରକାଗଜ ପଢ଼ି ଶୁଣାଏ। ସେ ଖବରକାଗଜ ପଢ଼ି ଶୁଣାଉଥିବା ବେଳେ ବହୁ ସମୟରେ ପଢ଼େ, "କିଛି ବାଳକ ଗୋଟିଏ ନାବାଳିକା ସହ ଗଣ ଦୁଷ୍କର୍ମ କରି ତାକୁ ମାରି ଫିଙ୍ଗି ଦେଇଛନ୍ତି"। ସେ ଏଇ ଗଣ ଦୁଷ୍କର୍ମଟା କ'ଣ ବୁଝି ପାରେନାହିଁ। ଦିନେ ସେ ଜେଜେଙ୍କୁ ପଚାରିଲା, "ଜେଜେ ଏଇ ଗଣଦୁଷ୍କର୍ମଟା କ'ଣ?" ଜେଜେ କହିଲେ, "ତାହା ଗୋଟିଏ ଅତି ଖରାପ କାମ। ସାଧାରଣତଃ ଦୁଷ୍ଟ ପିଲାମାନେ ଏଭଳି କାମ କରିଥା'ନ୍ତି। ସେମାନଙ୍କୁ ଆଇନ ଅନୁସାରେ ଅତି କଠିନ ଦଣ୍ଡ ମିଳେ। ଏପରିକି ମୃତ୍ୟୁ ଦଣ୍ଡ ବି ମଳିଥାଏ। ତୁ ବଡ଼ ହେଲେ ଅଧିକ ପାଠ ପଢ଼ିଲେ ସେ ବିଷୟରେ ଭଲଭାବରେ ଜାଣିପାରିବୁ।" ପଙ୍କଜିନୀ ମନରେ ଆଶଙ୍କା ହୁଏ, ତା' ଭାଇ ତ ଦୁଷ୍ଟ ପିଲାମାନଙ୍କ ସହିତ ମିଶୁଛି। ସେ ସେପରି କିଛି କାମ କରିବ ନାହିଁ ତ? ନା ସେ ତା' ଭାଇକୁ ସେପରି କିଛି କରିବାକୁ ଦେବନାହିଁ।

ପଙ୍କଜିନୀ ପ୍ରତିବର୍ଷ ରାଖୀ ପୂନେଇଁରେ ଭାଇ ପରେଶ ହାତରେ ରାଖୀ ବାନ୍ଧେ। ପରେଶ ବି ତା' ପକେଟ ଖର୍ଚ୍ଚରୁ ବଞ୍ଚାଇ ତାକୁ କିଛି ନା କିଛି ଉପହାର ଦିଏ। ମାତ୍ର ପଙ୍କଜିନୀ ମନେ ମନେ ଠିକ୍ କଲା, ଏ ବର୍ଷ ଭାଇ ହାତରେ ରାଖୀ ବାନ୍ଧି ତା' ଠାରୁ କିଛି ଉପହାର ନେବନାହିଁ। ସେ ଆଉ କିଛି ତା'ଠାରୁ ମାଗିନେବ। ପ୍ରତିବର୍ଷ ପରି ରାଖୀ ପୂନେଇଁ ଆସିଗଲା। ପରେଶ ମନ ଭାରି ଖୁସି। ଆଜି ସେ ଭଉଣୀ ହାତରୁ ରାଖୀ ବାନ୍ଧି ସମସ୍ତଙ୍କ ପାଖରେ ଦେଖେଇହେବ। ପଙ୍କଜିନୀ ମନ ବି ବହୁତ ଖୁସି ଯେ, ସେ ଆଜି ରାଖୀ ବାନ୍ଧି ତା' ଭାଇ ଠାରୁ ଏକ ନିଆରା ଉପହାର ମାଗିନେବ।

ପଙ୍କଜୀନୀ ଗୋଟିଏ ଥାଳିରେ ଚନ୍ଦନ, ସିନ୍ଦୂର, ଅରୁଆ ଚାଉଳ, ଦୀପ ଓ ରାଖୀ ଆଦି ସଜାଇ ରଖି ପରେଶ ନିକଟରେ ପହଞ୍ଚିଲା। ତାକୁ ଗୋଟିଏ ଚେୟାରରେ ବସାଇ ତା'ର ମଥାରେ ଚନ୍ଦନଟିପା ଓ ସିନ୍ଦୂର ଲଗାଇଦେଲା। ମୁଣ୍ଡରେ ଅରୁଆଚାଉଳ ପକାଇ ହାତରେ ରାଖୀ ବାନ୍ଧିଦେଲା। ତା'ପରେ ତାକୁ ମିଠା ଖୁଆଇଦେଇ ଦୀପରେ ବନ୍ଦେଇଦେଲା। ପରେଶ ରଖିଥିବା ଉପହାରଟି କାଢ଼ିବା ପାଇଁ ପକେଟରେ ହାତ ପୂରାଇଲା। ମାତ୍ର ପଙ୍କଜିନୀ ବାଧା ଦେଇ କହିଲା, "ଭାଇ, ମୋର ଉପହାର ଦରକାର ନାହିଁ। ତୁ କଥା ଦେ', ମୁଁ ଆଜି ତୋତେ ଯେଉଁ ଉପହାର ମାଗିବି ତୁ ଦେବୁ?" ପରେଶ କହିଲା, " ହଉ ତୁ ମାଗ, ଯଦି ମୋର ଶକ୍ତି ଥିବ ମୁଁ ନିଶ୍ଚୟ ଦେବି।" ପଙ୍କଜିନୀ କହିଲା, ତୁ ମୋ ମଥା ଛୁଇଁ ଶପଥ କର, ଆଜିଠାରୁ ମୋ ଭଳି ସବୁ ଝିଅମାନଙ୍କୁ ତୁ ଭଉଣୀ ଦୃଷ୍ଟିରେ ଦେଖିବୁ। କେବେ ସେମାନଙ୍କୁ ଖରାପ ଦୃଷ୍ଟିରେ ଦେଖିବୁନାହିଁ କି ଖରାପ କାମ କରିବୁନାହିଁ। ଅନ୍ୟର ମା' ଭଉଣୀମାନଙ୍କୁ ନିଜର ମା'ଭଉଣୀ ସମାନ ଦେଖିବୁ।" ପରେଶ କହିଲା, "ଏଇ କଥା। ହେଇ ମୁଁ ତୋ' ମଥା ଛୁଇଁ ଶପଥ କରୁଛି ତୁ ଯାହା ଯାହା କହିଲୁ ମୁଁ ସବୁ ଅକ୍ଷରେ ଅକ୍ଷରେ ପାଳନ କରିବି। ଏବେ ଖୁସି ତ?" ପଙ୍କଜିନୀ ବହୁତ ଖୁସିହୋଇ କହିଲା, "ଭାଇ, ଏହା ହିଁ ମୋ ପାଇଁ ଆଜିର ଦିନରେ ସବୁଠାରୁ ବଡ଼ ଉପହାର।"

ଜେଜେ ସେଇ ପାଖରେ ଥିଲେ। ସେ ଏମାନଙ୍କ କଥା ଶୁଣୁଥିଲେ ଏବଂ କାମ ବି ଦେଖୁଥିଲେ। ସେ କହିଲେ, "ଏମିତି ଯଦି ସବୁ ଭଉଣୀମାନେ ସେମାନଙ୍କ ଭାଇଙ୍କି ଶପଥ କରାଇ ନିଅନ୍ତେ, ତେବେ ସମାଜରେ ଏତେ ଦୁଷ୍କର୍ମ ହୁଅନ୍ତା ନାହିଁ।"

♥ ମଣିସାହି, ମାଧବନଗର,
ଭଦ୍ରକ - ୭୫୬୧୮୧
ଭ୍ରାମ୍ୟଭାଷ: - ୯୪୩୯୫୫୪୯୬୪

## ବିଛୁଆତି ହେଲା ତୁଳସୀ
ସୁଶ୍ରୀ ମଞ୍ଜିଲ ନାୟକ



"ଆରେ ଚିନ୍ମୟ! ସକାଳ ସାଢ଼େ ଆଠଟା ହେଲାଣି। ଆଜି ପରା ମୋର ମାମୁଁଙ୍କର ଆସିବାର ଅଛି। ବସସ ଦିନ ଦଶଟାରେ ଅଛି। ଶୀଘ୍ର ବାହାରିପଡ଼, ନହେଲେ ଡେରି ହୋଇଯିବ ଯେ!" ମାଆ ରୋଷେଇ ଘରୁ ତରବରରେ ବାହାରିପଡ଼ି କହିଲେ।

ଚିନ୍ମୟ ମାଆଙ୍କର ପାଟି ଶୁଣି ଚମକି ପଡ଼ିଲେ। ଶୀଘ୍ର ନିତ୍ୟକର୍ମ ସାରି ତା' ଅଜାଙ୍କୁ ଆଣିବା ପାଇଁ ବାହାରି ପଡ଼ିଲା। ବାପା କହିଲେ, "ଯା, ମୋ ଗାଡ଼ିନେଇ ତୋ ଅଜାଙ୍କୁ ନେଇ ଆସିବୁ। ଚିନ୍ମୟ ତ ମୂଳରୁ ଚଗଲା। ଗାଡ଼ି କଥା ଶୁଣି ଗାଡ଼ି ଧରିକି ଚାଲିଲା ବସଷ୍ଟାଣ୍ଡ ଆଡ଼କୁ। ତାଙ୍କ ଗାଆଁ ପାଟଣାପୁର ଠାରୁ ବସଷ୍ଟାଣ୍ଡ ପ୍ରାୟ ଦେଢ଼ କିଲୋମିଟର ମାତ୍ର।

ଶୂନଶାନ ରାସ୍ତା। ବାଟରେ ନିଘଂଚ ଜଙ୍ଗଲ। ତା' ସାଙ୍ଗକୁ ଟାଇଁ ଟାଇଁ ଖରା। ତଥାପି ଚଗଲା ଚିନ୍ମୟ ମନକୁ ମନ ଗୀତ ଗାଇ ଗାଇ ଚାଲିଥାଏ। ହଠାତ୍ ସଏ ଜଣେ ବୃଦ୍ଧ ଲୋକଙ୍କୁ ଛତା ଧରି ଆସୁଥିବାର ଦେଖିଲା। ବୁଢ଼ା ଲୋକ ଜଣକ ଚିନ୍ମୟକୁ ଦେଖି ହାତ ଠାରି ଅଟକାଇଲେ। ଚିନ୍ମୟକୁ ମଜା ଲାଗୁଥାଏ। ବୁଢ଼ା ଜଣକ କହିଲେ, "ଆରେ ବାବୁ! ମୁଁ ଦେବଗଡ଼ରୁ ଆସିଛି। ଆଜି ମୋର ଭାଣିଜୀ ଗାଆଁ ପାଟଣାପୁରକୁ ଯିବାର ଅଛି। ବାଟରେ ମୋର ପଇସା ବ୍ୟାଗଟା କିଏ ଚୋରି କରି ନେଇଯିବାରୁ ମୋତେ ଡ୍ରାଇଭର ଗାଡ଼ିରୁ ଓହ୍ଲାଇ ପକାଇଲା। ଟିକିଏ ମୋତେ ରାସ୍ତା ଦେଖାଇଦେ। ଭଗବାନ ତୋର ମଙ୍ଗଳ କରିବେ। ଚିନ୍ମୟ ତ ଚଗଲାମି କରିବାର ସୁଯୋଗ ଖୋଜୁଥାଏ। ସେ ବୁଢ଼ାକୁ ପାଟଣାପୁରକୁ ଅଲଗା ବଙ୍କା ରାସ୍ତା ବତେଇଦେଲା। ବୁଢ଼ା ଜଣକ ଚିନ୍ମୟକୁ ଧନ୍ୟବାଦ ଦେଇ ଚାଲିଗଲେ।

ଚିନ୍ମୟ ମଜାରେ ବସଷ୍ଟାଣ୍ଡକୁ ଯାଇ ଦେଖିଲା, ସେଠି କୌଣସି ଲୋକ ଓହ୍ଲାଇ ନାହାନ୍ତି। ସିଏ ନୂଆ କରି ଗାଡ଼ି ଧରିଥିବାରୁ ତାକୁ ବୁଲିବା ପାଇଁ ସମୟ ମିଳିଗଲା। ବହୁତ ଡେରିରେ ଘରେ ଯାଇ ପହଂଚିଲା।

ସେପଟା ବୁଢ଼ା ଜଣକ ବୁଲାଣି ରାସ୍ତାର ଯାଉଥାଆନ୍ତି। ଭୋକରେ ପେଟ ଜଳୁଥାଏ। ଖରା କାଟୁଥାଏ। ସେତେବେଳେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଦୁଇଜଣ ଛାତ୍ରୀ ସେ ବାଟରେ ସାଇକେଲରେ ଯାଉଥାନ୍ତି। ଜଣେ ଦେଖିବାକୁ ଛୋଟ ଓ ପତଳା, ମାତ୍ର ପ୍ରଖର ବୁଦ୍ଧି ସମ୍ପନ୍ନ। ତା' ନାଆଁ ହେଲା ମାନି ଓ ଅନ୍ୟଟି ଥିଲା ବେଶ ମୋଟା, ସବଳ ଓ ବୁଦ୍ଧିମତୀ। ତା' ନାଆ ପୁନମ। ମାନି ଦେଖିଲା ଜଣେ ବୁଢ଼ା ବଡ଼ କଷ୍ଟରେ ଚାଲି ଚାଲି ଯାଉଛନ୍ତି। ତାକୁ ବହୁତ ଦୟା ଲାଗିଲା। ପୁନମ ଦେଖାଇ କହିଲା, "ଦେଖ୍ ସେ ବୁଢ଼ା ଜଣକ ବହୁତ କଷ୍ଟ ପାଉଛନ୍ତି। ଚାଲ, ତାଙ୍କୁ ପଚାରିବା ସେ କୁଆଡ଼େ ଯାଉଛନ୍ତି। ପୁନମ ଓ ମାନି ଦୁହେଁ ତାଙ୍କୁ ପଚାରି ସବୁ ବୁଝିଲେ। ମାନି କହିଲା, ପୁନମ, ତୁ ତ ସବଳ, ତାଙ୍କୁ ବସାଇ ତାଙ୍କ ଘରେ ଛାଡ଼ିଦେଲେ ହୁଅନ୍ତା ନାହିଁ। କିନ୍ତୁ ମୁଁ ବାଟ ହୋଟେଲରୁ ତାଙ୍କୁ କିଛି ନିଜେ ଖର୍ଚ୍ଚ କରି ଖୁଆଇ ଦେବି।

ପୁନମ ରାଜି ହୋଇଯିବାରୁ ଉଭୟେ ତାଙ୍କୁ ବସାଇନେଇ ବାହାରିଲେ। ବାଟରେ ମାନି ପାଖରେ ଥିବା କିଛି ପଇସାରେ ଜଳଖିଆ ଖୁଆଇଲା ଓ ଘରକୁ ନେଇଯିବା ପାଇଁ ଦୁହେଁ ବାହାରିପଡ଼ିଲେ। ସେତେବେଳକୁ ଚିନ୍ମୟ ଘରେ ପହଂଚି ଗାଆଁ ଦାଣ୍ଡକୁ ବୁଲିବାକୁ ବାହାରିଥାଏ। କିନ୍ତୁ ଚିନ୍ମୟ ତା ମାମୁଁଙ୍କୁ ଦେଖିବାକୁ ନ ଯାଇଥିବାରୁ ଘରେ ତା' ମାଆ ବଡ଼ ବ୍ୟସ୍ତ ହେଉଥାଆନ୍ତି। ସେତେବେଳକୁ ମାନି ଓ ପୁନମ ବୁଢ଼ା ଜଣଙ୍କୁ ଘେନି ଆସି ପହଂଚିଲେ।

ବୁଢ଼ା ବ୍ୟକ୍ତି ଜଣକ ତାଙ୍କ ଭାଣିଜୀକୁ ଚୁମ୍ବକରେ ତା ହଇରାଣ କଥା କହି କାନ୍ଦି ପକାଇଲା। ସେ ଉଭୟ ଝିଅଙ୍କ ଗୁଣଗାନ କରିବାକୁ ଲାଗିଲେ। ସେତେବେଳକୁ ଚିନ୍ମୟ ଆସି ସେଠି ପହଂଚିଗଲା। ବୁଢ଼ାଙ୍କୁ ତାଙ୍କ ଘରେ ଦେଖି ସେ ସବୁ ଜାଣିପାରିଲା। ସେ ଲାଜରେ ମୁହଁ ଟେକି କାହାକୁ ଚାହିଁପାରିଲା ନାହିଁ।

ସବୁ ଘଟଣା ଶୁଣି ଚିନ୍ମୟର ବାପା ଓ ମାଆ ନିଜ ପୁଅର ଏପରି କାଣ୍ଡ କରିଥିବାରୁ ଜାଣି କାନ୍ଦି ପକାଇଲେ। ତାଙ୍କ ମାଆ ତାକୁ କହିଲେ, "ଦେଖ, କେତେ ଛୋଟ ଝିଅ ହୋଇ ବି ଉଭୟ ଝିଅ କିଭଳି ପର ଉପକାର କରୁଛନ୍ତି। ଛୋଟ ହେଲେ ବି ତାଙ୍କର ହୃଦୟ କେତେ ବିରାଟ। ସେମାନେ ତୁଳସୀ ପରି ମହ ମହ ବାସୁଥିବାବେଳେ ତୁ ବିଛୁଆତି ପରି କୁଣ୍ଡାଇ ହେଉଛୁ।"

ଚିନ୍ମୟ କୋହ ସମ୍ଭାଳି ନ ପାରି କାନ୍ଦି କାନ୍ଦି ତା ମାଆଙ୍କ ଚରଣରେ ଲୋଟି ପଡ଼ିଲେ ଓ ଅଜାଙ୍କଠାରେ କ୍ଷମା ମାଗିଲା। ସେ ବାପାଙ୍କ ନିର୍ଦ୍ଦେଶରେ ଅଜାଙ୍କ ପାଦ ଛୁଇଁ ଶପଥ କଲା କି ସେ ସେଇଦିନଠୁ ଭଲ ପିଲା ହେବ।

ଝିଅ ଦୁଇଟି ବଡ଼ ଖୁସିରେ କହି ଉଠିଲେ, "ଆଜିଠୁଁ ବିଛୁଆତି ହେଲା ତୁଳସୀ।"

♥ ସାତକମା, କୁଚିଣ୍ଡା, ସମ୍ବଲପୁର

# ରାଜ୍ୟରେ କରୋନା ସଂକ୍ରମଣ କମିଥିଲେ ବି ସତର୍କ ରହିବା ଉଚିତ: ଡିଏମଇଟି

ଭୁବନେଶ୍ୱର,୫/୧୧ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣକୁ ନେଇ ଡିଏମଇଟି ରମାରମଣ ମହାନ୍ତି ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, କରୋନା ସଂକ୍ରମଣ କମିଥିଲେ ବି ଢିଲା ହେବା ଉଚିତ ନୁହେଁ। ସମସ୍ତେ ସତର୍କ ରହିବା ଉଚିତ। କୋଭିଡ ନିୟମ ମାନିବା ଉଚିତ। ବାହାର ଦେଶରେ ସଂକ୍ରମଣ ସହ ମୃତ୍ୟୁସଂଖ୍ୟା ବି ବଢୁଛି। ବଢିବାର ବିଭିନ୍ନ କାରଣ ହୋଇପାରେ। ସେଦୃଷ୍ଟିରୁ ଯେ କୌଣସି ସ୍ଥିତିର ମୁକାବିଲା ପାଇଁ ସରକାର ବେଡ୍, ଚିକିତ୍ସା ସୁବିଧା ସହ ଅକ୍ସିଜେନ ମହଜୁଦ ରଖିଛନ୍ତି। ପ୍ରତି ଦୁଇ ତିନି ଦିନରେ ସମୀକ୍ଷା କରାଯାଉଛି। ପୂର୍ବରୁ ଆମର ଡ୍ରେଲ୍ଟା ଭାଇରସ ମୁକାବିଲା ନେଇ ଅଭିଜ୍ଞତା ଅଛି। ତେଣୁ ଜନସାଧାରଣ ଭୟଭୀତ ହେବାର କାରଣ ନାହିଁ। ବର୍ତ୍ତମାନ ସ୍ଥିତିରେ ଉନ୍ନତି ଆସୁଛି, କିନ୍ତୁ ରିଲାକ୍ସ ହେବା କଥା ନୁହେଁ। ଆଶ୍ୱସ୍ତିକର ରହିଛି ବର୍ତ୍ତମାନର ସଂକ୍ରମଣ, କିନ୍ତୁ ସାବଧାନ ରହିବା ଉଚିତ। ତୃତୀୟ ଲହର ଆସିପାରେ। ଏଦୃଷ୍ଟିରୁ ସତର୍କ ରହିବା ଉଚିତ, ଯାହା ଫଳରେ ଆମେ ତାକୁ ପ୍ରତିହତ କରିପାରିବା।

# ଡେଲଟା ଭାରିଏଣ୍ଟକୁ ନେଇ ଆତଙ୍କିତ ହେବାର କୌଣସି କାରଣ ନାହିଁ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ



ଭୁବନେଶ୍ୱର,୫/୧୧ (ନି.ପ୍ର): ୟୁରୋପ ଏବଂ ଚୀନରେ ଯେଉଁ ଲହର ହେଉଛି ତାହା ଡେଲଟା ଭାରିଏଣ୍ଟ। ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି, ୟୁରୋପୀୟ ଦେଶରେ ବଢୁଛି ସଂକ୍ରମଣ କିନ୍ତୁ ଆମେ ଆତଙ୍କିତ ହେବାର କିଛି କାରଣ ନାହିଁ। କାହିଁକି ନା ଦ୍ୱିତୀୟ ଲହରରେ ଡେଲଟା ଭାରିଏଣ୍ଟକୁ ଆମେ ସାମ୍ନା କରି ସାରିଛେ। ଏହା ବାଦ ଆମର ଇମିନ୍ୟୁଟି ମଧ ଅଧିକ ରହିଛି। ତେଣୁ ଆତଙ୍କିତ ହେବାର ନାହିଁ। ତିନି ମାସ ତଳେ ରୋଗ ପ୍ରତିରୋଧକ କ୍ଷମତା ୭୫ ପ୍ରତିଶତ ଥିଲା। ହେଲେ ଏବେ ବି ଟିକାକରଣ ଚାଲିଛି। ତେଣୁ ରୋଗ ପ୍ରତିରୋଧକ କ୍ଷମତା ବଢୁଛି। ତେବେ ଭାରତ ପାଇଁ ତୃତୀୟ ଲହର ଆଶଙ୍କା ଏବେ ବି କମିନି। ଆମକୁ ଏବେ ବି ସତର୍କତା ଅବଲମ୍ବନ କରିବାକୁ ହେବ।

# ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୧୭୦ କରୋନା ପଜିଟିଭ୍ ଚିହ୍ନଟ: ୨୪ ଜଣ ଶିଶୁ ଓ କିଶୋର ସଂକ୍ରମିତ



ଭୁବନେଶ୍ୱର,୫/୧୧ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୭୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୯୮ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୭୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୨୪ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୬୧ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧୧ ଜଣ, ବରଗଡ଼ରୁ ୨ ଜଣ, ଭଦ୍ରକରୁ ୪ ଜଣ, ବଲାଙ୍ଗୀରରୁ ୩ ଜଣ, କଟକରୁ ୧୯ ଜଣ, ଦେବଗଡ଼ରୁ ୧ ଜଣ, ଢେଙ୍କାନାଳରୁ ୧ ଜଣ, ଗଞ୍ଜାମରୁ ୩ ଜଣ, ଗଜପତିରୁ ୧ ଜଣ, ଜଗତସିଂହପୁରରୁ ୭ ଜଣ, ଯାଜପୁରରୁ ୮ ଜଣ, ଝାରସୁଗୁଡ଼ାରୁ ୧ ଜଣ, କେନ୍ଦ୍ରାପଡ଼ାରୁ ୧୧ ଜଣ, କେନ୍ଦୁଝରରୁ ୨ ଜଣ, ଖୋର୍ଦ୍ଧାରୁ ୬୧ ଜଣ, ମୟୂରଭଞ୍ଜରୁ ୩ ଜଣ, ପୁରୀରୁ ୧ ଜଣ, ସମ୍ବଲପୁରରୁ ୯ ଜଣ, ସୋନପୁରରୁ ୩ ଜଣ, ସୁନ୍ଦରଗଡ଼ରୁ ୫ ଜଣ ଓ ଷ୍ଟେଟ ପୁଲରୁ ୧୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦ ଲକ୍ଷ ୪୨ ହଜାର ୯୪୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ଭିତରୁ ୧୦ ଲକ୍ଷ ୩୦ ହଜାର ୮୮୯ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୩ ହଜାର ୬୫୧ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ଆସନ୍ତାବର୍ଷ ମାର୍ଚ୍ଚ ସୁଦ୍ଧା ଶେଷ ହେବ ଗୋପବନ୍ଧୁଙ୍କ ଜନ୍ମପୀଠର ବିକାଶ କାର୍ଯ୍ୟ





ଭୁବନେଶ୍ୱର ,୫/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆରମ୍ଭ ହୋଇଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ବିକାଶ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଗତବର୍ଷ ମାର୍ଚ୍ଚ ଭିତରେ କାର୍ଯ୍ୟ ଶେଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ପ୍ରକଳ୍ପ ପାଇଁ ପ୍ରାୟ ୧୫.୧୬କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି। ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଓଡ଼ିଶା ଭାଷା ସଂସ୍କୃତି ଓ ସାହିତ୍ୟ ବିଭାଗ ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ ପୁରୀ ଜିଲ୍ଲା ସୁଆଣ୍ଡୋ ଗାଁ ଓ ସେଠାରେ ଥିବା ଗୋପବନ୍ଧୁଙ୍କ ଜନ୍ମପୀଠର ସାମଗ୍ରିକ ବିକାଶ ପ୍ରକଳ୍ପ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରିଥିଲେ। ଗୋପବନ୍ଧୁଙ୍କ ଜନ୍ମପୀଠରେ ଥିବା ଶିବ ମନ୍ଦିର, ଦୁଇଟି ପୋଖରୀ, ପୈତୃକ ବାସଗୃହ, ଗ୍ରାମକୁ ରାସ୍ତା, ଜନ୍ମପୀଠ ପରିକ୍ରମା ରାସ୍ତା, ପାର୍କ ଆଦିର ବିକାଶ ପାଇଁ କ୍ଷେତ୍ରସ୍ତରୀୟ କାର୍ଯ୍ୟ ଇତି ମଧରେ ତ୍ୱରାନ୍ୱିତ ହୋଇଛି। ଏସବୁ ସହ ଗୋପବନ୍ଧୁ ସ୍ମୃତି ସଂଗ୍ରହାଳୟ, ସୂଚନା କେନ୍ଦ୍ର ଓ ଆତିଥ୍ୟ କେନ୍ଦ୍ର ମଧ ନିର୍ମାଣ କରାଯାଉଛି। ଇତି ମଧରେ ଶିବ ମନ୍ଦିରର ମୂଳଦୁଆ ସଂରକ୍ଷଣ ପିଷ୍ଟର ବିକାଶ, ଦଧି ନଉତି, ମନ୍ଦିର ପରିକ୍ରମା ରାସ୍ତା ଆଦି କାର୍ଯ୍ୟ ବିଶେଷ ଭାବେ ଅଗ୍ରଗତି କରିଛି। ପ୍ରଥମ ପୋଖରୀର ପୁଣିଥରେ ଖନନ, ଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସଂଗ୍ରହାଳୟ ଘର ନିର୍ମାଣ ସରିଛି। ବିଦ୍ୟୁତକରଣ ଓ ଶେଷ ପର୍ଯ୍ୟାୟ କାର୍ଯ୍ୟ ଚାଲୁ ରହିଛି। ସେହିପରି ଆତିଥ୍ୟ କେନ୍ଦ୍ରର ବିଭିନ୍ନ ବିଭାଗ କାମ ମଧ ଚାଲୁ ରହିଛି। ଦ୍ୱିତୀୟ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଚଳିତ ମାସ ଭିତରେ ଆରମ୍ଭ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଗୋପବନ୍ଧୁଙ୍କ ପ୍ରାୟ ୧୫ଫୁଟ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତି, ପୈତୃକ ଗୃହର ପୁନଃ ବିକାଶ ଆଦି କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ପୁରୀ ଜିଲ୍ଲା ପ୍ରଶାସନ ଓ ଓଡ଼ିଆ ଭାଷା ସଂସ୍କୃତି ବିଭାଗକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପୁନରୁଦ୍ଧାର କାର୍ଯ୍ୟ ପାଇଁ ଆବଶ୍ୟକ ପଥର ଯୋଗାଣ ଅବ୍ୟାହତ ରଖିବା ପାଇଁ ଓଡ଼ିଶା ଖଣି ନିଗମକୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ବିଶ୍ୱବିଦ୍ୟାଳୟ ପାଇଁ ଭିତ୍ତିଭୂମିର ବିକାଶ କାର୍ଯ୍ୟର ମଧ ସମୀକ୍ଷା କରାଯାଇଛି। ବିଶ୍ୱବିଦ୍ୟାଳୟ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। କ୍ଷେତ୍ରସ୍ତରୀୟ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ କୁହାଯାଇଛି। ବିଶ୍ୱବିଦ୍ୟାଳୟ ନିର୍ମାଣ ପାଇଁ ସମୁଦାୟ ୬୧.୬୩ କୋଟି ଟଙ୍କାର ବ୍ୟୟ ଅଟକଳୁ ପ୍ରଶାସନିକ ଅନୁମୋଦନ ଦିଆଯାଇଛି। ସାକ୍ଷୀଗୋପାଳ ମନ୍ଦିରର ମରାମତି ଓ ସୌନ୍ଦର୍ଯ୍ୟକରଣ କାମ ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ସୁଆଣ୍ଡୋ, ସତ୍ୟବାଦୀ, ଓଡ଼ିଆ ବିଶ୍ୱବିଦ୍ୟାଳୟ ଓ ସାକ୍ଷୀଗୋପାଳକୁ ଓଡ଼ିଆ ଭାଷା ସଂସ୍କୃତିର ଏକ ଆକର୍ଷଣୀୟ ପର୍ଯ୍ୟଟନ କେନ୍ଦ୍ରଭାବେ ବିକାଶିତ କରିବା ପାଇଁ ସବୁ ପ୍ରକାର ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଂଜୀବ ଚୋପ୍ରା, ଅର୍ଥ ବିଭାଗ ପ୍ରମୁଖ ସଚିବ ବିଶାଲ କୁମାର ଦେବ, ଉଚ୍ଚ ଶିକ୍ଷା ବିଭାଗ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗ ସଚିବ କ୍ରିଷନ୍ କୁମାର, ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ୱତନ୍ତ୍ର ଅଧିକାରୀ ବିଜୟ କୁମାର ନାୟକଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଅଂଶଗ୍ରହଣ କରିଥିଲେ।

# ବିଏଚ ସିରିଜ୍ ଗାଡ଼ି ପଞ୍ଜୀକରଣରେ ଓଡ଼ିଶା ଦେଶରେ ଆଗୁଆ




ଭୁବନେଶ୍ୱର,୫/୧୧ (ନି.ପ୍ର): ବାହାର ରାଜ୍ୟକୁ ଗାଡ଼ି ନେଇକି ଗଲେ ବି ପୁଣି ସେଠାରେ ଯେପରି ପଞ୍ଜୀକରଣ କରିବାକୁ ପଡ଼ିବନି ସେଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଏଚ ସିରିଜ୍ ପଞ୍ଜୀକରଣ ବ୍ୟବସ୍ଥା ଆରମ୍ଭ ହୋଇଛି। ଏଥିରେ ଏବେ ଓଡ଼ିଶା ସାରା ଦେଶରେ ଆଗରେ ଅଛି। ନଭେମ୍ବର ୧୦ତାରିଖସୁଦ୍ଧା ସାରା ଦେଶରେ ୧୮୨ଟି ନୂଆ ଗାଡ଼ିର ବିଏଚ୍ ସିରିଜ୍ ପଞ୍ଜୀକରଣ ହୋଇଥିବା ବେଳେ ଏଥିରେ ଓଡ଼ିଶାର ୮୧ଟି ଗାଡ଼ି ଅଛି। ଯାହା ମୋଟ୍ ପଞ୍ଜୀକରଣର ୪୫%। ଓଡ଼ିଶାରେ ଦେଶର ସବୁଠୁ ଅଧିକ ଗାଡ଼ି ବିଏଚ୍ ସିରିଜ୍ ପଞ୍ଜୀକରଣ ହେବା ଏବେ ଜାତୀୟସ୍ତରରେ ଚର୍ଚ୍ଚାର ବିଷୟ ପାଲଟିଛି। ଓଡ଼ିଶା ପଛକୁ ଦିଲ୍ଲୀ ଏହି ତାଲିକାରେ ଅଛି। ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁର, ହାଇଦ୍ରାବାଦ ଭଳି ବଡ଼ ବଡ଼ ସହରକୁ ପଛରେ ପକାଇ ଓଡ଼ିଶା ଏହି ତାଲିକାରେ ଆଗରେ ଥିବାରୁ ରାଜ୍ୟ ସରକାର ଏହି ପଞ୍ଜୀକରଣ ସଂଖ୍ୟା ଆହୁରି ବଢ଼ାଇବାକୁ ବଡ଼ ନିଷ୍ପତ୍ତି ନେଇଛନ୍ତି। କେତେକ ରାଜ୍ୟରେ ବିଏଚ୍ ସିରିଜ୍ ପଞ୍ଜୀକରଣ ବ୍ୟବସ୍ଥା ଆରମ୍ଭ ହୋଇନଥିବାରୁ ବାହାରେ ରାଜ୍ୟରେ ଓଡ଼ିଆମାନେ ହଇରାଣ ହେଉଛନ୍ତି। ତେଣୁ ବାହାର ରାଜ୍ୟରେ ଓଡ଼ିଆମାନେ ଗାଡ଼ି କିଣିଲେ ସେଠାରେ ସାମୟିକ ପଞ୍ଜୀକରଣ କରି ନମ୍ବର ଆଣିଲେ ଓଡ଼ିଶାରେ ବିଏଚ୍ ସିରିଜ୍ ପଞ୍ଜୀକରଣ କରିପାରିବେ। ଏହି ନିୟମ ଆଜିଠାରୁ ରାଜ୍ୟ ସରକାର ଲାଗୁ କରିଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାର ସେପ୍ଟେମ୍ବର ୧୫, ୨୦୨୧ରେ ବିଏଚ୍ ସିରିଜ୍ ପଞ୍ଜୀକରଣ ବ୍ୟବସ୍ଥା ଆରମ୍ଭ କରିଥିବାବେଳେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଏହାକୁ ଲାଗୁ କରିଥିଲା। ବିଏଚ୍ ସିରିଜ୍ ପଞ୍ଜୀକରଣ କରିବା ପାଇଁ ଗାଡ଼ିର ମାଲିକ ରାଜ୍ୟ ସରକାର, କେନ୍ଦ୍ର ସରକାରଙ୍କ କର୍ମଚାରୀ ହୋଇଥିବେ କିମ୍ବା କୌଣସି ପିଏସ୍ୟୁରେ କାମ କରୁଥିବା ଦରକାର। ଯେଉଁ ସଂସ୍ଥାରେ କାମ କରୁଥିବେ ତା'ର ୪ଟି ରାଜ୍ୟରେ ଅଫିସ୍ ଥିବ। ଓଡ଼ିଶାରେ ଏବେ ଗାଡ଼ି କିଣିଲେ ୧୫ବର୍ଷ ପାଇଁ ଟିକସ ଦେବାକୁ ପଡୁଥିବାବେଳେ ବିଏଚ୍ ସିରିଜ୍ ପଞ୍ଜୀକରଣରେ ଦୁଇ ବର୍ଷ ଟିକସ ଦେବାକୁ ପଡ଼ିବ।

# ସ୍କୁଲ ଖୋଲିବା ଆବଶ୍ୟକ: ପ୍ରଥମଠାରୁ ପଞ୍ଚମ ଶ୍ରେଣୀ ଖୋଲିଲେ କୌଣସି ଅସୁବିଧା ହେବ ନାହିଁ

ଭୁବନେଶ୍ୱର,୫/୧୧ (ନି.ପ୍ର): ସ୍କୁଲ ଖୋଲିବା ଆବଶ୍ୟକ ବୋଲି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ କହିଛନ୍ତି। ସେ କହିଛନ୍ତି, ପ୍ରଥମରୁ ପଞ୍ଚମ ଶ୍ରେଣୀ ଖୋଲିବା ପାଇଁ ରାଜ୍ୟ ସରକାର ଓ ଗଣଶିକ୍ଷା ବିଭାଗକୁ ସୁପାରିସ କରିବି। ପ୍ରାଥମିକ ଶିକ୍ଷା ହେଉଛି ମୂଳଦୁଆ। ମୂଳଦୁଆ ବିଗିଡିଗଲେ ଉଚ୍ଚ ଶ୍ରେଣୀରେ ବହୁତ ଅସୁବିଧା ହେବ। ଛୋଟ ପିଲାମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଅଧିକ ରହିଥାଏ, ତେଣୁ ପ୍ରଥମଠାରୁ ପଞ୍ଚମ ଶ୍ରେଣୀ ଖୋଲିଲେ କୌଣସି ଅସୁବିଧା ହେବ ନାହିଁ। ତା'ଛଡ଼ା ଶିଶୁଙ୍କ ପାଇଁ ଟିକା ମଧ ଖୁବ ଶୀଘ୍ର ଆସିବ। ସ୍କୁଲ ବୁଲିବ କୋଭିଡ ସଚେତନତା ରଥ। ରାଜ୍ୟରେ ବିଦ୍ୟାଳୟ ଖୋଲିବା ପରେ ସଚେତନତା ଓ ସୁରକ୍ଷା ନେଇ ହେବ ଅଭିଯାନ। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ପ୍ରତିଷ୍ଠା ଦିବସ ଅବସରରେ ଗତ ୧ ତାରିଖରୁ ୪୦ ଦିନିଆ ଏହି କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଆସନ୍ତା ୧୯ ତାରିଖରୁ ସ୍ୱତନ୍ତ୍ର ଭ୍ରାମ୍ୟମାଣ ଭ୍ୟାନର ଶୁଭାରମ୍ଭ ହେବ, ଯାହା ଭୁବନେଶ୍ୱରରୁ ଆରମ୍ଭ କରି ରାଜ୍ୟର ସମସ୍ତ ଜିଲ୍ଲାରେ ବୁଲିବୁଲି ଶିଶୁମାନଙ୍କ ସୁରକ୍ଷା ଓ ସଚେତନତା ଦିଗରେ ବାର୍ତ୍ତା ଦେବ। ଏହାସହ ରାଜଧାନୀରେ ରାଜ୍ୟସ୍ତରୀୟ ଏକ ଚାଇଲ୍ଡ ଆସେମ୍ବଲି ବା ଶିଶୁ ବିଧାନସଭାର ଆୟୋଜନ କରାଯିବ। ଏଥିରେ ସାରା ରାଜ୍ୟରୁ ଶିଶୁମାନଙ୍କୁ ସାମିଲ କରାଯିବା ସହ ସେମାନଙ୍କ ଦକ୍ଷତା ଓ ମାନସିକତା ପରଖିବ ଆୟୋଗ। ସେହିପରି ବିଧାୟକମାନଙ୍କୁ ନେଇ ମଧ ଏକ ପରାମର୍ଶଦାତା ବୈଠକ ଆୟୋଜନ କରାଯିବ। ଡିସେମ୍ବର ୧୦ ତାରିଖରେ ୪୦ ଦିନିଆ ଅଭିଯାନ ଶେଷ ହେଉଥିବା ବେଳେ ସମସ୍ତ କାର୍ଯ୍ୟକ୍ରମ ଏହାରି ଭିତରେ ଶେଷ କରିବାକୁ ଲକ୍ଷ୍ୟ ରହିଥିବା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ କହିଛନ୍ତି।

# 'ସେଲ୍'ର ସ୍ୱାଧୀନ ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଲେ ଅଶୋକ ତ୍ରିପାଠୀ

ଭୁବନେଶ୍ୱର,୫/୧୧ (ନି.ପ୍ର): ପୂର୍ବତନ ବରିଷ୍ଠ ପ୍ରଶାସକ ଅଶୋକ କୁମାର ତ୍ରିପାଠୀଙ୍କୁ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ର ସ୍ୱାଧୀନ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି । ମହାରନ୍ କଂପାନୀ 'ସେଲ୍'ର ଦେଶରେ ୮ଟି ବୃହତ୍ତ ଇସ୍ପାତ୍ କାରଖାନା ରହିଛି, ଯେଉଁଥିରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଅନ୍ୟତମ। ସୂଚନାଯୋଗ୍ୟ, ଶ୍ରୀ ତ୍ରିପାଠୀ ହେଉଛନ୍ତି ୧୯୮୧ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ। ତାଙ୍କର ସକାରାତ୍ମକ ଯୋଗଦାନ ଯୋଗୁଁ ରାଜ୍ୟରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇପାରିଛି। ଭୂ ଓ ରାଜସ୍ୱ ବିଭାଗରେ ଶ୍ରୀ ତ୍ରିପାଠୀଙ୍କର ଦକ୍ଷତା ରହିଛି। ଶିଳ୍ପ, ପର୍ଯ୍ୟଟନ, ସଂସ୍କୃତି, ଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତିର ବିକାଶମୂଳକ କାର୍ଯ୍ୟରେ ତାଙ୍କର ଯୋଗଦାନ ଉଲ୍ଲେଖଯୋଗ୍ୟ। ବିଭିନ୍ନ କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ଯୋଗୁଁ କେନ୍ଦ୍ର ସରକାରଙ୍କ ଇସ୍ପାତ୍ ମନ୍ତ୍ରାଳୟ ଶ୍ରୀ ତ୍ରିପାଠୀଙ୍କୁ ସେଲ୍‌ରେ ସ୍ୱାଧୀନ ନିର୍ଦ୍ଦେଶକ ପଦରେ ଅବସ୍ଥାପିତ କରିଛନ୍ତି।

# କରୋନାରେ ବିଗିଡ଼ିଛି ସହରାଞ୍ଚଳ ପିଲାଙ୍କ ପାଠପଢ଼ା: ବାଧ୍ୟତାମୂଳକ ଶିକ୍ଷାରୁ ୫୭% ବଞ୍ଚିତ



ଭୁବନେଶ୍ୱର ,୫/୧୧ (ନି.ପ୍ର): କରୋନା ବଦଳାଇ ଦେଇଛି ପିଲାଙ୍କ ପାଠପଢ଼ା। କେବଳ ଯେ ଗ୍ରାମାଞ୍ଚଳ, ଉପାନ୍ତ କିମ୍ବା ପଛୁଆ ଅଞ୍ଚଳର ପିଲା ପ୍ରଭାବିତ ହୋଇଛନ୍ତି ତାହା ନୁହେଁ; ବରଂ ସହରାଞ୍ଚଳର ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ବି ପ୍ରଭାବିତ ହୋଇଛନ୍ତି। କରୋନା ସମୟରେ ଭୁବନେଶ୍ୱର, କଟକ, ପୁରୀ, ବ୍ରହ୍ମପୁର, ରାଉରକେଲା ପରି ସହରର ୬ରୁ ୧୪ବର୍ଷ ବୟସର ୫୭ପ୍ରତିଶତ ଛାତ୍ରଛାତ୍ରୀ ମାଗଣା ତଥା ବାଧ୍ୟତାମୂଳକ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଛନ୍ତି। ୧୭% ଛାତ୍ରଛାତ୍ରୀ ଅସୁରକ୍ଷିତ ସ୍ଥାନରେ ଏକାକୀ ରହୁଛନ୍ତି ଏବଂ ବିଭିନ୍ନ ପ୍ରକାରର ଶୋଷଣର ଶିକାର ହେଉଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ଅନ୍ୟ ରାଜ୍ୟକୁ ପଳାଇଛନ୍ତି। ୟୁନିସେଫ୍, ସେଭ୍ ଦି ଚିଲଡ୍ରେନ୍ ଓ ଚାଇଲ୍ଡ ଲାଇନ୍ ସହଯୋଗରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର) ପକ୍ଷରୁ କରାଯାଇଥିବା ସର୍ଭେରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି; ରାସ୍ତାପାର୍ଶ୍ୱର ୪୭% ପିଲା ପାଞ୍ଚବର୍ଷରୁ ଅଧିକ ସମୟ ଧରି ସହରରେ ରହୁଥିଲେ ମଧ ସେମାନଙ୍କୁ ଚିହ୍ନଟ କିମ୍ବା ପୁନଃଥଇଥାନ କରାଯାଇନାହିଁ। ଅବହେଳିତ ତଥା ରାସ୍ତାପାର୍ଶ୍ୱ ଲୋକଙ୍କ ରହିବା ପାଇଁ ସହରଗୁଡ଼ିକରେ ଆଶ୍ରୟସ୍ଥଳର ବ୍ୟବସ୍ଥା ହୋଇଛି। ମାତ୍ର ଦେଖାଯାଇଛି ଯେ ୫୬% ପିଲା ଅଧିକ ସୁରକ୍ଷା ପାଇଁ ବାସସ୍ଥାନ ସ୍ଥାନାନ୍ତର କରିଛନ୍ତି। ବହୁ ଛାତ୍ରଛାତ୍ରୀ ସେମାନଙ୍କ ପିତାମାତାଙ୍କ ସହ ରୁହନ୍ତି। ଏହି ପିଲାଙ୍କର ପିତାମାତା ଦିନମଜୁରିଆ, ଲଗେଜ୍ ଉଠାନ୍ତି, ଘରୋଇ କାମ, ଭିକ୍ଷାବୃତ୍ତି କରିବା, ଷ୍ଟ୍ରିଟ୍ ଭେଣ୍ଡିଂ ଆଦି କାର୍ଯ୍ୟ କରି ମାସିକ ହାରାହାରି ଆୟ ୧ରୁ ୫ ହଜାର ଟଙ୍କା ପାଇଥା'ନ୍ତି। ଯାହାଦ୍ୱାରା ସେମାନେ ନିଜ ପିଲାଙ୍କ ଠିକ୍ ଭାବେ ଯତ୍ନ ନେଇପାରନ୍ତି ନାହିଁ। ଦେଶବ୍ୟାପୀ ଲକ୍‌ଡାଉନ୍ ସମୟରେ ସେମାନଙ୍କ ଜୀବିକା ନିର୍ବାହ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। କୌଣସି କାମ ମିଳି ନ ଥିଲା। ଭିକ୍ଷାବୃତ୍ତି ବି କରିପାରି ନଥିଲେ। ରାସ୍ତାପାର୍ଶ୍ୱର ପ୍ରାୟ ୬୬% ପିଲାଙ୍କର ରାସନ କାର୍ଡ ନାହିଁ। ନିର୍ମାଣ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ପରିବାରର ୫୫% ଲୋକ ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ସମୟରେ ସରକାରୀ ରିଲିଫ୍ ପାଇବାକୁ ବଞ୍ଚିତ ହୋଇଛନ୍ତି। କୋଭିଡ୍-୧୯ ସମ୍ପର୍କରେ ୮୭% ପିଲା ଅବଗତ ଥିଲେ। ପ୍ରତିରୋଧକ ନିୟମ ଯେପରିକି ସାମାଜିକ ଦୂରତା, ମାସ୍କ ବ୍ୟବହାର ଓ ହାତ ଧୋଇବା ଉପରେ ପ୍ରାଥମିକତା ଦେଉଥିଲେ। ମାତ୍ର ସେମାନଙ୍କ ନିକଟରେ ମାସ୍କ କିମ୍ବା ସାବୁନ୍ ପାଇଁ ଅର୍ଥ ନ ଥିଲା। କରୋନା ସମୟରେ ଘରୋଇସ୍ତରରେ ପିଲାଙ୍କୁ ପର୍ଯ୍ୟାପ୍ତ ଖାଦ୍ୟ ମିଳି ନ ଥିଲା। ସର୍ଭେ ବେଳେ ଜଣାପଡ଼ିଥିଲା ଯେ ୩୭% ଉତ୍ତରଦାତା କେବେ ବି ବିଦ୍ୟାଳୟରେ ନାମ ଲେଖାଇ ନାହାନ୍ତି। ୧୭% ପିଲା ସ୍କୁଲ ଛାଡ଼ିଛନ୍ତି। ୬ରୁ ୧୪ବର୍ଷ ବୟସର ପିଲାଙ୍କ ମଧ୍ୟରୁ ମାତ୍ର ୨୬% ବିଦ୍ୟାଳୟରେ ନାମ ଲେଖାଇବା ସହ କାର୍ଯ୍ୟ କରୁଛନ୍ତି। ରାସ୍ତାପାର୍ଶ୍ୱର ୯୧% ପିଲା ଭିକ ମାଗିବା, ବ୍ୟାଗ୍ ଉଠାଇବା, ଷ୍ଟ୍ରିଟ୍ ଭେଣ୍ଡିଂ ଆଦି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ୬୮% ପିଲା ଶିଶୁ ଓ କିଶୋର ଶ୍ରମ ସୁରକ୍ଷା ଓ ନିଷେଧ ଆଇନ ଉଲ୍ଲଂଘନ କରୁଛନ୍ତି। ସର୍ଭେରୁ ଆହୁରି ଜଣାପଡ଼ିଛି ଯେ ରାସ୍ତାପାର୍ଶ୍ୱରେ ରହୁଥିବାରୁ ୧୮% ଛାତ୍ରଛାତ୍ରୀ ନିଜକୁ ଅସୁରକ୍ଷିତ ମଣିଛନ୍ତି। ସେମାନଙ୍କ ମଧ୍ୟରେ ଯୌନଶୋଷଣର ଭୟ ପ୍ରକାଶ ପାଇଛି। ସହରରେ ମଦ୍ୟପଙ୍କ ଉତ୍ପାତ, ଡକାୟତି ଆଦି ଭୟ ମଧ ରହିଥିଲା।

# ଭୁବନେଶ୍ୱର ସାଂଗଠନିକ ଜିଲ୍ଲା କଂଗ୍ରେସର ନୂତନ କମିଟି ଗଠିତ

ଭୁବନେଶ୍ୱର,୫/୧୧ (ନି.ପ୍ର): ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଭାପତି ବିଶ୍ୱଜିତ ଦାଶଙ୍କ ଜିଲ୍ଲା କର୍ମକର୍ତ୍ତା ପ୍ରସ୍ତାବକୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଶ୍ରୀ ଦାସ କହିଛନ୍ତି ନୂତନ ଭାବେ ଗଠିତ ଏହି କମିଟିରେ ମହିଳା ଓ ଯୁବକଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ଏଥିରେ ଉପସଭାପତି ଭାବେ ବିଣାପାଣି ସାମଲ, ଯୋଗୀନାଥ ନାଏକ, ପ୍ରଶନ୍ନ କୁମାର ପରିଡ଼ା, ଆଶିଷ ମଲ୍ଲିକ, ଜୟକୃଷ୍ଣ ସୁବୁଦ୍ଧି ରହିଛନ୍ତି।

# ୭ ଯାଏ ଦକ୍ଷିଣ ଓଡ଼ିଶାରେ ବର୍ଷା



ଭୁବନେଶ୍ୱର ,୫/୧୧ (ନି.ପ୍ର): ଆସନ୍ତା ୪ ଦିନ ତଥା ୭ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇପାରେ। ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଗଜପତି ଜିଲ୍ଲାର ଅଧିକାଂଶ ସ୍ଥାନରେ ବର୍ଷା ହେବ। ଏଥିସହ ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି ଓ ନୂଆପଡ଼ାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବ। ରାଜ୍ୟର ଅନ୍ୟ ଅଞ୍ଚଳରେ ପାଗ ମୁଖ୍ୟତଃ କୋହଲା ରହିବ। ୮ ତାରିଖଠାରୁ ରାଜ୍ୟରେ ସେଭଳି ବର୍ଷା ନ ଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶକ ଏଚ୍ ଆର ବିଶ୍ୱାସ କହିଛନ୍ତି। ପାଣିପାଗ କେନ୍ଦ୍ର ଆକଳନ ଅନୁଯାୟୀ ଆସନ୍ତା ୩ରୁ ୪ ଦିନ ପର୍ଯ୍ୟନ୍ତ ସର୍ବନିମ୍ନ ତାପମାତ୍ରାରେ ସେଭଳି କୌଣସି ପରିବର୍ତ୍ତନ ହେବନି। ତେବେ ଏହାପରେ ରାତିର ତାପମାତ୍ରା ସାମାନ୍ୟ କମିବ। ଦକ୍ଷିଣ ଓ ଅଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ କୋରାପୁଟ ଜିଲ୍ଲାର କୋଟପାଡ଼ରେ ୭୪ ମିମି ବର୍ଷା ହୋଇଥିବା ବେଳେ ମାଲକାନଗିରିରେ ୫୫.୪ ମିମି ବର୍ଷା ରେକର୍ଡ କରାଯାଇଛି। ଦାରିଙ୍ଗବାଡ଼ିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୫.୫ ଡିଗ୍ରି ରେକର୍ଡ କରାଯାଇଛି।

## ଆଗକୁ ୫ଜି ...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

କିନ୍ତୁ ଏହି ନିୟମଗୁଡ଼ିକୁ କଡ଼ାକଡ଼ି ପାଳନ କରାଯାଇ ୫ଜି ଟେକ୍ନୋଲୋଜିର ଉପଯୋଗ କରାଯାଏ, ତେବେ ଏହା ସାଂପ୍ରତିକ ସମାଜ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହେବ। ଆଉ ଯଦି ଜାଣିଶୁଣି ବିନା ହେଲମେଟ୍ କିମ୍ବା ସିଟବେଲ୍ଟ ରେ ବେନିୟମ ଭାବରେ ରାସ୍ତାରେ ଗାଡ଼ି ଚଲାଇବା ଭଳି ବେପରୁଆ କାର୍ଯ୍ୟ କରିବା, ତା'ହେଲେ ତାର ପରିଣାମ ଆମକୁ ଭୋଗିବାକୁ ହିଁ ପଡ଼ିବ। ତେଣୁ ୫ଜି ଉପଯୋଗରେ ଯଦି ନିର୍ଦ୍ଧାରିତ ନିୟମକୁ ପାଳନ କରିବା ତେବେ ଏହା ମଣିଷ ସମାଜର ବିକାଶରେ ଆଶାଜନକ ସହାୟତା ଦେବ, ଏଥିରେ ଦ୍ୱିମତ ନାହିଁ।

ସବୁରି ମୂଳରେ ସ୍ୱାସ୍ଥ୍ୟ ! ତେବେ ଉତ୍ତମ ପରିବେଶରେ ହିଁ ଜୀବଜଗତ ନିରାପଦରେ ରହି ପାରିବେ। ଅପରପକ୍ଷେ ସମୟର ଗତି ସହ ସମାଜର ବିକାଶ ମଧ୍ୟ ନିହାତି ଜରୁରି। କିନ୍ତୁ ଏଭଳି ବିକାଶକୁ ମଣିଷ ସମାଜ ସବୁ ବେଳେ ଉପେକ୍ଷା କରିବା ଦରକାର ଯାହାଦ୍ୱାରା ଆମର ସାଂପ୍ରତିକ ଜୀବନ ପାଇଁ ବିପଦ ସୃଷ୍ଟି କରିବା ସହ ଆଗାମୀ ପିଢ଼ିର ସୁରକ୍ଷାକୁ ନେଇ ଆଶଙ୍କା ଦେଖା ଦେବ। ତେଣୁ ଜଗତୀକରଣ ନାଁରେ ମଣିଷ କେବଳ ନିଜ ସୁବିଧା ସୁଯୋଗ ନିମନ୍ତେ ବିକାଶର ଗୋଟିଏ ପାର୍ଶ୍ୱ ଆଖି ଆଗରେ ନ ରଖି ୫ଜି ଭଳି ନୂତନ ଟେକ୍ନୋଲୋଜିର ଉପଯୋଗ କରିବା ପୂର୍ବରୁ ଏକ ସୁସ୍ଥ ଓ ନିରାପଦ ପରିବେଶ ନିମନ୍ତେ ସମସ୍ତ ଦିଗକୁ ଧ୍ୟାନ ଦେଲେ ଏହା ସଂପୂର୍ଣ୍ଣ ଜୀବଜଗତ ପାଇଁ ମଙ୍ଗଳକାରକ ହେବ।

+ସିନାପାଲି, ନୂଆପଡ଼ା

## ବିଶ୍ୱହିନ୍ଦୁ ପରିଷଦର ଦୀପ ଉତ୍ସବ

ବାଲେଶ୍ୱର,୦୫/୧୧ (ନି.ପ୍ର): ପ୍ରଭୁ ଶ୍ରୀରାମଙ୍କ ରାଜ୍ୟାଭିଷେକ ସ୍ମୃତିରେ ବିଶ୍ୱହିନ୍ଦୁ ପରିଷଦ ବାଲେଶ୍ୱର ଶାଖା ପକ୍ଷରୁ ଦୀପ ଉତ୍ସବ ସ୍ଥାନୀୟ ଫକୀର ମୋହନ ଗୋଲେଇଠାରେ ଶୁକ୍ରବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ପୂର୍ବତନ ରାଜ୍ୟ ଉପ-ସଭାପତି ତଥା ଓଡ଼ିଆ ଭାଷା ସାହିତ୍ୟର ଅନ୍ୟତମ ଗବେଷକ ଡ. ରମାକାନ୍ତ ବେହେରା, ଜିଲା ସଭାପତି ସୁଧାକର ପାଢ଼ୀ, ଜିଲା ଉପ-ସଭାପତି ସଞ୍ଜୟ ମହାପାତ୍ର, ସତସଙ୍ଗ ପ୍ରମୁଖ ବଳଭଦ୍ର ଶତପଥୀ, ସେବା ପ୍ରମୁଖ ରଜନୀକାନ୍ତ ଶତପଥୀ, ଦୁର୍ଗା ବାହିନୀ ସହ-ସଂଯୋଜିକା କସ୍ତୁରୀ ସରକାର, ସଂଯୋଜିକା ହେମଲତା ସାହୁ, କବିତା ବେହେରା, ଅର୍ଣ୍ଣବ କୁମାର କର, ତୃପ୍ତି ଆଚାର୍ଯ୍ୟ, ଜ୍ୟୋତିର୍ମୟ ପରିଡ଼ା ଜଗବନ୍ଧୁ ପୃଷ୍ଟି, ଆଲୋକ ପଣ୍ଡା ପ୍ରମୁଖ କର୍ମକର୍ତ୍ତାମାନେ ଏଥିରେ ଯୋଗଦେଇ ଦୀପାବଳି ଓ ଦୀପାବଳିର ପର ସଂଧ୍ୟାର ପୌରାଣିକ ମତ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଭୁ ଶ୍ରୀରାମ ମାଆ ସୀତାଙ୍କୁ ନେଇ ଅନୁଜ ଲକ୍ଷ୍ମଣଙ୍କ ସହ ଲଙ୍କାରୁ ରାଜ୍ୟକୁ ଫେରିବା ଖୁସୀରେ ଅଯୋଧ୍ୟାବାସୀ ଦୀପ ଜାଳି ସ୍ୱାଗତ କରିଥିଲେ। ତହିଁଆରଦିନ ଶ୍ରୀରାମଙ୍କର ରାଜ୍ୟାଭିଷେକ ଅନୁଷ୍ଠିତ ହୋଇଥିବା ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତାମାନେ କହିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ରାଜ୍ୟ ଚଳଚ୍ଚିତ୍ର ଓ ଟେଲି ପୁରସ୍କାର....

ଚଳଚ୍ଚିତ୍ର -ଦେଖା ହେଲା ପ୍ରେମ ହେଲା), ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା: ଦୀପ୍ତିରେଖା ପାଢ଼ୀ (ଏ କେଉଁ ଋତୁ ଏ କେଉଁ ରାସ୍ତା, ଚଳଚ୍ଚିତ୍ର - ଫ୍ରମ୍ ମିଟୁ ଇଉ), ଶ୍ରେଷ୍ଠ ଚିତ୍ରଗ୍ରହଣ (ପ୍ରମୋଦ ପତି ସମ୍ମାନ ): ରବୀନ୍ଦ୍ର ବେହେରା (ବାବୁ ଭାଇଜାନ୍), ଶ୍ରେଷ୍ଠ ସଂପାଦନା: ରାଜେଶ ଦାସ (ଖୁସି), ଶ୍ରେଷ୍ଠ ଗୀତିକାର: ଅରୁଣ ମନ୍ତ୍ରୀ (ଭିଜେଇ ଦେଇ ଯା ଥରେ ,ଚଳଚ୍ଚିତ୍ର- ବାପା ତୁମେ ଭାରି ଦୁଷ୍ଟ), ଶ୍ରେଷ୍ଠ ଚିତ୍ରନାଟ୍ୟ: ସନ୍ତୋଷ ନାରାୟଣ ଦାଶ (ବାବୁ ଭାଇଜାନ୍), ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା: ବବି ମିଶ୍ର (ବାବୁ ଭାଇଜାନ୍), ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ: ଅଞ୍ଜନା ଦାଶ (ବାପା ତୁମେ ଭାରିଦୁଷ୍ଟ), ଶ୍ରେଷ୍ଠ ହାସ୍ୟ କଳାକାର: ତ୍ରିଭୂବନ ପଣ୍ଡା (ଗୋଲମାଲ୍ ଲଭ୍), ଶ୍ରେଷ୍ଠ ଶିଶୁ କଳାକାର: ଐଶ୍ୱର୍ଯ୍ୟା ମିଶ୍ର (ଖୁସି), ଶ୍ରେଷ୍ଠ କଳା ନିର୍ଦ୍ଦେଶକ: କଳିଙ୍ଗ କେଶରୀ ନାୟକ (କାଲିର ଅତୀତ), ଶ୍ରେଷ୍ଠ ଶବ୍ଦ ଗ୍ରହଣକାରୀ: ଚନ୍ଦ୍ର ଶେଖର ଶର୍ମା (ଶଳାବୁଢ଼ାର ବଦ୍‌ଲା), ସ୍ୱତନ୍ତ୍ର ଜୁରୀ ପୁରସ୍କାର: ଅଭିନେତା: ରୋହିତ୍ ରାଜ୍ (କୋଟିଏରେ ଗୋଟିଏ ମନ), ଶ୍ରେଷ୍ଠ ଶିକ୍ଷାଭିତିକ ଶିଶୁ ଚଳଚ୍ଚିତ୍ର: ସୁବ୍ରତ କୁମାର ରଥ(ବାଜି) ଓ ଅଭିଷେକ କୁମାର (ଫ୍ରମ୍ ସଂଜୁ), ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର: ପ୍ରଯୋଜକ ଓ ନିର୍ଦ୍ଦେଶକ : ଆଶୁତୋଷ ପଟ୍ଟନାୟକ (ଶ୍ରୀକ୍ଷେତ୍ରର ସହିଯାତ), ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର: ପ୍ରଯୋଜକ ସ୍ୱରାଜ ମିଶ୍ର ଓ ନିର୍ଦ୍ଦେଶକ ବନମାଳୀ ରଣା (ରସଗୋଲା), ଓଡିଶାରେ ପ୍ରାନ୍ତୀୟ ଭାଷାରେ ପ୍ରସ୍ତୁତ ଶ୍ରେଷ୍ଠ ଚଳଚ୍ଚିତ୍ର : ପ୍ରଯୋଜକ - ଶ୍ରୀକର ମିଶ୍ର (ଝରନ୍), ଶ୍ରେଷ୍ଠ ସଂଳାପ ଲେଖକ :ଅଟଳ ବିହାରୀ ପଣ୍ଡା (ଶଳା ବୁଢାର ବଦଲା), ଶ୍ରେଷ୍ଠ ବେଶ ପୋଷାକ ସଜ୍ଜାକାରୀ :ଚୈତନ୍ୟ ମଝାରୀ (ଶଳା ବୁଢାର ବଦଲା), ଶ୍ରେଷ୍ଠ ରୂପସଜ୍ଜାକାରୀ : ରାଜୁ (ବାବୁ ଭାଇଜାନ୍), ଶ୍ରେଷ୍ଠ ନୃତ୍ୟ ସଂଯୋଜନା : ଗିରୀଶ ମହାନ୍ତି (ବାବୁ ଭାଇଜାନ୍), ୮ମ ଟେଲି ପୁରସ୍କାର - ଶ୍ରେଷ୍ଠ ଚଳଚ୍ଚିତ୍ର: କାଳିଆ କରୁଛି ଲୀଳା, ଶ୍ରେଷ୍ଠ ପ୍ରଯୋଜକ: ଦୋବାଶିଷ ପାତ୍ର (କାଳିଆ କରୁଛି ଲୀଳା), ଶ୍ରେଷ୍ଠ ନିର୍ଦ୍ଦେଶକ: ଡି. ଅଶ୍ୱିନୀ ଗଡ଼ନାୟକ (କାଳିଆ କରୁଛି ଲୀଳା), ଶ୍ରେଷ୍ଠ ଟେଲି ଧାରାବାହିକ: ସରଗମ୍, ଶ୍ରେଷ୍ଠ ଟେଲି ଧାରାବାହିକ ନିର୍ଦ୍ଦେଶକ: ଚଣ୍ଡୀ ପରିଜା (ସରଗମ୍), -ଶ୍ରେଷ୍ଠ ଅଭିନେତା: ଦେବାଶିଷ ପାତ୍ର (କାଳିଆ କରୁଛି ଲୀଳା), ଶ୍ରେଷ୍ଠ ଅଭିନେତ୍ରୀ: ଲିପ୍ସା ମିଶ୍ର (ରଙ୍ଗିଲା ବୋହୂ), ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା: ଜୀବନ ପଣ୍ଡା (କାଳିଆ କରୁଛି ଲୀଳା), ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ: ମଧୁସ୍ମିତା ପ୍ରଧାନ (ରଙ୍ଗିଲା ବୋହୂ), ଶ୍ରେଷ୍ଠ ହାସ୍ୟଭିନେତା:ଶଙ୍କର୍ଷଣ ପ୍ରଧାନ (ରଙ୍ଗିଲା ବୋହୂ), ଶ୍ରେଷ୍ଠ ଶିଶୁ କଳାକାର: ପ୍ରସିଦ୍ଧି ନାୟକ (ରଙ୍ଗିଲା ବୋହୂ)

### କେଦାରନାଥରେ ପହଞ୍ଚି ବାବାଙ୍କ....

ବନ୍ଦ କରିଦିଆ ଯାଇଥାଏ । ଏହି ସମୟରେ ବାବାଙ୍କୁ ପାହାଡ ଉପରୁ ତଳକୁ ଅଣାଯାଇଥାଏ । ଚଳିତ ବର୍ଷ ଶନିବାର ଠାରୁ ବନ୍ଦ ହେବ ବାବା କେଦାରନାଥଙ୍କ କବାଟ । ଏହା ଆଗରୁ ପ୍ରଧାନମନ୍ତ୍ରୀ ମୋଦୀ କେଦାରନାଥ ଧାମ ଗସ୍ତ କରି ବାବାଙ୍କ ଦର୍ଶନ କରିଛନ୍ତି । ଆଗାମୀ ୬ ମାସ ପାଇଁ ବାବା କେଦାରନାଥଙ୍କ ମନ୍ଦିର କବାଟରେ ତାଲା ପଡିଯିବ । ଶୀତ କାଳରେ ପ୍ରବଳ ତୁଷାରପାତ ସମୟରେ ଏପରି ହୋଇଥାଏ । ତେଣୁ ଅନେକ ଶ୍ରଦ୍ଧାଳୁ ମଧ ବାବାଙ୍କ କବାଟ ବନ୍ଦ ହେବା ଆଗରୁ ଦର୍ଶନ କରିବାକୁ ପହଁଚିଥିଲେ । ଦର୍ଶନର ସୁଯୋଗ ମିଳିଥିବାରୁ ନିଜକୁ ଭାଗ୍ୟବାନ ମନେ କରିଛନ୍ତି । ବାବା କେଦାରନାଥ ମନ୍ଦିର ଦର୍ଶନ ସମୟରେ ଆଦି ଶଙ୍କରଙ୍କ ସମାଧୀସ୍ଥଳରେ ତାଙ୍କର ପ୍ରତିମୂର୍ତିକୁ ଉନ୍ମୋଚନ କରିଛନ୍ତି ପ୍ରଧାନମନ୍ତ୍ରୀ । ଏହା ସହିତ କେଦାରପୁରୀରେ ବିଭିନ୍ନ ଉନ୍ନତିମୂଳକ କାମର ଅନୁଧ୍ୟାନ କରିଛନ୍ତି ପ୍ରଧାନମନ୍ତ୍ରୀ ।

### ଇସ୍ତଫା ଫେରାଇ ନେଲେ ସିଦ୍ଧୁ....

ଦେଓଲ ମଧ ପଦ ଛାଡ଼ିଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ଚିନ୍ନି ତାଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରିନାହାନ୍ତି। ତେଣୁ ସିଦ୍ଧୁ ଆଜି ରଖିଥିବା ସର୍ତ୍ତ ଚନ୍ନିଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ସିଦ୍ଧୁ ଆଜି କହିଛନ୍ତି, "ମୁଁ ମୋର ଇସ୍ତଫାପତ୍ର ଫେରାଇ ଆଣିଛି। କିନ୍ତୁ ଯେତେବେଳେ ପଞ୍ଜାବରେ ନୂଆ ଆଡଭୋକେଟ ଜେନେରାଲ ନିଯୁକ୍ତ ହେବେ ସେତେବେଳେ ମୁଁ ପାର୍ଟି ଅଫିସକୁ ଯିବି। ଏଥିସହ ଦାୟିତ୍ୱ ମଧ ଗ୍ରହଣ କରିବି।" ୨୦୧୫ରେ ଦେଓଲ ଦୁଇ ଅଭିଯୁକ୍ତ ପୁଲିସ୍ ଅଧିକାରୀଙ୍କ ପାଇଁ ମାମଲା ଲଢ଼ିଥିଲେ। ଏଥିପାଇଁ ସିଦ୍ଧୁ ତାଙ୍କୁ ପଞ୍ଜାବର ଆଡଭୋକେଟ ଜେନେରାଲ ଭାବେ ଗ୍ରହଣ କରିପାରୁ ନାହାନ୍ତି। ତେଣୁ ବାରମ୍ବାର ତାଙ୍କୁ ଟାର୍ଗେଟ କରିବାରେ ଲାଗିଛନ୍ତି। ବିବାଦ ବଢ଼ିବାରୁ ଶ୍ରୀ ଦେଓଲ ସୋମବାର ନିଜର ଇସ୍ତଫାପତ୍ର ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଇଥିଲେ।

### ୟୁରୋପ ଓ ମଧ ଏସିଆରେ ସଂକ୍ରମଣକୁ ....

ଖୋର୍ଦ୍ଧା ଜିଲ୍ଲାରେ ସଂକ୍ରମଣ ହାର ୦.୮ ପ୍ରତିଶତ ଏବଂ କେନ୍ଦ୍ରାପଡ଼ା ଓ ବାଲେଶ୍ୱରରେ ଟେଷ୍ଟ ପଜିଟିଭିଟି ହାର ରହିଛି ୦.୫ ପ୍ରତିଶତ । ଏହାସତ୍ତ୍ୱ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ବିଶେଷଜ୍ଞ ଡାକ୍ତର । ରୁଷିଆ ସମେତ କେନ୍ଦ୍ର ଏସିଆ ଏବଂ ୟୁରୋପୀୟ ଦେଶରେ ଗତ ସପ୍ତାହରେ ହୁ ହୁ ବଢ଼ିଚାଲିଛି କରୋନା ସଂକମଣ । ଡେଲ୍ଟା ଭୂତାଣୁ ଯୋଗୁଁ ଅଣାୟତ୍ତ ହେବାରେ ଲାଗିଛି ପରିସ୍ଥିତି । ୭ ଦିନ ମଧ୍ୟରେ କେନ୍ଦ୍ର ଏସିଆ ଓ ୟୁରୋପରେ ୧୮ ଲକ୍ଷ ନୂଆ ମାମଲା ଆସିଛି । ଗୋଟିଏ ସପ୍ତାହରେ କରୋନା ନେଇଛି ୨୪ ହଜାର ଜୀବନ । ୟୁରୋପରେ ୬ ପ୍ରତିଶତ ଓ କେନ୍ଦ୍ର ଏସିଆରେ ୧୨ ପ୍ରତିଶତ ସଂକ୍ରମଣ ବୃଦ୍ଧି ପାଇଛି । ଫଳରେ ଡେଲଟା ଭୂତାଣୁ ଆତଙ୍କ ଖେଳାଇ ଦେଇଛି ।

## ଭଦ୍ରକ ଆଇନ୍ ମହାବିଦ୍ୟାଳୟ ପକ୍ଷରୁ ଶୋକସଭା

ଭଦ୍ରକ,୦୫/୧୧ (ନି.ପ୍ର): ଭଦ୍ରକ ଆଇନ୍ ମହାବିଦ୍ୟାଳୟର ଅତିଥି ଅଧ୍ୟାପକ କଲ୍ୟାଣ କୁମାର ଚାନ୍ଦଙ୍କ ଆକସ୍ମିକ ବିୟୋଗରେ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାବିଦ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶୋକସଭାକୁ ଆଇନ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ପ୍ରସନ୍ନ କୁମାର ରାୟ ସଂଚାଳନ କରିଥିଲେ। ଏହି ଶୋକସଭାରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ, ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ପରେ ତାଙ୍କର ଶୋକ ସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେବା ସହ ଅମର ଆତ୍ମାର ଶାନ୍ତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା।

## ମିତ୍ରପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ସରକାରୀକରଣ ଦାବିରେ ରାସ୍ତାରୋକ ସହ ମିତ୍ରପୁର ବଜାର ବନ୍ଦ



ନୀଳଗିରି,୦୫/୧୧ (ନି.ପ୍ର): ମିତ୍ରପୁର ବଜାରରେ ଥିବା ମିତ୍ରପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ସରକାରୀକରଣ ଦାବୀରେ ଶୁକ୍ରବାର ଦିନ ମିତ୍ରପୁର ବଜାର ବନ୍ଦ କରାଯାଇଥିବା ବେଳେ ମିତ୍ରପୁର ଛକରେ ରାସ୍ତାରୋକ କରାଯାଇଅଛି । ଫଳରେ ଗାଡ଼ି ଚଳାଚଳ ସଂପୂର୍ଣ୍ଣ ବନ୍ଦ ରହିଥିବା ବେଳେ ଦୋକାନ ବଜାର ସଂପୂର୍ଣ୍ଣ ବନ୍ଦ ରହିଥିଲା । କିଛି ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ୨୦୦୪ ମସିହାରେ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରଟି ଖୋଲିଥିବା ବେଳେ ପାଖାପାଖୀ ୭/୮ଟି ପଞ୍ଚାୟତର ଲୋକାମନେ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରିଆସୁଛନ୍ତି। କିଛି ମାସ ଧରି ମିତ୍ରପୁର ଅଞ୍ଚଳର ଖଣି ଖାଦାନ ସଂପୂର୍ଣ୍ଣ ରୂପେ ବନ୍ଦ ହେବା ଯୋଗୁଁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚଳାଇବା ପାଇଁ ଆର୍ଥିକ ସଂକଟ ଦେଖାଦେଇଥିଲା । ବଦାନ୍ୟ ବ୍ୟକ୍ତିଙ୍କ ପକ୍ଷେ ଚଳାଇବା କଷ୍ଟସାଧ୍ୟ ହୋଇପଡ଼ିଲା । ଏନେଇ ମିତ୍ରପୁର ସ୍ୱାସ୍ଥ୍ୟ ସେବା କେନ୍ଦ୍ରର ପରିଚାଳନା ପରିଷଦର ସଦସ୍ୟମାନେ ସରକାରୀ କରଣ ପାଇଁ ବହୁବାର ସ୍ୱାସ୍ଥ୍ୟ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ସାଂସଦ, ଓ ବିଧାୟକ, ବାଲେଶ୍ୱର ଜିଲ୍ଲାପାଳ, ବାଲେଶ୍ୱର ସି.ଡି.ଏମ.ଓ. ନୀଳଗିରି ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଲା ପରେ ମଧ କୌଣସି ପଦକ୍ଷେପ ନ ନେବାରୁ ପରିଚାଳନା ପରିଷଦର ସଦସ୍ୟଙ୍କ ନିଷ୍ପତ୍ତିକ୍ରମେ ଶୁକ୍ରବାର ଦିନ ସକାଳ ୬ଟା ଠାରୁ ରାସ୍ତାରୋକ କରାଯାଇଥିବା ବେଳେ ଦୋକାନ ବଜାର ସଂପୂର୍ଣ୍ଣ ବନ୍ଦ ରଖାଯାଇଥିଲା । ଆଜିର ଏହି ରାସ୍ତାରୋକ କାର୍ଯ୍ୟକ୍ରମକୁ ଜାତି, ବର୍ଣ୍ଣ, ଦଳ ନିର୍ବିଶେଷରେ ସମସ୍ତେ ରାସ୍ତାରୋକକୁ ସମର୍ଥନ ଜଣାଇ ରାସ୍ତାରୋକ ସହ ସାମିଲ ହୋଇଥିଲେ । ମିତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ତୁରନ୍ତ ସରକାରୀକରଣ କରାଯାଉ ବୋଲି ସମସ୍ତ ବୁଦ୍ଧିଜୀବୀ, ସମସ୍ତ ରାଜନୈତିକ ଦଳର ନେତୃମଣ୍ଡଳୀ, ନିଜ ନିଜ ବକ୍ତବ୍ୟ ରଖିଥିଲେ। ଦିନ ପ୍ରାୟ ୧୨ଟା ସମୟରେ ରାସ୍ତାରୋକ ସ୍ଥଳକୁ ନୀଳଗିରି ଉପଜିଲ୍ଲାପାଳ ହରିଶ୍ଚନ୍ଦ୍ର ଜେନା, ବାଲେଶ୍ୱର ସିଡିଏମଓ ଡା. ଦୁଲାଲ ସେନ ଜଗଦେବ ପହଞ୍ଚି ଆନ୍ଦୋଳନକାରୀମାନଙ୍କ ସହ ଆଲୋଚନା କରିଥିଲେ । ଉପସ୍ଥିତ ଥିବା ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡ଼ଙ୍ଗୀ, ବ୍ଲକ କଂଗ୍ରେସ ସଭାପତି ମନୋରଂଜନ ପଣ୍ଡା, ଶିଳ୍ପପତି ସୁଧାସିନ୍ଧୁ ପଣ୍ଡା, ଗତିକୃଷ୍ଣ ନନ୍ଦ, ଆବାହକ ନିରଂଜନ ଲେଙ୍କା, ଗଙ୍ଗାଧର ମିଶ୍ର, ଅଗଣି ସାହୁ, ବିଜୟ ଆର୍ଯ୍ୟ, ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୨ମାସ ମଧ୍ୟରେ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରଟି ସରକାରୀକରଣ ହୋଇଯିବାର ସମସ୍ତ ନଥିପତ୍ର ଶେଷ ହୋଇଥିବାର ପ୍ରତିଶୃତି ଦେବା ପରେ ରାସ୍ତାରୋକ ହଟିଥିଲା । ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରର ମରାମତି ପାଇଁ ବିଧାୟକ ସୁକାନ୍ତ ନାୟକ ନିଜ ହାତପାଣ୍ଠିରୁ ୩ ଲକ୍ଷ ଟଙ୍କା ଦେବା ପାଇଁ ସର୍ବସମ୍ମୁଖରେ ପ୍ରତିଶୃତି ଦେବା ସହ ଖୁବ୍ ଶୀଘ୍ର କାମ ପାଇଁ ନୀଳଗିରି ଉପଜିଲ୍ଲାପାଳଙ୍କ ଅନୁରୋଧ କରିଛନ୍ତି ।

## ରାଜ୍ୟରେ କରୋନାରେ ଆଉ ୩ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୦୫/୧୧ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୩ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୩୫୦ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା, ମୟୂରଭଂଜ ଓ ନୟାଗଡ ଜିଲ୍ଲାରେ ଜଣେ ଲେଖାଏଁ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି।

## ନୀଳଗିରି ଲ୍ୟାମ୍ପ ଏମ.ଡି.ଙ୍କ ଦ୍ୱାରା ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ ନେଇ ଥାନାରେ ମାମଲା

ନୀଳଗିରି,୦୫/୧୧ (ନି.ପ୍ର): ନୀଳଗିରି ଥାନା ଅଧୀନସ୍ଥ କଣ୍ଟାବଣିଆ ଗ୍ରାମର ଜୀବନ କୁମାର ଦେ ଙ୍କ ସ୍ତ୍ରୀ ଆରତୀ ଦେଙ୍କୁ ନୀଳଗିରି ଲ୍ୟାମ୍ପର ଏମ.ଡି. ପ୍ରଶାନ୍ତ କୁମାର ନାୟକ ଦୁର୍ବ୍ୟବହାର କରିଥିବା ନେଇ ନୀଳଗିରି ଥାନାରେ ଅଭିଯୋଗ ହୋଇଛି । ସୂଚନାଥାଉକି ଚଳିତ ଖରିଫ ଋତୁର ଧାନ ବିକ୍ରୟ ପାଇଁ ଆରତୀ ଦେ ୫ଏକର ଜମିର ରେଜିଷ୍ଟ୍ରେସନ ପାଇଁ ମିତ୍ରପୁର ସୋସାଇଟିରେ ସମସ୍ତ କାଗଜପତ୍ର ସହ ଜମି ପଟ୍ଟା ପ୍ରଦାନ କରିଥିଲେ। ମାତ୍ର ୩/୧୧/୨୧ରିଖରେ ୧୦ଡି. ଜମି ରେଜିଷ୍ଟ୍ରେସନ ହୋଇଥିବା ତାଙ୍କ ମୋବାଇଲିକୁ ମେସେଜ ଆସିଥିଲା । ଏ ବିଷୟରେ ଜାଣିବା ପାଇଁ ନିଜ ସ୍ୱାମୀଙ୍କ ସହ ଆରତୀ ନୀଳଗିରି ଲ୍ୟାମ୍ପକୁ ଆସିଥିଲେ । ଘଟଣାବାବଦରେ ଏମ.ଡି.ଙ୍କୁ ପଚାରିବାରୁ ପାଲଟା ଆମକୁ କୌଣସି ଡକୁମେଣ୍ଟ ଦେଇନାହାନ୍ତି କହିବା ସହ ବିରକ୍ତିଭାବ ପ୍ରକାଶ କରି ଅଶ୍ଳୀଳ ଭାଶେରେ ଗାଳିଗୁଲୋଜ କରିଥିଲେ। ଧାନ ଦେବା ପାଇଁ ତମେ କ'ଣ ପାଇଁ ଅନଲାଇନ କରୁଥିଲ । ଆବେଦନ କଲାବେଳେ ମୋତେ କେତେ ଟଙ୍କା ଦେଇଥିଲ କି ? ତୁମଭଳି ମହିଳାମାନେ ଆମ୍ଭ ଦାନାରେ ବାଲି ପକାଉଛନ୍ତି। ତୁମୋର କ'ଣ କରିବୁ ଯା କହି ତାଙ୍କୁ ଅସଦବ୍ୟବହାର କରି ଲ୍ୟାମ୍ପରୁ ବାହାରି ଯିବାକୁ କହିଥିଲେ। ଏନେଇ ଏମ.ଡି.ଙ୍କୁ ପଚାରିବାରୁ ଘଟଣା ସଂପୂର୍ଣ୍ଣ ମିଛ ବୋଲି ସୂଚନା ଦେଇଛନ୍ତି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୫ ଗିରଫ

ଭୁବନେଶ୍ୱର,୦୫/୧୧ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୫ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୬୪ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୧,୦୧,୯୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ତରଫରୁ ରକ୍ତଦାନ ଶିବିର ନିମନ୍ତେ ପ୍ରସ୍ତୁତି ବୈଠକ



ଉଦଳା,୦୫/୧୧ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟରେ ଥିବା ଜାତୀୟ ସେବା ଯୋଜନା, ୟୁଥ ରେଡ଼କ୍ରସ ଓ ରେଞ୍ଜର୍ସ ୟୁନିଟ ତରଫରୁ ମିଳିତ ଭାବରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷା ଜୟଶ୍ରୀ ଚୌଧୁରୀ ଜଣାଇଛନ୍ତି। ଉକ୍ତ ଶିବିର ନିମନ୍ତେ ଚଳିତ ନଭେମ୍ବର ୩ ତାରିଖ ବୁଧବାର ଦିନ ପ୍ରସ୍ତୁତି ବୈଠକ ବସିଥିଲା । ଆସନ୍ତା ଡ଼ିସେମ୍ବର ୮ ତାରିଖ ବୁଧବାର ଦିନ ମହାବିଦ୍ୟାଳୟ ପରିସରରେ ଉକ୍ତ ଶିବିର ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏଥିରେ ୧୦୦ ୟୁନିଟ ରକ୍ତ ସଂଗ୍ରହ ପାଇଁ ଲକ୍ଷ ଧାର୍ଯ୍ୟ ରଖାଯାଇଛି । ପ୍ରସ୍ତୁତି ବୈଠକର ୟୁଥ ରେଡ଼କ୍ରସ କାଉନସିଲର ଅଧ୍ୟାପିକା କୁମ କୁମ ଦାସ, ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ରବିନାରାୟଣ ମହାପାତ୍ର ଓ ରେଞ୍ଜର୍ସ ୟୁନିଟର ଅଫିସର ଲକ୍ଷ୍ମୀପ୍ରୀୟା ସାମଲ ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ଅଧ୍ୟାପିକା ପ୍ରଣତି ରାଜ, ଅଧ୍ୟାପକ ରାଜକିଶୋର ବେହେରା ଓ ଅଧ୍ୟାପିକା ଶାନ୍ତିଲତା ହାଁସଦାଃ ସହଯୋଗ କରିଥିଲେ

## ଉଡ଼ନ୍ତା ପୋଲ ମରାମତି ଆଳରେ ଅର୍ଥ ଆତ୍ମସାତ ଉଦ୍ୟମ ଅଭିଯୋଗ

### ନିମ୍ନମାନର କାର୍ଯ୍ୟକୁ ନେଇ ସିଭିଲ ସୋସାଇଟିର ଆନ୍ଦୋଳନ ଚେତାବନୀ




ବାଲେଶ୍ୱର,୦୫/୧୧ (ନି.ପ୍ର): ଫକୀର ମୋହନ ଗୋଲେଇରୁ ସହଦେବଖୁଣ୍ଟା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଉଡ଼ନ୍ତାପୋଲର ମରାମତିରେ ନିମ୍ନମାନର କାର୍ଯ୍ୟକୁ ନେଇ ବାଲେଶ୍ୱର ସିଭିଲ ସୋସାଇଟି ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଓ ସମ୍ପାଦକ ଆଇନଜୀବୀ ମନୋଜ କୁମାର ନାୟକଙ୍କ ନେତୃତ୍ୱରେ ସୋସାଇଟିର ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ରଙ୍କୁ ସାକ୍ଷାତ ସହ ପୋଲର ମରାମତିରେ ହେଉଥିବା ନିମ୍ନମାନର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ପୋଲର ନିମ୍ନ ଭାଗରେ ଆବଶ୍ୟକୀୟ ମରାମତି କରିବା ପରିବର୍ତ୍ତେ ଉପରିଭାଗରେ ପିଚୁକାମ ଶେଷ କରାଯାଇଛି। ଏଭଳି ସ୍ଥିତିରେ ପୋଲର ଖମ୍ବ ଓ କଂକ୍ରିଟ ସ୍ଲାବ ମରାମତି କିପରି ହେବ ବୋଲି ସୋସାଇଟି ପ୍ରଶ୍ନ କରିଛି। ଅନ୍ୟପକ୍ଷରେ ପୋଲର ପଶ୍ଚିମ ପାର୍ଶ୍ୱ ବ୍ୟବସାୟୀମାନଙ୍କ ଉଚ୍ଛେଦ ପରେ ମରାମତି କାର୍ଯ୍ୟ କରାଯାଇଥିବା ବେଳେ ପୂର୍ବପଟରେ ବ୍ୟବସାୟୀଙ୍କୁ ଅପସାରଣ ନ କରି ଠିକା ସଂସ୍ଥା କାର୍ଯ୍ୟ କିପରି ଓ କେମିତି ଶେଷ କଲା ତାହାକୁ ନେଇ ସୋସାଇଟିର କର୍ମକର୍ତ୍ତାମାନେ ଉଦବେଗ ପ୍ରକାଶ କରିଛନ୍ତି। ମରାମତି କାର୍ଯ୍ୟ ଆରମ୍ଭ ପୂର୍ବରୁ ବିଭାଗୀୟ ଇଞ୍ଜିନିୟରମାନେ ଉଚ୍ଛେଦ ପ୍ରକ୍ରିୟା ଶେଷ ନ ହେଲେ ସଠିକ ମରାମତି କାର୍ଯ୍ୟ ହୋଇପାରିବ ନାହିଁ ବୋଲି ଜିଲା ପ୍ରଶାସନକୁ ବହୁବାର ଚିଠି ଲେଖିଥିବା ବେଳେ ଏବେ ପୋଲ ତଳଭାଗର ମରାମତି କାର୍ଯ୍ୟ କିପରି କରାଯାଉଛି ତାହାକୁ ନେଇ ସେମାନେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଶ୍ନ କରିଥିଲେ। ବିପଦ ଶଙ୍କୁଳ ଅବସ୍ଥାରେ ଥିବା ପୋଲର ଉଚିତ ମରାମତି କରାନଯାଇ ସରକାରୀ ଅର୍ଥ ଆତ୍ମସାତ୍ ପାଇଁ ଏକ ଚକ୍ରାନ୍ତ ହୋଇଛି ବୋଲି ସୋସାଇଟି ପକ୍ଷରୁ ଆରୋପ କରାଯାଇଛି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅବମାନନା ନ କରି ଯେନତେନ ପ୍ରକାରେଣ ମରାମତି କାର୍ଯ୍ୟ ଶେଷ କରିବାକୁ ଉଦ୍ୟମ ହେଉଥିବା ନେଇ କର୍ମକର୍ତ୍ତାମାନେ କହିଛନ୍ତି। ପୋଲର ମରାମତି ପାଇଁ ଅଟକଳ ହୋଇଥିବା ୮.୯ କୋଟି ଟଙ୍କାରୁ ପ୍ରଥମ ପର୍ଯ୍ୟାୟରେ ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଥିବା ୪.୯୩ କୋଟି ଟଙ୍କାକୁ ହଡ଼ପ ନିମନ୍ତେ ଏଭଳି କାର୍ଯ୍ୟ କରାଯାଉଥିବା ସେମାନେ କହିଛନ୍ତି। କାହାର ଚାପରେ ପ୍ରଶାସନ ଏଭଳି ନିଷ୍ପତ୍ତି ନେଇଛି ତାହାକୁ ନେଇ ସୋସାଇଟି ପକ୍ଷରୁ ପ୍ରଶ୍ନ କରାଯାଇଛି। ପିଲାର ତଳୁ ଦୋକାନ ଅପସାରଣ ସହ ପୋଲର ନିମ୍ନ ଭାଗ ତୁରନ୍ତ ଉଚିତ ମରାମତି କରା ନ ଗଲେ ଆଗାମୀ ଦିନରେ ସିଭିଲ ସୋସାଇଟି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଜିଲା ପ୍ରଶାସନ ସ୍ପଷ୍ଟୀକରଣ ନ ଦେବା ପର୍ଯ୍ୟନ୍ତ ଏହି ପୋଲରେ ଯାତାୟାତ ବନ୍ଦ କରାଯିବ ବୋଲି ସେମାନେ ସୂଚନା ଦେଇଛନ୍ତି। ଏନେଇ ସୋସାଇଟି ପକ୍ଷରୁ ଏକ ଦାବିପତ୍ର ଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳଙ୍କ ସହ ଆଲୋଚନା ବେଳେ ସୋସାଇଟିର ସଭାପତି ଓ ସମ୍ପାଦକଙ୍କ ସମେତ ଗୌରାଙ୍ଗ ପାଣିଗ୍ରାହୀ, ସନ୍ତୋଷ କୁମାର ସାହୁ, ସୀତାରାମ ପ୍ରଧାନ, ବିକାଶ ଦାସ, ନିରଞ୍ଜନ ପରିଡ଼ା, ଦେବବ୍ରତ ପାଣିଗ୍ରାହୀ, ରବି କୁମାର ପାଣିଗ୍ରାହୀ, ପରମାନନ୍ଦ ପଣ୍ଡା, ନିର୍ମଳ କୁମାର ନାୟକ, ସମରେନ୍ଦ୍ର ନାଥ ପଣ୍ଡା, ପରମେଶ୍ୱର ପାତ୍ର, ଶ୍ୟାମସୁନ୍ଦର ଜେନା, ସଂଜିତ କୁମାର ପାଢ଼ୀ, ଶରତ ଚନ୍ଦ୍ର ଦଳାଇ, ସୁଦର୍ଶନ ଦାସ ଓ ଭରତ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦୀପାବଳିରେ ନୃତ୍ୟଶିକ୍ଷା ପକ୍ଷରୁ ଜେଲ ପରିସରରେ ମନୋରଂଜନ କାର୍ଯ୍ୟକ୍ରମ



ଜଳେଶ୍ୱର,୦୫/୧୧ (ନି.ପ୍ର): ପିତ୍ର ଦୀପାବଳିରେ କେବଳ ପୂର୍ବପୁରୁଷଙ୍କ ଶ୍ରଦ୍ଧ ନୁହେଁ ବରଂ ଆଲୋକର ପର୍ବରେ ସମସ୍ତ ଅନ୍ଧକାରକୁ ଦୂର କରି ନିଜ ଜୀବକୁ ଆନନ୍ଦମୁଖର କରିବା ପ୍ରତ୍ୟେକଙ୍କ କର୍ତ୍ତବ୍ୟ ବୋଲି ଦୀପାବଳି ଅବସରରେ ଜଳେଶ୍ୱର ଉପକାରାଗାରରେ ଅଧ୍ୟକ୍ଷା ଅନୁସୂୟା ଷଡଙ୍ଗୀ ଆୟୋଜିତ ଉତ୍ସବରେ ମତପ୍ରକାଶ କରିଛନ୍ତି । ଜଳେଶ୍ୱର ଉପକାରାଗାରରେ ୧୪୦ଜଣ ବିଚାରାଧିନ କଏଦି ଥିବା ବେଳେ ସେମାନଙ୍କ ମନରୁ ବିଦ୍ୱେଷ, ହିଂସା ଦୂରଲାଗି ଜଳେଶ୍ୱରସ୍ଥିତ ଅଗ୍ରଣୀ ପ୍ରତିଷ୍ଠାନ ନୃତ୍ୟଶିକ୍ଷା ଫାଉଣ୍ଡେସନର ଶିଳ୍ପୀମାନଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଅନୁଷ୍ଠାନର କୁନି କୁନି ଶିଳ୍ପୀମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଜେଲର ଅନ୍ତେବାସୀମାନେ ମଧ୍ୟ ଏଥିରେ ଭାଗ ନେଇଥିଲେ । ନୃତ୍ୟଶିକ୍ଷା ଫାଉଣ୍ଡେସନର ପ୍ରତିଷ୍ଠାତା ସୁଶାନ୍ତ କୁମାର ବେହେରା ଏହି କାର୍ଯ୍ୟକ୍ରମର ଆୟୋଜ କରିଥିଲେ । ଜେଲ ପରିସରରେ ଏକ ନିଆରା ଢଙ୍ଗରେ ଦୀପାବଳି ପାଳନ ଅବସରରେ ସମସ୍ତେ ଏହାର ମଜା ନେଇଥିଲେ ।

ବାଲେଶ୍ୱର, ଶନିବାର, ୦୬ ନଭେମ୍ବର, ୨୦୨୧

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଜୟଦେବକସବା ପାହିରେ ଜିଲ୍ଲାସ୍ତରୀୟ ସୁନାମୀ ମକଡ୍ରିଲ

ବାଲେଶ୍ୱର,୦୫/୧୧ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ଜୟଦେବକସବା ପାହିସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀରେ ଏକ ଜିଲାସ୍ତରୀୟ ସୁନାମୀ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ଏଥି ସହିତ ଜିଲାର ୫ଟି ସୁନାମୀପ୍ରବଣ ବ୍ଲକ ବାଲିଆପାଳ, ବାହାନଗା, ଭୋଗରାଇ, ରେମୁଣା ଓ ବାଲେଶ୍ୱର ସଦରର ୧୫ଟି ସ୍ଥାନରେ ମଧ୍ୟ ଏହି ମକଡ୍ରିଲ ଆୟୋଜିତ ହୋଇଥିଲା । ହାଇଦ୍ରାବାଦର 'ଇଣ୍ଡିଆନ ନ୍ୟାସନାଲ ସେଣ୍ଟର ଫର ଓସେନ ଇନଫରମେସନ ସର୍ଭିସେସ' (ଇନକଏସ), ସହଯୋଗରେ ଆୟୋଜିତ ଏହି ମକଡ୍ରିଲରେ ସୁନାମୀ ବିପର୍ଯ୍ୟୟ ମୁକାବିଲା ପ୍ରାକ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା ଏବଂ ଆକଳନ କରାଯାଇଥିଲା । "ଇନକଏସ" ପକ୍ଷରୁ ଡମି ସତର୍କ ସନ୍ଦେଶ ମିଳିବା ପରେ ସ୍ଥାନୀୟ ଲୋକମାନଙ୍କୁ ପୂର୍ବରୁ ସ୍ଥିରୀକୃତ ନିରାପଦ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା । ଏହା ପରେ ଓଡ୍ରାଫ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ପକ୍ଷରୁ ବିଭିନ୍ନ ଉଦ୍ଧାର କୌଶଳ ପ୍ରଦର୍ଶନ ସହ ଜନସାଧାରଣଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା । ସୁନାମୀ ସତର୍କ ସୂଚନା ମିଳିବା ପରେ ସ୍ଥାନୀୟ ଜନସାଧାରଣ କିପରି ନିଜ ହାତପାଆନ୍ତାରେ ଥିବା ବିଭିନ୍ନ ଉପକରଣକୁ ବ୍ୟବହାର କରି ଧନଜୀବନ, ଗୃହପାଳିତ ପଶୁଙ୍କ ଜୀବନ ରକ୍ଷା କରିବେ ସେ ସମ୍ପର୍କରେ ସମସ୍ତଙ୍କୁ ସୂଚନା ଦିଆଯାଇଥିଲା । ସେହିପରି ଆସନ୍ନପ୍ରସବା, ପ୍ରସୂତି ଏବଂ ଦିବ୍ୟାଙ୍ଗ ବ୍ୟକ୍ତିଙ୍କର ଏହି ସମୟରେ କିଭଳି ଉପଯୁକ୍ତ ଯତ୍ନ ନିଆଯାଇ ସେମାନଙ୍କୁ ସୁରକ୍ଷିତ ଭାବେ ନିରାପଦ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇପାରିବ ସେ ସମ୍ପର୍କିତ କୌଶଳ ପ୍ରଦର୍ଶନ କରାଯାଇଥିଲା । ଓଡ୍ରାଫ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେଉଥିବା ବିଭିନ୍ନ ଉପକରଣ ପ୍ରଦର୍ଶନ କରିବା ସହିତ ସେ ଗୁଡିକର କାର୍ଯ୍ୟକ୍ଷମତା ବାବଦରେ ଅବଗତ କରାଇଥିଲେ । ଜିଲ୍ଲାସ୍ତରୀୟ ମକଡ୍ରିଲ କାର୍ଯ୍ୟକ୍ରମରେ ଜିଲା ଜରୁରୀକାଳୀନ ଅଧିକାରୀ ରିଜୱାନା କଅକବ, ସଦର ବ୍ଲକ ବିଡିଓ ନରେନ୍ଦ୍ର ଖମାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସମ୍ପର୍କ"ର କର୍ମକର୍ତ୍ତା ଯୋଗ ଦେଇଥିଲେ । ଓସଡାମା ଜିଲା ପ୍ରକଳ୍ପ ସଂଯୋଜକ ଅବନୀକାନ୍ତ ଭୂୟାଁ, ଓଡ୍ରାଫ୍ ଓ ଅଗ୍ନିଶମ ବିଭାଗୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

# ମୋଦିଙ୍କ କେଦାରନାଥ ଭେଟି ସନାତନୀ ଧର୍ମୀଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବ : ଧର୍ମେନ୍ଦ୍ର ପ୍ରଧାନ



ପୁରୀ/ଭୁବନେଶ୍ୱର,୦୫/୧୧ (ନି.ପ୍ର): ଦେବଭୂମି କେଦାରନାଥ ଧାମରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ଆଦି ଗୁରୁ ଶଙ୍କରାଚାର୍ଯ୍ୟଜୀଙ୍କର ସମାଧି ଓ ପ୍ରତିମୂର୍ତିର ଉନ୍ମୋଚନ ହୋଇଯାଇଥିବା ବେଳେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ଧର୍ମେନ୍ଦ୍ର ପ୍ରଧାନ ଶ୍ରୀଜଗନ୍ନାଥ ଧାମ ପୁରୀରୁ ଭିଡ଼ିଓ ପ୍ଲାଟଫର୍ମରେ ଯୋଡ଼ି ହୋଇ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କେଦାରନାଥ ଭେଟି ସନାତନୀ ଧର୍ମୀଙ୍କ ପାଇଁ ଲମ୍ବା ସମୟ ଧରି ସ୍ମରଣୀୟ ହୋଇ ରହିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଅଢେଇ ହଜାର ବର୍ଷ ପୂର୍ବରୁ ସମାଜ ଦୋଛକିରେ ଥିବା ବେଳେ ଆଦି ଶଙ୍କରାଚାର୍ଯ୍ୟ କମ୍ ବୟସରେ ଦେଶ ପରିଭ୍ରମଣ କରିବା ସହ ଭାରତୀୟ ସଂସ୍କୃତି, ପରମ୍ପରା ଓ ବିଚାର ପଦ୍ଧତିର ପ୍ରଚାରପ୍ରସାର କରିଥିଲେ । ଭାରତର ଐତିହ୍ୟ ଓ ସଂସ୍କୃତିର ପ୍ରଚାରପ୍ରସାର ପାଇଁ ଚାରି ଧାମ ଯଥା ପୁରୀ, ରାମେଶ୍ୱରମ, ବଦ୍ରୀନାଥ ଓ ଦ୍ୱାରକା ଆଦିରେ ମଠ ସ୍ଥାପନା କରିଥିଲେ । ଏହି ପରମ୍ପରା ଆଧାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସମଗ୍ର ସମାଜର ଆସ୍ଥା ଭଗବାନ କେଦାର ବାବାଙ୍କ ପାଖରେ ଆଜି ପୂଜାର୍ଚ୍ଚନା କରି ନିଜର ସମର୍ପଣ ଭାବ ଦେଖାଇଛନ୍ତି । ପ୍ରଧାନମନ୍ତ୍ରୀ ଦ୍ୱାରା ଲୋକାର୍ପିତ ହୋଇଥିବା ପବିତ୍ର କେଦାରନାଥ ଧାମରେ ଶଙ୍କରାଚାର୍ଯ୍ୟଙ୍କ ସମାଧି ଓ ପ୍ରତିମୂର୍ତି ଶ୍ରଦ୍ଧାଳୁମାନଙ୍କୁ ଆଧାମିକ ଚେତନାର ଅନୁଭବ କରାଇବ । ଏହି କାର୍ଯ୍ୟକ୍ରମ ଭାରତ ବୈଶ୍ୱିକ ମହାଶକ୍ତିରେ ପରିଣତ ହେବା ଦିଗରେ ବଡ଼ ପ୍ରତିଫଳନ ବୋଲି ସେ କହିଛନ୍ତି । ସେହିପରି ପବିତ୍ର ଭାରତୀୟ ସନାତନ ଧର୍ମର ପ୍ରଚାରକ ଆଦି ଶଙ୍କରାଚାର୍ଯ୍ୟଙ୍କ ଏହି ଭବ୍ୟ ପୂର୍ଣ୍ଣାଙ୍ଗ ପ୍ରତିମା ଉନ୍ମୋଚନ କାର୍ଯ୍ୟକ୍ରମରେ ପୁରୀ ସମେତ ସାରା ଭାରତବର୍ଷରୁ ସନାତନୀ ଧର୍ମୀ ଏକାଠି ହେବା ଗୌରବର ଦିନ । ପୁରୀ ଗୋବର୍ଦ୍ଧନ ପୀଠ ସ୍ଥାନରେ ସମସ୍ତ ମାନଗଣ୍ୟ ବ୍ୟକ୍ତି ଓ ସାଧୁସନ୍ଥ ମଧ୍ୟ ଏକାଠୀ ହେଇଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଛନ୍ତି ଯେ ମଠର ମହନ୍ତ, ଧର୍ମାଚାର୍ଯ୍ୟ କେବଳ ପୂଜାର୍ଚ୍ଚନାର ଅଙ୍ଗ ନୁହଁନ୍ତି । ମୂଳତଃ ଆମ ସମାଜରେ ବୁଦ୍ଧି, ଜ୍ଞାନ, ଗଣିତ, ବିଜ୍ଞାନ ଓ ଚିକିତ୍ସାଶାସ୍ତ୍ରର ପ୍ରୟୋଗଶାଳା । ପୁରୀ ସ୍ଥିତ ଗୋବର୍ଦ୍ଧନ ପୀଠ ବୈଦିକ ଗଣିତର ଆଦ୍ୟ କେନ୍ଦ୍ର ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସାକ୍ଷାତ୍ ଦର୍ଶନ କରିବା ଅବସରରେ କହିଛନ୍ତି ଶ୍ରୀ ପ୍ରଧାନ ଯେ ଭାରତବର୍ଷରେ ଧୀରେ ଧୀରେ ସବୁ ତୀର୍ଥ କ୍ଷେତ୍ର ଗୁଡ଼ିକୁ ପ୍ରାଥମିକତା ଭିତିରେ ବିକାଶ କରିବା ପାଇଁ ଭାରତ ସରକାର ଦାୟିତ୍ୱ ନେଇଛନ୍ତି । ଚାରି ଧାମ ମଧ୍ୟରୁ ଅନ୍ୟତମ ଧାମ ପୁରୀ ଧାମ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ପୁନରୁଦ୍ଧାର ପାଇଁ ଭାରତ ସରକାରଙ୍କ ପକ୍ଷରୁ ଆବଶ୍ୟକ ଥିବା ଅନୁମତି ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଥମେ ପୁରୀ ସ୍ଥିତ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ ଏହି ସ୍ୱତନ୍ତ୍ର ସମାରୋହରେ ଯୋଗଦେଇଥିଲେ । ପରେ କେନ୍ଦ୍ରମନ୍ତ୍ରୀ ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ଜଗତଗୁରୁ ପରମପୂଜ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜାଙ୍କୁ ସାକ୍ଷାତ୍ କରି ତାଙ୍କର ଆଶୀର୍ବାଦ ନେଇଥିଲେ । ଏହବ୍ୟତିତ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହ ସମସ୍ତଙ୍କ ନିରାମୟ ଜୀବନଯାପନ କାମନା କରିଥିଲେ । ପୁରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ବିଜେପି ମୁଖପାତ୍ର ସମ୍ବିତ ପାତ୍ର, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପିପିଲି ବିଧାୟକ ପ୍ରାର୍ଥୀ ଆଶ୍ରୀତ ପଟ୍ଟନାୟକ ଏବଂ ପୁରୀର ବିଭିନ୍ନ ମଠର ମଠାଧୀଶ ଓ ସାଧୁସନ୍ଥ ପ୍ରମୁଖ ଯୋଗଦେଇଥିଲେ ।

## ଦୃଷ୍ଟିହୀନ ବିଦ୍ୟାଳୟରେ ଶ୍ରୀ ଈଶ୍ୱର ଟିଭି ପରିବାରର ଦୀପାବଳି

ବାଲେଶ୍ୱର,୦୫/୧୧ (ନି.ପ୍ର): ଶ୍ରୀ ଈଶ୍ୱର ଟିଭି ପରିବାର ପକ୍ଷରୁ ବାଲେଶ୍ୱର ସହରର ବର୍ଣିଆମନ୍ଦିର ନିକଟ ପ୍ରୟାସ ଦୃଷ୍ଟିହୀନ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଗହଣରେ ଦୀପାବଳି ପାଳିତ ହୋଇଯାଇଛି । ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ରେବତୀ ପତ୍ରିକାର ସମ୍ପାଦିକା ସମାଜସେବୀ ସୁବାସିନୀ ଜେନା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା ସହିତ କୁନି କୁନି ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ସହ ଆଲୋକର ପର୍ବ ପାଳିଥିଲେ । ଏହି ପିଲାଙ୍କ ସହ ଦୀପାବଳି ପାଳିବା ନେଇ ଶ୍ରୀ ଈଶ୍ୱର ଟିଭି ପରିବାରର ନିଷ୍ପତ୍ତିକୁ ସେ ଭୂୟସୀ ପ୍ରଶଂସା କରିଥିଲେ । ରୋଟାରିଆନ ଯଶୋଦା ନନ୍ଦନ ଆଶ ଏଥିରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କୁନି କୁନି ପିଲାଙ୍କ ସହ ଦୀନ ଓ ରୋଷଣି ଜାଳିଥିଲେ । ଶ୍ରୀ ଈଶ୍ୱର ଟିଭିର ମୁଖ୍ୟ ଲୋକନାଥ ପିରି ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ । ଅତିଥିମାନେ ବିଦ୍ୟାଳୟର ପ୍ରୟାସ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସହ ଦୀପ, ରୋଷଣି ଜାଳି ଥିଲେ । ଅନୁଷ୍ଠାନର ସମ୍ପାଦିକା ଅମିତା ପିରିଙ୍କ ସମେତ କୁଞ୍ଜମଣି ସ୍ୱାଇଁ, ରଞ୍ଜନ ଦାଶ, ଜୟନ୍ତ ଶତପଥୀ, ଶୁଭଙ୍କର ପିରି ପ୍ରମୁଖ ସଦସ୍ୟମାନେ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ ।

## ରାସ୍ତା ଦୁର୍ଘଟଣାରେ ଫରେଷ୍ଟଗାର୍ଡ ମୃତ



ନୀଳଗିରି,୦୫/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ରେଞ୍ଜ ଅଫିସ ସହ ଧୋବଶିଳା ବିଟ୍‌ରେ କାର୍ଯ୍ୟରତ ଜନୈକ ଫରେଷ୍ଟ ଗାର୍ଡଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି । ସୂଚନା ଅନୁଯାୟୀ ନରଣପୁର ବାରାଗଡ଼ିଆ ଗ୍ରାମର ୰ପ୍ରଫୁଲ୍ଲ ସିଂଙ୍କ ପୁତ୍ର ଭଜମୋହନ ସିଂ ନୀଳଗିରି ଫରେଷ୍ଟ ରେଞ୍ଜ ଅଫିସ ସହ ଧୋବଶିଳା ବିଟ୍ ହାଉସରେ କାର୍ଯ୍ୟରତ କର୍ମଚ୍ଚରୀ ଥିଲେ । ସେ ଆଜି ଅପରାହ୍ନ ପ୍ରାୟ ୨.୨୦ମି. ସମୟରେ ନିଜ ଜନ୍ମମାଟି ବାରାଗଡ଼ିଆ ରୁ ନୀଳଗିରି ଅଫିସକୁ ଆସୁଥିବା ବେଳେ ଗୋଡ଼ିଶୁଳ ଛକ ନିକଟରେ ବିପରିତ ଦିଗରୁ ଯାଉଥିବା ନରସିଂହପୁର ଗ୍ରାମର ବିଶ୍ୱଜିତ ଜେନା ଓ ଟିକୁ ଜେନାଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣାରେ ଟିକୁ ଜେନାକୁ ଗୁରୁତର ଅବସ୍ଥାରେ ପ୍ରଥମେ ନୀଳଗିରି ପରେ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଫରେଷ୍ଟ ଗାର୍ଡ ଶ୍ରୀ ସିଂ ଙ୍କୁ ପରିବାର ସହ ବିଭାଗୀୟ କର୍ମଚ୍ଚରୀମାନେ ନୀଳଗିରି ମେଡିକାଲକୁ ଆଣିଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା ପରେ ଶବବ୍ୟବଚ୍ଛେଦ କରାଯାଇଥିଲା । ତାଙ୍କର ଅକାଳ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଏ ନେଇ ନୀଳଗିରି ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

## ଦୀପାବଳିରେ ୨ ଦୋକାନଘର ପୋଡି ଭସ୍ମୀଭୂତ



ଜଳେଶ୍ୱର ୫/୧୧(ନିପ୍ର): ଗତ ଗୁରୁବାର ରାତିରେ ଆଲୋକର ପର୍ବ ଯୋଗୁଁ ସମସ୍ତେ ମଜଗୁଲ ଥିବା ବେଳେ ଜଳେଶ୍ୱର ଥାନା ଅନ୍ତର୍ଗତ ଗୋବରଘଟାଠାରେ ଥିବା ଦୁଇ ଗରିବ ଲୋକଙ୍କର ଦୋକାନଘର ପୋଡି ପାଉଁଶ ହୋଇଛି । କାରଣ ଅସ୍ପଷ୍ଟ ଥିବା ବେଳେ ଦୋକାନଘରେ ଥିବା ସମସ୍ତ ଆସବାପତ୍ର ଓ ବିକ୍ରିପାଇଥିବା ମାଲପତ୍ର ପୋଡି ନଷ୍ଟ ହୋଇ ଯାଇଛି । ଗରିବ ମହିଳା ଶାନ୍ତିଲତା ଦାସ ଓ ଅମର କୁମାର ଦାସ ଙ୍କ ସର୍ବସ୍ୱ ପୋଡିଯାଇଥିବାରୁ ତାଙ୍କୁ ସହାୟତା ଯୋଗାଇବାକୁ ଦାବି ହୋଇଛି ।

## ନଭେମ୍ବର ୮ରୁ ଗଡିବ ଯାଜପୁର-ଖଡଗପୁର ପାସେଞ୍ଜର ଏକ୍ସପ୍ରେସ୍ ଭଡାରେ

ଜଳେଶ୍ୱର, ୫/୧୧(ନିପ୍ର): କୋଭିଡ୍ ସଂକ୍ରମଣ କମିବାପରେ ଜନସାଧାରଙ୍କ ଦାବିକୁ ଗୁରୁତ୍ୱ ଦେଇ ରେଳ ବିଭାଗ ପକ୍ଷରୁ ଗୋଟିଏ ପରେ ଗୋଟିଏ ପାସେଞ୍ଜର ଟ୍ରେନ୍ ଚଳାଚଳ ଆରମ୍ଭ କରୁଛି । ଦକ୍ଷିଣପୂର୍ବ ରେଳବାଇର ମୁଖ୍ୟ ଦପ୍ତର ଗାର୍ଡେନ୍‌ରିଚ୍‌ର ଚିଠି ନଂ ୨ବିଟିଟି/୬୬/୨୦୨୧ ତା ୩-୧୧-୨୧ ଅନୁଯାୟୀ ଯାଜପୁର-ଖଡଗପୁର ୬୮୧୦୯ ଓ ୬୮୧୧୦ ପାସେଞ୍ଜର ଟ୍ରେନ୍‌ଟି ୮ ତାରିଖରୁ ଚଳାଚଳ କରିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ରେଳଟି ଯାଜପୁର କେଉଁଝର ରୋଡରୁ ୮ ତାରିଖ ସକାଳେ ୬.୧୦ମି.ରେ ବାହାରି ସୋର ଭଦ୍ରକ ଠାରେ ୭.୦୫, ସୋର ଠାରେ ୭.୩୭, ବାଲେଶ୍ୱରରେ ୮.୨୧ ଓ ଜଳେଶ୍ୱରରେ ୯.୦୫ରେ ପହଞ୍ଚିବ ବୋଲିସ ଜଣାଯାଇଛି । ଏହି ଗାଡିଟି ୧୧ଟା ସୁଦ୍ଧା ଖଡଗପୁରରେ ପହଞ୍ଚିବାକୁ ଥିବା ବେଳେ ୪.୧୫ରେ ଖଡଗପୁରରୁ ଫେରିବ ବୋଲି ଡେପୁଟି ଚିଫ ଅପରେଟିଂ ମେନେଜର ସଂଜୟ ସିଂ ବିଜ୍ଞପ୍ତି ଜାରି କରିଛନ୍ତି । ଏଥିରେ ୫.୨୮ରେ ଜଳେଶ୍ୱର, ୬.୨୨ରେ ବାଲେଶ୍ୱର, ୭.୦୩ରେ ସୋର, ୮.୩୫ରେ ଭଦ୍ରକ ଓ ରାତି ୯.୪୦ରେ ଯାଜପୁର କେଉଁଝର ରୋଡରେ ପହଞ୍ଚିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି । ଏହି ଟ୍ରେନ୍‌ଟି ୩୭ଟି ରେଳ ଷ୍ଟେସନରେ ରହଣି ଥିବା ବେଳେ ଟିକଟର ବ୍ୟବସ୍ଥା ରହିଛି । କିନ୍ତୁ ଟିକଟର ମୂଲ୍ୟ ପାସେଞ୍ଜର ବଦଳରେ ଏକ୍ସପ୍ରେସ୍ ଭଡା ନିଆଯିବାର ଉଲ୍ଲେଖ ଥିବାରୁ ଏହା ଜଣାଯିବାପରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶଯୋଗ୍ୟ ଜଳେଶ୍ୱରସ୍ଥିତ ସମାଜକଲ୍ୟାଣ ବିକାଶ ପରିଷଦର କର୍ମକର୍ତ୍ତାମାନେ ରେଳବାଇର ଉଚ୍ଚ ପଦସ୍ତ କର୍ମକର୍ତ୍ତାଙ୍କୁ ବାରମ୍ବାର ଦାବି ଉପସ୍ଥାପନ ଓ ସାକ୍ଷାତ କରିବାପରେ ଭଦ୍ରକ-ଖଡଗପୁର ପାସେଞ୍ଜର ଟ୍ରେନ୍‌ଟି ସାଧାରଣ ଭଡାରେ ଚଳାଚଳ ଆରମ୍ଭ କରିଥିଲା । ଚାଲିବାର କିଛିଦିନ ପରେ ତାହାକୁ ଏକ୍ସପ୍ରେସ୍ ଭଡା ନେବାର ରେଳବାଇ ସିଦ୍ଧାନ୍ତ ନେଇଥିଲ । ଫଳରେ ବ୍ୟାପକ ଆନ୍ଦୋଳନର ସୂଚନା ମିଳିବା ପରେ ଏବେ ପାସେଞ୍ଜର ଭଡାରେ ଚଳାଚଳ କରୁଛି । ସେହିପରି ଜଳେଶ୍ୱର-ହାଓ୍ୱଡା ଓ ପଶ୍ଚିମବଂଗରରେ ଚଳାଚଳ କରୁଥିବା ସମସ୍ତ ପାସେଞ୍ଜର ଟ୍ରେନ୍ ସାଧାରଣ ଭଡାରେ ଯାତାୟାତ କରୁଥିବାବେଳେ ଓଡିଶାରୁ ଯାଉଥିବା ଯାଜପୁର-ଖଡଗପୁର ପାସେଞ୍ଜର ଟ୍ରେନ୍ ଏକ୍ସପ୍ରେସ୍ ଭଡାରେ ଚାଲିବାକୁ ଥିବାରୁ ଅସନ୍ତୋଷ କୁହୁଳୁଥିବା ଜଣାଯାଇଛି । ତେଣୁ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିନଦେଲେ ସମାଜ କଲ୍ୟାଣ ବିକାଶ ପରିଷଦ, ବଣିକ ସଂଘ, ରୋଟାରୀ କ୍ଲବ, ଲାୟନ୍ସ କ୍ଲବ, ଜଳେଶ୍ୱର ଯୁବମଂଚ, ବରିଷ୍ଠ ନାଗରିକ ମଂଚ, ବିଦ୍ୟୁତ୍ ଉପଭୋକ୍ତା ମଂଚ ପ୍ରମୁଖ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି ।

## ସଦର ବିଜେଡିର ମିଶ୍ରଣ ପର୍ବ

### ଦଳରେ ଯୋଗ ଦେଲେ ୩ଶହରୁ ଉର୍ଦ୍ଧ୍ୱ ଯୁବ-ଛାତ୍ରନେତା

ବାଲେଶ୍ୱର,୦୫/୧୧ (ନି.ପ୍ର): ବିଜୁ ଜନତା ଦଳ ସଦର ଶାଖା ପକ୍ଷରୁ ଏକ ମିଶ୍ରଣ ପର୍ବ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଗତ ସଦର ଉପ-ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଯୁବନେତା ଭାଗ୍ୟଉଦିତ ଦାସପଟ୍ଟନାୟକ, ଛାତ୍ରନେତା ବିଭୂଦତ୍ତପରିଡ଼ା, ସଞ୍ଜୀବ ହୈଟ, ସମରଜିତ ପାତ୍ର, ପ୍ରଦୋଷ ମହାନ୍ତି, ବିକାଶ ବେହରା, ବିଶ୍ୱଜିତ ବେହେରା, ସୁଜନ କୁମାର ଜେନା, ଯୋଗେଶ ଦାସ, ବିଦ୍ୟାଜ୍ୟୋତି ମହାନ୍ତି, ଅଜୟ ନାୟକ, ସତ୍ୟପ୍ରକାଶ ନାୟକ, ଗତିରାଜ ନାୟକ ପ୍ରମୁଖଙ୍କ ସମେତ ୩ଶହରୁ ଉର୍ଦ୍ଧ୍ୱ ଛାତ୍ରନେତା ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗଦାନ କରିଛନ୍ତି । ସଦର ବିଧାୟକ ସ୍ୱରୂପ କୁମାର ଦାସ ନବାଗତ ଯୁବନେତା ଓ ଛାତ୍ରନେତାଙ୍କୁ ଦଳୀୟ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ । ଯୁବକର୍ମୀଙ୍କ ନିଷ୍ଠାପୂର୍ଣ୍ଣ କାର୍ଯ୍ୟ ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନରେ ଦଳକୁ ନିଶ୍ଚିତ ସଫଳତା ଆଣିଦେବ ବୋଲି ବିଧାୟକ ଶ୍ରୀ ଦାସ ଆଶା ପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ମଳ ଭାବମୂର୍ତ୍ତି ଓ ଦୀର୍ଘ ବର୍ଷର ସ୍ୱଚ୍ଛ ଶାସନରେ ଅନୁପ୍ରାଣୀତ ହୋଇ ସେମାନେ ବିଜେଡିରେ ଯୋଗଦେବାକୁ ନିଷ୍ପତ୍ତି ନେଇଥିବା ନବାଗତ ଯୁବ ଓ ଛାତ୍ର ନେତାମାନେ ଏହି ଅବସରରେ ପ୍ରକାଶ କରିଥିଲେ । ତେବେ ଦଳର ନୀତି ନିୟମ ସମ୍ବିଧାନକୁ ସମ୍ମାନ ଦେଇ କାର୍ଯ୍ୟ କରିବେ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ଜିଲା ବିଜେଡି ଉପ-ସଭାପତି ଗୌରୀ କୁମାର ରାଉତ, ବିଜେଡି ଟାଉନ ମହିଳା ସଭାପତି ମୀନା ମହାନ୍ତି, ବିଜେଡି ସଦର ବ୍ଲକ ସଭାପତି ବସନ୍ତ କୁମାର ପଣ୍ଡା, ମନୋଜ କୁମାର ରାଉତ, ବ୍ଲକ ଯୁବ ସଭାପତି ଦିଲୀପ ମହାନ୍ତି, ଟାଉନ ଯୁବ ସଭାପତି ରମାଶଙ୍କର ତିଆଡ଼ି, ଯୁବନେତା ଶକ୍ତିପଦ ରାୟ ପ୍ରମୁଖ ଏହି ମିଶ୍ରଣ ପର୍ବରେ ଯୋଗଦେଇ ନବାଗତ ଛାତ୍ର-ଯୁବ ନେତାଙ୍କୁ ଉତ୍ସାହିତ କରିଥିଲେ ।

## ଏକଲ ଅଭିଯାନ ତରଫରୁ ଦୀପାବଳି ଉତ୍ସବ ପାଳିତ



ଉଦଳା,୦୫/୧୧ (ନି.ପ୍ର): ବନବନ୍ଧୁ ପରିଷଦ ଦ୍ୱାରା ପରିଚାଳିତ ଏକଲ ଅଭିଯାନର ଉଦଳା ସଞ୍ଚ ଅନ୍ତର୍ଗତ କଲୋନୀ ସାହି ଠାରେ ଚଳିତ ବର୍ଷ ଦିପାବଳୀ ଉତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏହି ଅବସରରେ ସନ୍ଧ୍ୟାରେ ତୁଳସୀ ଚୌରା ମୁଳରେ ପ୍ରଦୀପ ପ୍ରଜ୍ୱଳନ, ବେଦମନ୍ତ୍ର ଉଚ୍ଚାରଣ, ଶଙ୍ଖ ନାଦ ଓ ଆଲୋଚନା ଚକ୍ରର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଏଠାରେ ଏକଲ ବିଦ୍ୟାଳୟରେ କାର୍ଯ୍ୟରତ ଆଚାର୍ଯ୍ୟା ରଶ୍ମିରେଖା ନାୟକ ସମସ୍ତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଏହାପରେ ଅତିଥି ଓ ଗ୍ରାମବାସୀ ସମସ୍ତେ ମିଳିମିଶି ତୁଳସୀ ଚୌରା ମୂଳେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ମହିଳା ମାନେ ଶଙ୍ଖନାଦ କରିଥିଲେ ଓ ଛୋଟ ପିଲାମାନେ ଏକ ସ୍ୱରରେ ଗାୟତ୍ରୀ ମନ୍ତ୍ର, ମହାମୃତ୍ୟୁଞ୍ଜୟ ମନ୍ତ୍ର ଓ ବିଜୟ ମହାମନ୍ତ୍ର ଉଚ୍ଚାରଣ କରିଥିଲେ । ପରେ ଏଠାରେ ଦାୟିତ୍ୱରେଥିବା ସଞ୍ଚ ପ୍ରମୁଖ ଅଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଆଲୋଚକ ଭାବରେ ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡା, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ଓ ଗ୍ରାମପ୍ରମୁଖ ରଞ୍ଜିତା ନାୟକ ଅଂଶ ଗ୍ରହଣ କରି ଦିପାବଳୀ ପର୍ବ କାହିଁକି ପାଳନ କରାଯାଏ ଓ ପୟା ଶ୍ରାଦ୍ଧ କଣ ? ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଶେଷରେ ସମସ୍ତଙ୍କୁ ମିଷ୍ଟାନ ବଣ୍ଟନ ସହିତ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

## ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟରେ ପବିତ୍ର ଦୀପାବଳି ପାଳିତ



ଜଳେଶ୍ୱର, ୫/୧୧(ନିପ୍ର): ଜଳେଶ୍ୱରରେ ଗଢିଉଠିଥିବା ନନ୍ଦିକାସ୍ଥିତ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ କୁନି କୁନି ପିଲାଙ୍କୁ ନେଇ ଓ ସେମାନଙ୍କ ମୁହଁରେ ହସ ଫୁଟାଇବା ନେଇ ଆୟୋଜିତ ଦୀପାବଳି ଉତ୍ସବରେ ବିଦ୍ୟାଳୟର ସଭାପତି କମଳ ଚକ୍ରବର୍ତ୍ତୀ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ସୁନିଲ କୁମାର ନାୟକ, ଅତିଥିଭାବେ ଅଶୋକ କୁମାର ଦାସ, ମନୋରଂଜନ ଦାସ, ଶିବ ନାରାୟଣ ମହାପାତ୍ର, ଜଗନ୍ନାଥ ପରିଡା ପ୍ରମୁଖ ଯୋଗ ଦେଇ ଏଭଳି ଉତ୍ସବର ଆବଶ୍ୟକତା ସଂପର୍କରେ କହିଥିଲେ । ପ୍ରଧାନ ଶିକ୍ଷକ ଆଇଜାକ୍ ପରିଡା ପ୍ରଦୀପ ପ୍ରଜ୍ଜଳନ କରିଥିଲେ । ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଫଳ, ମିଷ୍ଟାନ୍ନ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା । ଶିକ୍ଷୟତ୍ରୀ ଧରିତ୍ରୀ ଦେ, ସୁଚିସ୍ମିତା ସେନାପତି, ଲୋପାମୁଦ୍ର ପରିଡା, ମିନା ବେହେରା, ଆଲୋକ ପ୍ରଧାନ, ଆଶିଷ ମହାପାତ୍ର, ଅରୁଣ ଦେ, ଗୌରୀ ଶଂକର ପ୍ରଧାନ, ମାମୁନୀ ଦେ, ଚିନାରାଣୀ ଦେ, ଧରିତ୍ରୀ ପରିଡା, ଯଦୁନାଥ ନାୟକ ପ୍ରମୁଖ ପରିଚାଳନା କରିଥିଲେ । ଅଜୟ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଜଙ୍ଗଲ କିସମ ଜମି ଶିକ୍ଷାନୁଷ୍ଠାନ ବ୍ୟବହାର ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ନେବାକୁ ସଚେତନ ନାଗରିକ ମଞ୍ଚ ତରଫରୁ ଦାବି

ବାରିପଦା,୦୫/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଆଦିବାସୀ ବହୁଳ ଓଡ଼ିଶାର ସବୁଠାରୁ ବଡ ଜିଲ୍ଲା । ଏହି ଜିଲ୍ଲାରେ ବହୁ ଶିକ୍ଷାନୁଷ୍ଠାନ ସରକାରୀ ଜମି ଏବଂ ଗ୍ରାମ୍ୟ ଜଙ୍ଗଲ ବା ରାଜସ୍ୱ ଜଙ୍ଗଲ ଉପରେ ଗଢି ଉଠିଛି । ତା ଛଡା ଆଗରୁ ଆମ ରାଜ୍ୟରେ +୨ ଏବଂ +୩ ଉଚ୍ଚ ଶିକ୍ଷା ଅଧିନରେ ଥିଲା । ବର୍ତ୍ତମାନ +୩ ଉଚ୍ଚ ଶିକ୍ଷା ଅଧିନରେ ଥିବା ବେଳେ +୨ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଅଧିନକୁ ଆସିଛି । ବର୍ତ୍ତମାନ ନିୟମ ଅନୁସାରେ +୨ ଏବଂ +୩ ଶିକ୍ଷାନୁଷ୍ଠାନ ନାମରେ ଅଲଗା ଅଲଗା ଜମି ରେକର୍ଡଭୁକ୍ତ କରାଯିବାର ଆବଶ୍ୟକତା ରହିଛି । ତେଣୁ +୨ ବା +୩ ଅଲଗା ହେବା ପରେ ଅଧିକ ଜମିର ଆବଶ୍ୟକତା ପଡୁଛି । ତେଣୁ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିକଟରେ ଥିବା ଜଙ୍ଗଲ କିସମ ଜମି ଶିକ୍ଷାନୁଷ୍ଠାନ ବ୍ୟବହାର କରିବାର ଆବଶ୍ୟକତା ପଡୁଛି । କିନ୍ତୁ କେନ୍ଦ୍ର ସରକାରଙ୍କର ବିନା ଅନୁମତିରେ ଜଙ୍ଗଲ କିସମ ଜମି ଶିକ୍ଷାନୁଷ୍ଠାନ ନିମନ୍ତେ ବ୍ୟବହର କରାଯାଇ ପାରିବ ନାହିଁ । କେନ୍ଦ୍ର ସରକାରଙ୍କ ଅନୁମତି ପାଇବାକୁ ହେଲେ ସଂପୃକ୍ତ ଶିକ୍ଷାନୁଷ୍ଠାନ ସଂପୃକ୍ତ ଶିକ୍ଷାନୁଷ୍ଠାନ ଅନଲାଇନ ମାଧ୍ୟମରେ ବା ବନଖଣ୍ଡ ଅଧିକାରୀଙ୍କ୍ ନିକଟରେ ନିୟମ ଅନୁଯାୟୀ ଆବେଦନ କରିପାରିବେ । କିନ୍ତୁ ଏଥି ପୂର୍ବୁ ଜିଲ୍ଲା ପ୍ରଶାସନ ସଂପୃକ୍ତ ଜଙ୍ଗଲ କିସମ ଜମି ଆବେଦନ କରିଥିବା ଶିକ୍ଷାନୁଷ୍ଠନ ନାମରେ ସାଇଟ୍ ସିଲେକସନ କମିଟି ଦ୍ୱାରା ଚୟନ କରିଥିବା ଦରକାର ବା ରାଜ୍ୟ ସରକାର ଏଥିପାଇଁ ଅନୁମତି ଦେଇଥିବା ଆବଶ୍ୟକ, ତାହେଲେ ସଂପୃକ୍ତ ଶିକ୍ଷାନୁଷ୍ଠାନମାନେ ବ୍ୟବହାରକାରୀ ସଂସ୍ଥା ଭାବରେ ବନଖଣ୍ଡ ଅଧିକାରୀଙ୍କ ମାଧ୍ୟମରେ କେନ୍ଦ୍ର ସରକାରଙ୍କୁ ଆବେଦନ କରିପାରିବେ ଏବଂ କେନ୍ଦ୍ର ସରକାରଙ୍କର ଅନୁମତି ପାଇଲା ପରେ ତହସିଲଦାରଙ୍କ ମାଧ୍ୟମରେ ସେହି ଜଙ୍ଗଲ କିସମ ଜମିକୁ ଶିକ୍ଷାନୁଷ୍ଠାନମାନେ ବ୍ୟବହାର କରିପାରିବେ । ଏଥି ନିମନ୍ତେ ବ୍ୟବହାର କରି ଶିକ୍ଷାନୁଷ୍ଠାନମାନଙ୍କୁ କେନ୍ଦ୍ର ସରକାରଙ୍କ ସର୍ତ୍ତ ପୂରଣ କରିବାକୁ ପଡିବ । ପ୍ରତି ବଦଳରେ ଶିକ୍ଷାନୁଷ୍ଠାନ ମାନଙ୍କୁ ଜଙ୍ଗଲ ସୃଷ୍ଟି ନିମିତ୍ତ ଅନ୍ୟ ଜାଗାରେ ଜମି ଦେବାକୁ ପଡିପାରେ ବା ଧାର୍ଯ୍ୟ ପ୍ରାପ୍ୟ ଦେବାକୁ ପଡିପାରେ । ତେଣୁ ଜିଲ୍ଲା ପ୍ରଶାସନ ଏବଂ ରାଜସ୍ୱ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଚେତନ ନାଗରିକ ମଞ୍ଚ ସଭାପତି ତଥା ବାରିପଦାର ପୂର୍ବତନ ବିଧାୟକ ଦାବୀ କରିଛନ୍ତି । ତାହା ହୋଇପାରିଲେ ଜଙ୍ଗଲ କିସମ ଜମି ଶିକ୍ଷାନୁଷ୍ଠାନ ସ୍ଥାପନ ନିମନ୍ତେ ବ୍ୟବହାର ହୋଇପାରିବ ବୋଲି ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ପୂର୍ବତନ ସିନେଟ ଏବଂ ସିଣ୍ଡିକେଟ କାଉନସିଲ ସଦସ୍ୟ ପ୍ରଦୀପ କୁମାର ନାୟକ ମତ ପ୍ରକାଶ କରିଛନ୍ତି । ଏଥି ନିମନ୍ତେ କେତେକ ଶିକ୍ଷାନୁଷ୍ଠାନ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁଦାମ ମାର୍ଣ୍ଡିଙ୍କୁ ଲିଖିତ ଭାବରେ ଅନୁରୋଧ ମଧ କରିଛନ୍ତି । ତେଣୁ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବୀ ହେଉଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo